ଧରିତ୍ରୀ 51 Years
# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ମେ ୧୮/୨୦୨୫ (୧୮ ପୃଷ୍ଠା+ଛୁଟିଦିନ) Bhubaneswar, Sunday, May 18/2025 Page 18 ₹ 7.00 | DHENKANAL

୫୧ଶ ଭାଗ ୧୭୨ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 51 ISSUE 172 ମୂଲ୍ୟ₹୭/-




Carens Clavis
For epic journeys

Together isn't just a feeling. It's how we move. The new Carens Clavis brings that spirit to life by blending bold design with high ground clearance and spacious 3-row comfort. Advanced tech features like next-gen Kia Connect** with 80+ connected features, and ADAS# Level 2 with 20 autonomous features come together to make every drive safe, seamless and unforgettable. Because when you're with the ones who matter, every journey deserves to feel epic. Pre-book now and get ready for your family's next epic journey.

**Built Smart** Styled for the family


Dual Pane Panoramic Sunroof


67.62 cm (26.62") Dual Panoramic Display Panel


ADAS Level 2 with 20 Autonomous Features


Ventilated Front Seats



Smart Pure Air Purifier with AQI Display


BOSE Premium Sound System with 8 Speakers

**Robust 18 Hi – Safety Package (Standard across all variants)**

• Front Dual Airbags • Front Seat Side Airbags • Side Curtain Airbags • ABS (Anti-lock Brake System) • BAS (Brake Assist System) • ESC (Electronic Stability Control) • VSM (Vehicle Stability Management) • HAC (Hill-start Assist Control) • ESS (Emergency Stop Signal) • DBC (Downhill Brake Control) • Highline Tyre Pressure Monitor • Rear Parking Sensors • Speed Sensing Auto Door Lock • Impact Sensing Auto Door Unlock • All Seats 3-Point Seat Belts with Reminder • ISOFIX • Rear Occupant Alert • All Wheel Disc Brakes

**Kia Service**
Connected • Adaptive • Responsive • Engage

**Introducing My Convenience Secure^**: Option to cover your car's wear and tear parts for up to 3 years from date of delivery.

| 3 Years Unlimited km Warranty | Extended Warranty* Up to 5 Years | IoT Based Smart Services`` | 24x7 \| 3 Years Nationwide RSA° |
|---|---|---|---|

*Terms & Conditions Apply. **Kia Connect comes with 3 years free subscription. Amazon Alexa and any handheld device, mobile phone or/and smartwatch device are not standard car accessory & the customer needs to purchase from a third party. Kia Connect features may vary depending on the variant, device compatibility, software and network availability in the both vehicle and Alexa device. Kia Connect skill is only available in India and can be interacted with in English and Hindi. #Advanced Driver Assistance System (ADAS) is not a substitute for human eye and driver vigilance. It is an assistance feature that enhances driving experience and safety. Effectiveness of ADAS may vary based on actual situation and all objects around vehicle may not be detected. The driver shall remain responsible for safe, vigilant, and attentive driving. ^My Convenience Secure available with My Convenience/ My Convenience Plus at the time of sales at additional cost, covers wear and tear of selected parts only. ``IoT based workshops for live vehicle tracking for digital experience. °RSA coverage across India except Andaman & Nicobar Islands and Lakshadweep. The product & feature images shown in this brochure is for representation purpose only. Features and specifications as shown may not be part of standard fitment and may vary. The colors shown are subject to availability and may not be available across all variants and may differ slightly from those shown in this brochure. The specifications and features may vary depending on models/ variants. Kia India Pvt. Ltd. (Formerly known as Kia Motors India Private Limited) reserves the right to make any changes with respect to the trims, colors, specifications, Kia Connect features and other details of any model as mentioned in this brochure or to discontinue any model without prior notice. For more details visit your local Kia dealership. Kia India Pvt. Ltd. urges you to follow traffic rules, these are meant to keep you safe on roads. We do not endorse vandalism or illegal activities related to road safety. Safety is a top priority, and we urge responsible behavior regarding traffic regulations and road safety.

**FOR INFORMATION CONTACT: BHUBANESHWAR: CENTRAL KIA,** PAHAL, PH: 7440002919, **TRUPTI KIA,** PATRAPADA, PH: 7064414001/ 7064414004/ 7064414005, PURI BYPASS ROAD, PH: 7064414001, **GUGNANI KIA,** PATIA, PH: 9777064777, 9124401544, **BHAWANIPATNA: MAJESTY KIA,** PH: 9124572956, **CUTTACK: CENTRAL KIA,** PH: 9237304769, **ROURKELA: KRISHNA KIA,** PH: 7852941723, **BALASORE: BASANTI KIA,** PH: 7077732182, **BERHAMPUR: CENTRAL KIA,** PH: 7440002919, **SAMBALPUR: CENTRAL KIA,** PH: 7440004263, **ANGUL: CENTRAL KIA,** PH: 7440002919, **JEYPORE: MAJESTY KIA,** PH: 9124572378, **KEONJHAR: TRUPTI KIA,** PH: 7064414005

INNOCEAN-032/25

TSG
Residential School

# GENIUS 50

## TSG GURUKUL SCHOOL

### FOR CLASS XI & XII

(AFFILIATED WITH CBSE & CHSE)

## ADMISSION ELIGIBILITY

- Eligibility: Students who have secured 95% or above in their Class 10 board examinations are eligible to apply for admission to Class 11 through Scholarship Test.
- Total Intake: A maximum of 50 students will be admitted across all streams.
- Science Stream: 30 seats
- Commerce Stream: 10 seats
- Humanities Stream: 10 seats

## STREAMS OFFERED

- Science: With tuition + integrated coaching for JEE / NEET / NDA
- Commerce: With tuition + CPT (CA Foundation) coaching
- Humanities: With tuition + CLAT coaching

## SCHOOL FACILITIES

- Experienced & Specialized Faculty
- Well-equipped Science Labs Computer Lab, Smart Ac Classrooms
- Soft Skills & Personality Development Training
- Sports, Yoga, Art, Creativity Workshops, AI & Robotics etc.

## TSG GURUKUL

Our Campus At

- Gothapatna, Bhubaneswar
- Balakati, Bhubaneswar
- Kesinga, Kalahandi
- Balanga,Puri

**Contact Now :**

**9438782020**




Free

## EDUCATION OFFERED

TSG Gurukul offers free education for meritorious students entering Class 11, including Schooling, full tuition waiver, study materials, and coaching support. This opportunity is merit-based and available across all streams, with limited seats.

SCAN ME!

www.netsgurukul.com

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମେ ୧୮/୨୦୨୫ | Bhubaneswar, Sunday, May 18/2025 | ପୃଷ୍ଠା-୧

# କଂଗ୍ରେସ ବାଦ୍ ଦେଲା, କେନ୍ଦ୍ର ବାଛିଲା

## ଆତଙ୍କବାଦ ବିରୋଧରେ ଭାରତର ବାର୍ତ୍ତା ନେଇ ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ଗସ୍ତ କରିବେ ୭ ଟିମ୍

ବିଶ୍ୱ ଦରବାରରେ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନର ମୁଖା ଖୋଲିବା ପାଇଁ କେନ୍ଦ୍ର ସରକାର ଶନିବାର ୭ ବହୁଦଳୀୟ ପ୍ରତିନିଧିମଣ୍ଡଳୀ ଗଠନ କରିଛନ୍ତି। ଏଥିସକାଶେ ସରକାରଙ୍କ ପକ୍ଷରୁ କଂଗ୍ରେସକୁ ୪ ନାମ ମଗାଯାଇଥିଲା। ହେଲେ ବିରୋଧୀ ଦଳ ଅନ୍ତର୍ଜାତୀୟ ବ୍ୟାପାରରେ ଦଖଲ ରଖିଥିବା ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁରଙ୍କ ନାମ ପ୍ରସ୍ତାବ ଦେଇ ନ ଥିବାବେଳେ ସରକାର ନିଜ ଆଡୁ ତାଙ୍କୁ ନେତୃମଣ୍ଡଳୀ ଟିମ୍‌ରେ ସାମିଲ କରିଛନ୍ତି। ଏଭଳି ସ୍ଥିତିରେ ଭାରତ ସରକାରଙ୍କ କୂଟନୈତିକ ପ୍ରୟାସ ଭିତରେ କଂଗ୍ରେସ ରାଜନୀତି ପୂରାଇବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।



ଶଶୀ ଥରୁର

**କୂଟନୀତିରେ ରାଜନୀତି**

ପୃଷ୍ଠା-୬

**ନୂଆଦିଲ୍ଲୀ,୧୭।୫**

ପହଲଗାମ୍ ଆକ୍ରମଣ ଓ ଭାରତର ଜବାବୀ କାର୍ଯ୍ୟାନୁଷ୍ଠାନ 'ଅପରେଶନ୍ ସିନ୍ଦୂର' ପରେ ଆତଙ୍କବାଦ ପ୍ରତି ଦେଶର ଶୂନ ସହନଶୀଳତା ବାର୍ତ୍ତା ନେଇ ସର୍ବଦଳୀୟ ସାଂସଦମାନେ ପ୍ରମୁଖ ସହଯୋଗୀ ତଥା ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଗସ୍ତ କରିବେ। କେନ୍ଦ୍ର ସରକାର ଏଥି ସକାଶେ ୭ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଗଠନ କରିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଶନିବାର ଜାରି ଏକ ବିବୃତିରେ ଏନେଇ ସୂଚନା ଦିଆଯାଇଛି। ସବୁ ପ୍ରକାର ଆତଙ୍କବାଦ ବିରୋଧରେ ଲଢ଼େଇ ନେଇ ଭାରତର ଜାତୀୟ ସହମତି ଓ ଦୃଢ଼ ସଂକଳ୍ପବଦ୍ଧତାକୁ ଏହି ୭ ପ୍ରତିନିଧି ଦଳ ବିଶ୍ୱ ଦରବାରରେ ଉପସ୍ଥାପନ କରିବେ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଦୁଇ ପ୍ରତିଦ୍ୱନ୍ଦୀ

## ପାକିସ୍ତାନ ପାଇଁ ଗୁପ୍ତଚରଗିରି: ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା ଗିରଫ



ପୃଷ୍ଠା-୬












# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୁକୁନ ଫାଉଣ୍ଡେଶନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କ୍ୟାପିଟାଲ ହସ୍ପିଟାଲ ରକ୍ତ ଭଣ୍ଡାର, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ମେଧାବୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ବିକାଶ ସମିତି ପକ୍ଷରୁ ସମ୍ବର୍ଦ୍ଧନା, ସ୍ଥାନ: ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ଦୃଷ୍ଟିହୀନ ମହାସଂଘ ପକ୍ଷରୁ ଦିବ୍ୟାଙ୍ଗଙ୍କ ସମସ୍ୟା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଓଏବି କନ୍‌ଫରେନ୍ସ ହଲ୍, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ମେଲୋଡି ଆସୋସିଏଶନର ୧୫ତମ ବାର୍ଷିକୋତ୍ସବ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ଲେଖକ ସାମ୍ମୁଖ୍ୟର ପରିଚାଳନା କମିଟି ବୈଠକ ଓ ମାସିକ ସାହିତ୍ୟ ଆଲୋଚନା, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦ, ସମୟ: ଅପରାହ୍ନ ୫ଟା।
- ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ଦୀଘା ଜଗନ୍ନାଥ ମନ୍ଦିର ପ୍ରସଙ୍ଗ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରେସ୍‌କ୍ଲବ, ସମୟ: ସନ୍ଧ୍ୟା ୬ଟା।

## କଟକ

- ଭାରତୀୟ ରେଲୱେ ମାଲଗୋଦାମ ଶ୍ରମିକ ସଂଘର ସମ୍ମିଳନୀ, ସ୍ଥାନ: ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଶୀତଳେଶ୍ୱରୀ ପ୍ରକାଶନୀର ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଟକ ନୃତ୍ୟୋତ୍ସବ କମିଟି ପକ୍ଷରୁ ୧୬ତମ ସାତସାହି କଟକ ନୃତ୍ୟୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସନ୍ଧ୍ୟା: ସନ୍ଧ୍ୟା ୬ଟା ୩୦।
- କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସମାଜ ପକ୍ଷରୁ ୮୨ତମ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀର ତୃତୀୟ ସନ୍ଧ୍ୟା, ସ୍ଥାନ: ଭଞ୍ଜମଣ୍ଡପ, ମିଶନ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭବ୍ୟ ୩୨ ବେଶ ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ:ନିଶିନପୁର ଚଣ୍ଡୀ ମନ୍ଦିର, ଭୋଗରାଇ, ସମୟ:ସକାଳ ୯ଟା ୩୦।
- ବସନ୍ତ ଉତ୍ସବ-୨୦୨୫ ଉଦ୍‌ଯାପନୀ ପର୍ବ,ସମୟ:ଅପରାହ୍ନ ୫ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:କାନ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣ, କାଦରାବାଦ, ବାଲେଶ୍ୱର, ସମୟ:ସନ୍ଧ୍ୟା ୭ଟା।

## ଭଦ୍ରକ

- ରକ୍ତଦାନ ଶିବିର, ସ୍ଥାନ: ପଲ୍ଲୀ ସଂସ୍କୃତ ମହାବିଦ୍ୟାଳୟ, ଭଦ୍ରକ, ସମୟ: ସକାଳ ୭ଟା।
- ପରାକ୍ରମ ଶୋଭାଯାତ୍ରା, ସ୍ଥାନ: କାଳୀମନ୍ଦିର, ଚାନ୍ଦବାଲି, ସମୟ: ସକାଳ ୮ଟା।
- ଆଧ୍ୟାତ୍ମିକ ମୂଲ୍ୟବୋଧଭିତ୍ତିକ ସାରସ୍ୱତ ସମ୍ମେଳନ, ସ୍ଥାନ: ଅଟଳ ବିହାରୀ ହାଇସ୍କୁଲ ପରିସର, ବାସୁଦେବପୁର, ସମୟ: ସକାଳ ୮ଟା।
- ୧୯୮୮ ବ୍ୟାଚ୍ ବନ୍ଧୁମିଳନ, ସ୍ଥାନ: ଦୋଳସାହିସ୍ଥିତ ରାମନାରାୟଣ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଖବରଦାତା ସମ୍ମିଳନୀ ଓ ବନ୍ଧୁମିଳନ, ସ୍ଥାନ: କରଞ୍ଜଆଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଯୋଗ ଶିବିର, ସ୍ଥାନ: କର୍ମଚାରୀ ହଲ୍ ଉପର ମହଲା, ଉଦଳା, ସମୟ:ସକାଳ ୬ଟା।
- ଆନ୍ତଃ ବିଦ୍ୟାଳୟ ସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ: ସକାଳ ୬ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- ଆମେ-୮୦ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।
- ଦିଗନ୍ତ ମହକ ସମ୍ବର ମିଟ୍-୨୦୨୫, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମହେଶ ଦାଶ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ମଧୁବନ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୩ଟା ୩୦।

## ବ୍ରହ୍ମପୁର

- ହ୍ୟାଣ୍ଡବଲ ସମର କ୍ୟାମ୍ପ,ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡିଆ,ସମୟ: ସକାଳ ୬ଟା ୪୫।
- ତାରାଦେବୀଙ୍କ ଯାତ୍ରା,ସ୍ଥାନ: ଲାଞ୍ଜିପଲ୍ଲୀ, ସମୟ: ରାତି ୭ଟା ୩୦।

## ଗଞ୍ଜାମ

- ନାଳର ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ, ସ୍ଥାନ: ଭଞ୍ଜନଗର ବ୍ଲକ ଗୋଳାପଡ଼ା, ସମୟ: ସକାଳ ୯ଟା।

## ଢେଙ୍କାନାଳ

- ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ମାଟ୍ରିକ ଏ-୧ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନ, ସ୍ଥାନ: ଆରଟିଓ ଅଫିସ ନିକଟ ଅଡିଟୋରିୟମ, ସମୟ: ଅପରାହ୍ନ ୪ଟା।
- ଦିଲ୍ଲୀ ପବ୍ଲିକ ସ୍କୁଲ ପକ୍ଷରୁ କର୍ମଶାଳା, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ବାଣୀଧାରା ଅନୁଷ୍ଠାନ ପକ୍ଷରୁ ଡ୍ରଗ୍ସ ସେବନର ଅପକାରିତା ଓ କୁପରିଣତି ଉପରେ ସଚେତନତା ପଦଯାତ୍ରା, ସ୍ଥାନ: ଷଣ୍ଢକୁଦ ବସ୍ତି, ପାରାଦୀପ, ସମୟ: ସକାଳ ୮ଟା

## କେନ୍ଦ୍ରାପଡ଼ା

- ଆର୍ଟ ଅଫ୍ ଗିଭିଂ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ଶ୍ରୀ ବଳଦେବଜୀଉ କଲ୍ୟାଣ ମଣ୍ଡପ, ମନକରପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଅଶୋକ ଦାସ ଫାଉଣ୍ଡେଶନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ : ଯାଜପୁର ବ୍ଲକର ଜାଉଁଳିବନ୍ଧ ଛକ, ସମୟ: ସକାଳ ୮ଟା।

## ନୟାଗଡ଼

- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର କଲ୍ୟାଣମଣ୍ଡପ, ସମୟ: ସକାଳ ୯ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୯ତମ ଦିବସ, ସ୍ଥାନ:ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ୧୯ତମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୯ତମ ଦିବସ, ସ୍ଥାନ:ନୟାଗଡ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ତ୍ରୟୋଦଶ ୧୯ତମ ଦିବସ, ସ୍ଥାନ:ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ୧୯ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଚନ୍ଦନଯାତ୍ରାର ୧୯ତମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଶରଣକୁଳରେ ବ୍ଲକ ପ୍ରତିଷ୍ଠା ଅବସରରେ ପ୍ରସ୍ତୁତି ଉଦ୍ଦେଶ୍ୟରେ ଜରୁରୀ ବୈଠକ, ସ୍ଥାନ: ଶରଣକୁଳ ପଞ୍ଚାୟତ ପରିସର, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା

- ସାମୁହିକ ହନୁମାନ ଚାଳିଶା ପଠନ, ସ୍ଥାନ: ଶେଫାଳି ପାହାଡ଼ ଗଣେଶ ହନୁମାନ ମନ୍ଦିର, ଗୁଣପୁର, ସମୟ: ସକାଳ ୮ଟା।
- ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଗୁଣପୁର ଓକିଲ ସଂଘ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ବ୍ଲକସ୍ତରୀୟ ଯାଦବ ମହାସଭା, ସ୍ଥାନ: ଝରିଗାଁସ୍ଥିତ ଝାଡ଼େଶ୍ୱର ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଗ୍ରୀନ ଷ୍ଟମ୍ପ କ୍ରିକେଟ ପ୍ରତିଯୋଗିତା ଶୁଭାରମ୍ଭ, ସ୍ଥାନ: ଗିନ୍ଦରୀଗୁଡା ଗାଁ ପଡିଆ, କୋରାପୁଟ, ସମୟ: ସକାଳ ୮ଟା ୧୫।
- ୱାକର୍ସ କ୍ଲବ୍ ବୈଠକ, ସ୍ଥାନ: ମେଘରାଜ କମ୍ପ୍ଲେକ୍ସ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- କୃଷିଭିତ୍ତିକ ବାଲିଯାତ୍ରା ଉଦ୍‌ଯାପିତ, ସ୍ଥାନ: ରାଇ କୁନ୍ଦୁରା ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର

- ଆଦିବାସୀ ଗବେଷଣା ଅନୁଷ୍ଠାନ ଆୟୋଜିତ ଆମ୍ବ ଉତ୍ସବ, ସ୍ଥାନ : କାଇଁଶିର ରୋଡ ତୁରିପଡା, ସମୟ : ସକାଳ ୬ଟା।
- ସାଓଲିନ କୁଙ୍ଗ୍ ଫୁ ଉଷ୍ମ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଃଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରଶିକ୍ଷଣ ଶିବିର, ସ୍ଥାନ : ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ ୭ଟା।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୭ଟା।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ବିଶାଳ ରକ୍ତଦାନ ଶିବିର, ସ୍ଥାନ : ହୀରାକୁଦ ମ୍ୟୁନିସିପାଲଇଟି କଲ୍ୟାଣ ମଣ୍ଡପ, ସମୟ: ସକାଳ ୮ଟା।
- ସମ୍ବଲପୁର ଦିନ -୨୦୨୫ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୮ଟା।
- ସଣ୍ଡେ ଗ୍ରୁପ ଆୟୋଜନରେ ରକ୍ତଦାନ ଶିବିର, ସ୍ଥାନ : ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ରକ୍ତ ଭଣ୍ଡାର, ସମୟ : ସକାଳ ୯ଟା।
- ରାଧା ଶ୍ରୀନିବାସ ଟ୍ରଷ୍ଟ ଆୟୋଜନରେ ଆରୋଗ୍ୟ ନିକେତନ କାର୍ଯ୍ୟକ୍ରମ, ସ୍ଥାନ : ହାଉସିଂ ବୋର୍ଡ କଲୋନୀ, ସମୟ : ସନ୍ଧ୍ୟା ୫ଟା ୩୦।
- ଦେବର୍ଷି ନାରଦ ଜୟନ୍ତୀ- ୨୦୨୫, ସ୍ଥାନ : କୁଞ୍ଜେଲପଡା ନିକଟସ୍ଥ ସଂସ୍କୃତି ଭବନ, ସମୟ : ସନ୍ଧ୍ୟା ୬ଟା ୩୦।
- ୧୮ତମ ରାମ ଚରିତ ମାନସ ପ୍ରବଚନ, ସ୍ଥାନ : ବରଗାଁ ଗ୍ରାମ ପଞ୍ଚାୟତ ପରିସର, ସମୟ : ରାତି ୭ଟା।

## ରାଉରକେଲା

- ସ୍ୱଦେଶ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମ ଜନସଚେତନା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୫, ସମୟ: ସକାଳ ୮ଟା।
- ଓରାମ କଳା, ସଂସ୍କୃତି ଉତ୍ସବ ପକ୍ଷରୁ ଜ୍ୟେଷ୍ଠ ଯାତ୍ରା, ସ୍ଥାନ: ଉଦିତନଗର, ସମୟ: ଅପରାହ୍ନ ୨ଟା।

## ବରଗଡ଼

- ରାମେଶ୍ୱର ମନ୍ଦିର ଶୀତଳଷଷ୍ଠୀ ଆନୁକୂଲ୍ୟରେ ରଙ୍ଗୋଲି ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଭେଉଁରିଆ ଛକରୁ ରାମେଶ୍ୱର ମନ୍ଦିର, ପଦ୍ମପୁର, ସମୟ: ସକାଳ ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣଙ୍କ ବ୍ୟବହାରରେ ସଂଯମତା ଅଭାବରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ବିଭିନ୍ନ ପ୍ରକାରର କାର୍ଯ୍ୟବ୍ୟସ୍ତତା କାରଣରୁ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖା ଦେବ। ଅଧ୍ୟାପନା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର , ସାହିତ୍ୟ ତଥା ପ୍ରତିଯୋଗିତା କ୍ଷେତ୍ରରୁ ପ୍ରଶଂସା ମିଳିବ। ପାରିବାରିକ ସମସ୍ୟା ନେଇ ବ୍ୟସ୍ତବିବ୍ରତ ରହିପାରନ୍ତି।

**ବୃଷ** ଜଣେ ବିଜାତୀୟ ବନ୍ଧୁଙ୍କ ନିକଟରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନ୍‌ସନ ଦୂର ହୋଇପାରେ। ଶୁକ୍ରଙ୍କ ପ୍ରଭାବରୁ ମଜଳିଆ ବ୍ୟବହାରରେ ଅନ୍ୟମାନଙ୍କ ନିକଟତର ହୋଇପାରିବେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରୁ ଶ୍ରଦ୍ଧା ଓ ସମ୍ମାନ ମିଳିବ। କିନ୍ତୁ ଶନିଙ୍କ ପ୍ରଭାବରୁ ପ୍ରତ୍ୟେକ କାମ ବିଳମ୍ବିତ ସମୟରେ ହାସଲ କରିପାରନ୍ତି।

**ମିଥୁନ** ପରିବାରରେ ଅଭାବ ଅସୁବିଧା ନ ଥିଲେ ମଧ ଖର୍ଚ୍ଚ କରିବାରେ କୁଣ୍ଠା ପ୍ରକାଶ କରି ସମାଲୋଚିତ ହେବେ। ସଭାସମିତି ତଥା ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ନୂତନ ସ୍ଥାନ ପରିଦର୍ଶନ, ସତ୍‌ସଙ୍ଗ ଓ ଆଧ୍ୟାତ୍ମିକତାରୁ ଶାନ୍ତି ଲାଭ କରିବେ। ମାତ୍ର ଏହା ସାଙ୍ଗକୁ ପାରିବାରିକ ଦୁଶ୍ଚିନ୍ତା ମଧ୍ୟରେ ସମୟ କଟାଇପାରନ୍ତି।

**କର୍କଟ** ଅନ୍ତରଙ୍ଗଙ୍କ ସହ ଫଳପ୍ରଦ ଆଲୋଚନା କରି ଦାୟିତ୍ୱକୁ ଯଥାବିଧି ସମ୍ପନ୍ନ କରିପାରିବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ସଫଳତା ହାସଲ କରି ଖୁସି ହୋଇପାରନ୍ତି। ରାଜନୈତିକ ସ୍ଥିତିରେ ପୃଷ୍ଠପୋଷକତା ଲାଭକରି ସମସ୍ୟା ସମାଧାନ କରିବେ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ** ଶାରୀରିକ ସୁସ୍ଥତା ସାଙ୍ଗକୁ ମାନସିକ ସ୍ଥିତି ବହୁତ ଭଲ ରହିବ। ଅର୍ଥସଙ୍କଟଜନିତ ଇଚ୍ଛା କଲେ ମଧ କୌଣସି ଜିନିଷ କିଣି ନ ପାରି ମନ ଦୁଃଖ କରି ପାରନ୍ତି। ହଠାତ୍ ଶତ୍ରୁମାନଙ୍କ ମିତ୍ର ଭଳି ଆଚରଣ ଆପଣଙ୍କୁ ବିସ୍ମୟାଭିଭୂତ କରିପାରେ। ପାରିବାରିକ କ୍ଷେତ୍ରରେ ଥିବା ସମସ୍ୟାକୁ ସୁଧାରିନେବାର ପ୍ରଯତ୍ନ କଲେ ଉପକୃତ ହେବେ।

**କନ୍ୟା** ଆଜିର କାମ ସମ୍ପନ୍ନ ସକାଶେ ସାମାନ୍ୟ ହଇରାଣ ହେବାକୁ ପଡ଼ିବ। ବନ୍ଧୁଙ୍କ ଅନୁରୋଧରେ କୌଣସି ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବିଚାରବିମର୍ଶ ଚଳାଇ ପାରନ୍ତି। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟମାନେ ଭୁଲ୍ ବୁଝି ଅର୍ଥକୁ ଅନର୍ଥ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରି ଉପକୃତ ହେବାର ଆଶା କରାଯାଇପାରେ।

**ତୁଳା** ଆନୁଷଙ୍ଗିକ ସାହାଯ୍ୟ ଓ ସହଯୋଗ ପ୍ରାପ୍ତ ହୋଇ ଆଜିର କାମ ସହଜରେ ସମ୍ପନ୍ନ ହେବ। ପୂର୍ବ ନିଷ୍ପତ୍ତିର ପରିବର୍ତ୍ତନ କଲେ ବିରୋଧାତ୍ମକ ପରିସ୍ଥିତି ସୃଷ୍ଟି ହେବ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କଲେ ଅନୁତାପ କରିବାକୁ ସମୟ ପାଇବେ ନାହିଁ। କୌଣସି ଘଟଣା ମନକୁ ବିବ୍ରତ କରିପାରେ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିପାରନ୍ତି।

**ବିଛା** ପାରିବାରିକ ବ୍ୟତିକ୍ରମକୁ ନେଇ ମନ ଭାରାକ୍ରାନ୍ତ ରହିବାର ସୂଚନା ରହିଛି। ସ୍ୱାସ୍ଥ୍ୟ ସମସ୍ୟା ଉଦ୍‌ବେଗଜନକ ନ ହେଲେ ମଧ ନିୟନ୍ତ୍ରଣ ମଧ୍ୟରେ ରହିବ। ପ୍ରଶାସନିକ ସ୍ତରରେ, ପ୍ରକାଶନ କ୍ଷେତ୍ରରେ, ଶିଳ୍ପ, ବାଣିଜ୍ୟରେ ସମସ୍ୟା ଦୂର ହେବ। ସମ୍ପର୍କୀୟ ବନ୍ଧୁମାନଙ୍କ ସହ ଭୁଲ୍ ବୁଝାମଣା କେତେକାଂଶରେ କମିଯାଇପାରେ।

**ଧନୁ** ଆଜି ଭାବୁଥିବେ ଗୋଟିଏ କଥା କିନ୍ତୁ ପରିସ୍ଥିତିରେ ପଡ଼ି ତାହା କରିବାରେ ଅସମର୍ଥ ହେବେ। ସାହିତ୍ୟ, ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ସାମାଜିକ ସ୍ତରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ବ୍ୟବହାରରେ ଅପ୍ରିୟସତ୍ୟ ଭାଷଣଜନିତ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତ ହୋଇପାରନ୍ତି।

**ମକର** ମତାନ୍ତରଜନିତ ଉଚ୍ଚ ପଦାଧିକାରୀଙ୍କ ସହ ମତ ପାର୍ଥକ୍ୟ କାରଣରୁ ବିକଳ୍ପ ଚିନ୍ତା କରିବେ। ଆନୁଷ୍ଠାନିକ କାର୍ଯ୍ୟାରମ୍ଭରେ କେତେକ କାରଣକୁ ନେଇ ଖୁସି ହୋଇ ପାରିବେ ନାହିଁ। ସାଧାରଣ ଘଟଣାରେ ସହକର୍ମୀଙ୍କ ସହ ସମ୍ପର୍କ ହାନି ଦୁଶ୍ଚିନ୍ତାର କରଣ ହୋଇପାରେ। ବନ୍ଧୁଙ୍କ ନିକଟରୁ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**କୁମ୍ଭ** ଦୈହିକ ସୁସ୍ଥତା ରହିଥିଲେ ମଧ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ନେଇ ଅସନ୍ତୁଷ୍ଟ ରହିପାରନ୍ତି। ଘରୋଇ କଥା, ଆନୁଷ୍ଠାନିକ ତଥା ସାମାଜିକ କାମରେ କଳହ ସୃଷ୍ଟି ହେବ। ପରିବାର ସକାଶେ ଅଳଙ୍କାର ଓ ବସନ ଭୂଷଣ କ୍ରୟ କରିପାରନ୍ତି। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମ କରିବା ପୂର୍ବରୁ ଆଉଥରେ ଚିନ୍ତା କରିବା ଭଲ ହେବ।

**ମୀନ** କର୍ମକ୍ଷେତ୍ରରେ କେତେକ ନୂତନ ସୁଯୋଗ ପାଇବାର ମାର୍ଗ ଉନ୍ମୋଚିତ ହୋଇପାରେ । ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ ଓ ସହମତି ମାଧ୍ୟମରେ କାମ କରିପାରିବେ। ଆନୁଷ୍ଠାନିକ କାମରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ଖଟଣି ବଢ଼ିଯିବ। ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିପାରନ୍ତି।

ଆଜି ମେ ୧୮ ତାରିଖ, ସଂଗ୍ରହାଳୟ ଦିବସ, ଜ୍ୟେଷ୍ଠ କୃଷ୍ଣ ଷଷ୍ଠୀ ରବିବାର। ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ମକର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୬.୫୭ ଗତେ ଘ.୦୯.୩୩ ମଧ୍ୟେ, ଘ.୦୧.୨୦ ଗତେ ଘ.୦୨.୪୪ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୪.୩୫ ଗତେ ଘ. ୦୬.୧୨ ମଧ୍ୟେ ରାହୁ କାଳ ।

# ଶୃଙ୍ଖଳିତ ପହଣ୍ଡି ନୀତି ଉପରେ ଗୁରୁତ୍ୱ

## ସ୍ନାନଯାତ୍ରା ଓ ରଥଯାତ୍ରା ସମ୍ପର୍କରେ ଦଇତାପତି ନିଯୋଗ ଓ ପୂଜାପଣ୍ଡା ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନର ବୈଠକ

**ପୁରୀ, ୧୭।୫(ଅଜିତ୍ କୁମାର ମହାନ୍ତି)**

ଜୁନ୍ ୧୧ ତାରିଖରେ ସ୍ନାନଯାତ୍ରା ଓ ଜୁନ୍ ୨୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। ତେବେ ସ୍ନାନ ଓ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇସାରିଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୧ ତାରିଖ ଛତିଶା ନିଯୋଗ ବୈଠକରେ ନୀତି ନିର୍ଘଣ୍ଟ ଅନୁମୋଦନ ପୂର୍ବରୁ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶନିବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦଇତାପତି ନିଯୋଗ ସଭାପତି, ବାଡ଼ଗ୍ରାହୀ ଏବଂ ପୂଜାପଣ୍ଡା ନିଯୋଗର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ମହାପ୍ରଭୁଙ୍କ ନୀତିକୁ କିଭଳି ନିର୍ଦ୍ଧାରିତ ସମୟରେ କରାଯିବ, ନୀତିକୁ ଶୃଙ୍ଖଳିତ କରାଯିବ ଏବଂ ମହାପ୍ରଭୁଙ୍କ ପହଣ୍ଡି ବିଜେ ନୀତି କିଭଳି ସୁରୁଖୁରୁରେ ଆୟୋଜନ ହୋଇପାରିବ ସେନେଇ ସବିଶେଷ ଆଲୋଚନା ହୋଇଥିଲା। ଶ୍ରୀଗୁଣ୍ଡିଚା ବିଜେ, ଆଡ଼ପ ପହଣ୍ଡି, ନୀଳାଦ୍ରିବିଜେ ନୀତିରେ ପହଣ୍ଡି ଶୃଙ୍ଖଳିତ ହେବ। ରଥ ଉପରେ ମୋବାଇଲ୍ ବାରଣ କରାଯିବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ସହ ପହଣ୍ଡି ସମୟରେ ଆବଶ୍ୟକୀୟ ସେବକ ରହିବା ଉପରେ ଆଲୋଚନା କରାଯାଇଛି। ଗତବର୍ଷର ପହଣ୍ଡି ଅଘଟଣ ଏଡ଼ାଇବା ପାଇଁ ରଣନୀତି ପ୍ରସ୍ତୁତି ବୈଠକରେ କରାଯାଇଛି। ନବଯୌବନ, ନେତ୍ରୋତ୍ସବ, ଅଣସର ସମସ୍ତ ନୀତି ଶୃଙ୍ଖଳିତ କରିବାକୁ ବାଡ଼ଗ୍ରାହୀ ମତ ଦେଇଛନ୍ତି। ବଡ଼ଠାକୁର ବଳଭଦ୍ରଙ୍କ ବାଡ଼ଗ୍ରାହୀ ହଳଧର ଦାସମହାପାତ୍ର କହିଛନ୍ତି, ଶ୍ରୀମନ୍ଦିରରେ ଦଇତା ପ୍ରବେଶ ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ନୀତିକ୍ରାନ୍ତି ଉପରେ ଆଲୋଚନା କରାଯାଇଛି। ଦେବସ୍ନାନ ପୂର୍ଣ୍ଣିମା, ଅଣସର ନୀତି, ଶ୍ରୀଗୁଣ୍ଡିଚା ଯାତ୍ରା, ପହଣ୍ଡି, ବାହୁଡ଼ା, ସୁନାବେଶ ଓ ନୀଳାଦ୍ରି ବିଜେ ଉପରେ ଆଲୋଚନା କରାଯାଇଛି। ମହାପ୍ରଭୁଙ୍କ ରଥରେ ସର୍ବାଧିକ ୮୦ରୁ ୧୦୦ ସେବକ, ବଳଭଦ୍ରଙ୍କ ରଥରେ ୫୦ରୁ ୬୦ ସେବକ, ସୁଭଦ୍ରାଙ୍କ ରଥରେ ୩୦ ଜଣ ସେବକ ରହିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି। ପୂଜାପଣ୍ଡା ସେବକ ମାଧବ ପୂଜାପଣ୍ଡା କହିଛନ୍ତି, ସ୍ନାନଯାତ୍ରା ଓ ରଥଯାତ୍ରା ନୀତି କିପରି ଶୃଙ୍ଖଳିତ ହେବ ସେ ନେଇ ଆଲୋଚନା କରାଯାଇଛି। ସଠିକ୍ ସମୟରେ ଓ ଶୃଙ୍ଖଳିତ ଭାବେ ପୂଜା କରିବାକୁ ଆଲୋଚନା ହୋଇଛି। ଉପମୁଖ୍ୟ ପ୍ରଶାସକ ସ୍ୱାଇଁ କହିଛନ୍ତି, ଆସନ୍ତା ୨୧ ତାରିଖରେ ଛତିଶା ନିଯୋଗରେ ନୀତିନିର୍ଘଣ୍ଟ ଚୂଡ଼ାନ୍ତ କରାଯିବ। ଶୃଙ୍ଖଳିତ ଭାବେ କାର୍ଯ୍ୟ ପାଇଁ ବାଡ଼ଗ୍ରାହୀମାନେ ମତପ୍ରକାଶ କରିଛନ୍ତି। ପହଣ୍ଡି ଶୃଙ୍ଖଳା ଉପରେ ଆଲୋଚନା କରାଯାଇଛି। ଆବଶ୍ୟକ ଅନୁସାରେ ସେବକ ରହିବା ପାଇଁ କୁହାଯାଇଛି। ସେହିପରି ଏକ କମିଟି ଗଠନ କରାଯାଇ ବିଭିନ୍ନ ନିଯୋଗ ସହ ମଧ ଆଲୋଚନା କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବୋହି ଯାଉଥାଏ ସୁଅ ମୁହଁରେ**
**ପିମ୍ପୁଡ଼ି ଗାତରେ ଲାଗେ।**

ଅନ୍ୟଦିଗରେ ବହୁତ ଖର୍ଚ୍ଚ ହେଲାବେଳେ ସାମାନ୍ୟ କଥାରେ କୃପଣତା ପ୍ରକାଶ କରିବା ମୂର୍ଖାମୀର ଲକ୍ଷଣ ହୋଇଥାଏ। ଅଜସ୍ର ଖର୍ଚ୍ଚକୁ ନ ରୋକି ସାମାନ୍ୟ ବ୍ୟୟ ପ୍ରତି କଟକଣା ଜାରି କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବରଷା ରାତି, ଶୀତ ପାହାନ୍ତି,**
**ଦି'ପହରିଆ ଖରା;**
**ଏ ତିନି ବେଳେ ଯେ ବାଡ଼ିକି ଗଲା,**
**ଜିଇ ଥାଉଁ ଥାଉଁ ମଲା।**

ବର୍ଷା ରାତିରେ ଘରୁ ପଦାକୁ ଗୋଡ଼କାଢ଼ିବା ନିରାପଦ ହୋଇ ନ ଥାଏ। ସେହିପରି ଶୀତ ଦିନ ଭୋର ସମୟରେ ଏବଂ ଦିପହର ଖରା ବେଳରେ ବାହାରକୁ ଶୌଚ କରିବାକୁ ଯାଉଥିବା ବ୍ୟକ୍ତି ହଇରାଣ ବା ହୀନସ୍ଥା ଭୋଗିବା ସାର ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବିଶିଷ୍ଟ ଚିତ୍ରଶିଳ୍ପୀ ରାଜବଲ୍ଲଭ ସାହୁଙ୍କ ପରଲୋକ

**ସୋର, ୧୭।୫(ଜନ୍ମେଜୟ ମିଶ୍ର)**



ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ବାଲେଶ୍ୱର ଜିଲା ସୋରସ୍ଥିତ ବାଗୁଡ଼ି ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟର ଅବସରପ୍ରାପ୍ତ କଳା ଶିକ୍ଷକ ରାଜବଲ୍ଲଭ ସାହୁ(୭୦)ଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଉତ୍ତରେଶ୍ୱରସ୍ଥିତ ବାସଭବନରୁ ସୋର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ପୈତୃକ ଗ୍ରାମ ଜଳେଶ୍ୱରସ୍ଥିତ କୁଳିନ୍ଦା ଗ୍ରାମକୁ ମରଶରୀର ନିଆଯାଇ ସତ୍କାର କରାଯାଇଛି। ପୁତ୍ର ଅରୁ ଅଶିଷ ବଲ୍ଲଭ ସାହୁ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ତଥା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଦୀପ୍ତିରାଣୀ ଦଣ୍ଡପାଟଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ବିଶିଷ୍ଟ ବ୍ୟକ୍ତିବିଶେଷ ଶୋକ ପ୍ରକାଶ କରିଛନ୍ତି। ରାଜବଲ୍ଲଭ ସୋରସ୍ଥିତ ବାଗୁଡ଼ି ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟରେ କଳା ଶିକ୍ଷକ ଭାବେ କାର୍ଯ୍ୟକରି ୨୦୧୬ ଡିସେମ୍ବରରେ ଅବସର ଗ୍ରହଣ କରିଥିଲେ। ଅବସର ପରେ ସେ ନିଜ ବାସଭବନଠାରେ 'କଳାଘର' ନାମକ ଏକ ଚିତ୍ରଶିଳ୍ପୀ କେନ୍ଦ୍ର ପ୍ରତିଷ୍ଠା କରିଥିଲେ। ସେଠାରେ ସେ ଛୋଟ ପିଲାମାନଙ୍କୁ ଶିକ୍ଷା ଦେଉଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ କଳାତ୍ମକ କର୍ମଶାଳାରେ ଯୋଗଦେଉଥିଲେ। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର 'ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ' ସହ ଦୀର୍ଘବର୍ଷ ଧରି ଜଡ଼ିତ ରହି କଳାର ବିକାଶ ଦିଗରେ କାର୍ଯ୍ୟ କରିଥିଲେ।

# ପିସିସିରେ ୭ ଉପସଭାପତି, ୧୦ ସାଧାରଣ ସମ୍ପାଦକ, ୧୨ ସମ୍ପାଦକ ନିଯୁକ୍ତ

**ଭୁବନେଶ୍ୱର, ୧୭।୫(ସୁନିତ୍ ମିଶ୍ର)**

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ବିଭିନ୍ନ ପଦପଦବୀ ନେଇ ଘୋଷଣା କରାଯାଇଛି। ଦଳ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସାମାଜିକ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଭାବେ ସତ୍ୟଜିତ ଗମାଙ୍ଗଙ୍କୁ ଦାୟିତ୍ୱ ଦେଇଥିବା ବେଳେ ସହ ଅଧ୍ୟକ୍ଷ ଭାବେ ସନ୍ତୋଷ ପ୍ରଧାନଙ୍କୁ ନିଯୁକ୍ତ କରିଛି। ସେହିପରି ଆଇନଜୀବୀ ମାନସ ମଲିକଙ୍କୁ ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ଅନ୍ୟପଟେ ଦଳ ପକ୍ଷରୁ ବିଭିନ୍ନ ନେତାଙ୍କୁ କୋଷାଧ୍ୟକ୍ଷ, ଉପସଭାପତି, ସାଧାରଣ ସମ୍ପାଦକ ଏବଂ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ଏଆଇସିସି ପକ୍ଷରୁ ସିଦ୍ଧାର୍ଥ ସ୍ୱରୂପ ଦାସଙ୍କୁ କୋଷାଧ୍ୟକ୍ଷ, ୭ ଜଣଙ୍କୁ ଉପସଭାପତି ଭାବେ ନିଯୁକ୍ତ କରାଯାଇଛି। ସେମାନଙ୍କ ମଧ୍ୟରେ ବିଧାୟକ ତାରାପ୍ରସାଦ ବାହିନୀପତି, ରମେଶ ଜେନା, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ଦେବାଶିଷ ପଟ୍ଟନାୟକ, ବିଧାୟକ ସି.ଏସ୍. ରାଜନ୍ ଏକ୍କା, ବରିଷ୍ଠ ନେତା ଲଲାଟେନ୍ଦୁ ମହାପାତ୍ର ଏବଂ ସସ୍ମିତା ବେହେରା ରହିଛନ୍ତି। ସେହିପରି ୧୦ ଜଣଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ମିଳିଛି। ସେମାନଙ୍କ ମଧ୍ୟରେ ବିଧାୟକ ଅଶୋକ ଦାସ, ଆପଲସ୍ୱାମୀ କାଡ୍ରାକା, ପ୍ରଫୁଲ୍ଲ ପ୍ରଧାନ, ମଙ୍ଗୁ ଖିଲ, ପବିତ୍ର ସାଉଁନ୍ତା, ନୀଳମାଧବ ହିକ୍କା, ସୁବର୍ଣ୍ଣ ନାୟକ, ୟାସିର ନୱାଜ, ବିଜୟାନନ୍ଦ ଚାଉଳିଆ ଏବଂ ମଧୁସ୍ମିତା ସେଠୀ ରହିଛନ୍ତି। ସମ୍ପାଦକ ଭାବେ ୧୨ ଜଣ ନିଯୁକ୍ତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ଟୁଲେଶ୍ୱର ନାଏକ, ସସ୍ମିତା ପଣ୍ଡା, ଶିଳ୍ପିଶ୍ରୀ ହରିଚନ୍ଦନ, ଦେବସ୍ମିତା ଶର୍ମା, ଲକ୍ଷ୍ମୀଧର ସିଂ, ଦିଲୀପ ଦୁରିଆ, ରୂପକ ତୁରୁକ, ସୀମାଞ୍ଚଳ ଗିରି ଉଲାକା, ମନୀଷା ତ୍ରିପାଠୀ, ସାକ୍କା ସୁଜିତ, ମୋହନ ହେମ୍ବ୍ରମ ଏବଂ ଅନିମା ମିନ୍‌ଜ ରହିଛନ୍ତି।

ପ୍ରଥମ ପୃଷ୍ଠାରୁ...

# କଂଗ୍ରେସ ବାଦ୍ ଦେଲା, ...

ସର୍ବଦଳୀୟ ପ୍ରତିନିଧି ଟିମ୍‌ଗୁଡ଼ିକର ନେତୃତ୍ୱ ନେବାକୁ ଥିବା ନେତାମାନଙ୍କ ମଧ୍ୟରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ୪ ଓ ଇଣ୍ଡିଆ ବ୍ଲକ୍‌ର ୩ ଜଣ ରହିଛନ୍ତି। ସେମାନେ ହେଲେ ଭାଜପା ଏମ୍‌ପି ରବିଶଙ୍କର ପ୍ରସାଦ, ବୈଜୟନ୍ତ ପଣ୍ଡା, ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ସଞ୍ଜୟ କୁମାର ଝା, ଦ୍ରାବିଡ ମୁନେତ୍ରା କାଝାଗାମ(ଡିଏମ୍‌କେ)ର କାନିମୋଝି କରୁଣାନିଧି, ଶରଦ ପାୱାରଙ୍କ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପିଏସ୍‌ପି)ର ସୁପ୍ରିୟା ସୁଲେ, ଏକନାଥ ଶିନ୍ଦେଙ୍କ ଶିବସେନାର ଶ୍ରୀକାନ୍ତ ଶିନ୍ଦେ। ପ୍ରତ୍ୟେକ ଡେଲିଗେଶନ୍ ୫ଟି ଲେଖାଏ ଦେଶ ଭ୍ରମଣ କରିବେ ବୋଲି ସୂତ୍ରରୁ ପ୍ରକାଶ। ପ୍ରତି ଡେଲିଗେଶନ୍‌ରେ ବିଶିଷ୍ଟ କୂଟନୀତିଜ୍ଞମାନେ ମଧ ରହିବେ। ରବିଶଙ୍କରଙ୍କ ନେତୃତ୍ୱାଧୀନ ଡେଲିଗେଶନ୍ ସାଉଦି ଆରବ, କୁଏଟ୍, ବାହାରିନ୍ ଓ ଆଲ୍‌ଜେରିଆ ଯିବାକୁ ଥିବାବେଳେ ସୁପ୍ରିୟାଙ୍କ ପ୍ରତିନିଧି ମଣ୍ଡଳୀର ଏମ୍‌ପିମାନେ ଓମାନ୍, କେନିଆ, ଦକ୍ଷିଣ ଆଫ୍ରିକା ଓ ଇଜିପ୍ଟ ଗସ୍ତ କରିବେ। ସେହିପରି ସଞ୍ଜୟଙ୍କ ଟିମ୍ ଜାପାନ, ସିଙ୍ଗାପୁର, ଦକ୍ଷିଣ କୋରିଆ, ମାଲେସିଆ ଓ ଇଣ୍ଡୋନେସିଆ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ପ୍ରତି ଡେଲିଗେଶନ୍‌ରେ ୬ରୁ ୭ ଜଣ ଲେଖାଏ ଏମ୍‌ପି ରହିବେ। ସେମାନେ ୪ରୁ ୫ଟି ଲେଖାଏ ଦେଶକୁ ଗସ୍ତ କରିବେ। ପ୍ରତିନିଧି ମଣ୍ଡଳୀରେ ସାମିଲ ହୋଇଥିବା ବିଭିନ୍ନ ଦଳର ଅନ୍ୟ ଏମ୍‌ପିମାନେ ହେଲେ ଅନୁରାଗ ଠାକୁର, ଅପରାଜିତା ଷଡ଼ଙ୍ଗୀ, ମନୀଷ ତିୱାରୀ, ଅସାଦୁଦ୍ଦିନ ଓୱାଇସି, ଅମର ସିଂ, ରାଜୀବ ପ୍ରତାପ ରୁଡ଼ି, ସମିକ ଭଟ୍ଟାଚାର୍ଯ୍ୟ, ବ୍ରିଜ୍ ଲାଲ, ସରଫରାଜ ଅହମଦ୍, ପ୍ରିୟଙ୍କା ଚତୁର୍ବେଦୀ, ବିକ୍ରମଜିତ୍ ସଓ୍ୱାହ୍ନେୟ, ସସ୍ମିତ୍ ପାତ୍ର ଓ ଭୁବନେଶ୍ୱର କଳିତା। ସଞ୍ଜୟ ଝାଙ୍କ ଟିମ୍‌ରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସଲମାନ୍ ଖୁର୍ସିଦଙ୍କୁ ରଖାଯାଇଛି, ଯିଏକି ବର୍ତ୍ତମାନ ଏମ୍‌ପି ନାହାନ୍ତି। ସରକାର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ସୁଦୀପ ବନ୍ଦୋପାଧ୍ୟାୟଙ୍କୁ ମଧ ଏଥିରେ ସାମିଲ କରିଥିଲେ। କିନ୍ତୁ ସେ ସ୍ୱାସ୍ଥ୍ୟଗତ କାରଣରୁ ଯାଇପାରିବେ ନାହିଁ ବୋଲି ଜଣାଇଦେଇଛନ୍ତି।

ଅପରେଶନ୍ ସିନ୍ଦୂର ପରିପ୍ରେକ୍ଷୀରେ ସୀମାପାର ଆତଙ୍କବାଦ ବିରୋଧରେ ଭାରତର ନିରନ୍ତର ଲଢ଼େଇ ଜାରି ରହିଛି। ଚଳିତମାସରେ ଏହି ୭ ଟିମ୍‌ର ସଦସ୍ୟମାନେ ଭାରତର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ରାଷ୍ଟ୍ର ଏବଂ ୟୁଏନ୍‌ଏସ୍‌ସି ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଯାଇ ଦେଶର ଆତଙ୍କବାଦୀ ନିରୋଧୀ ବାର୍ତ୍ତା ପହଞ୍ଚାଇବେ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ ସ୍ପଷ୍ଟ କରାଯାଇଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଏନେଇ ଏକ୍ସ'ରେ ପୋଷ୍ଟ କରିଛନ୍ତି। ଆତଙ୍କବାଦ ବିରୋଧରେ ସାରା ଦେଶ ଏକଜୁଟ୍ ହୋଇ ରହିଛି। ୭ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଆତଙ୍କବାଦ ପ୍ରତି ଆମ ଶୂନ ସହନଶୀଳ ନୀତିର ବାର୍ତ୍ତା ନେଇ ଖୁବ୍‌ଶୀଘ୍ର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ଗସ୍ତ କରିବେ। ଦଳୀୟ ରାଜନୀତି ଓ ମତଭେଦ ଊର୍ଦ୍ଧ୍ୱରେ ଏହା ଜାତୀୟ ଏକତାର ଏକ ପ୍ରଭାବଶାଳୀ ପ୍ରତିଫଳନ ବୋଲି ରିଜିଜୁ ଏଥିରେ ଉଲ୍ଲେଖ କରିଛନ୍ତି।




# ୫୫ ଦିନରେ ରାୟ, ଅଭିଯୁକ୍ତଙ୍କୁ ୨୫ବର୍ଷ ଜେଲ

## ନାବାଳକଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ ରଖିବା ମାମଲା

**ଝାରସୁଗୁଡ଼ା, ୧୭।୫(ଆଶିଷ ରଞ୍ଜନ ଦାଶ)**

ବିଚାରବିଭାଗୀୟ ମାମଲାର ରାୟ ପ୍ରକାଶ ପାଇବା ପାଇଁ ବର୍ଷ ବର୍ଷ ସମୟ ଲାଗି ଯାଉଥିବାବେଳେ ଝାରସୁଗୁଡ଼ା ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍ସୋ କୋର୍ଟ ଏକ ମାମଲାର ତ୍ୱରିତ ବିଚାର କରି ମାତ୍ର ୫୫ ଦିନରେ ରାୟ ପ୍ରକାଶ କରିଛନ୍ତି। ଜଣେ ନାବାଳକଙ୍କ ସହିତ ଅପ୍ରାକୃତିକ ଯୌନ ସମ୍ପର୍କ ରଖିବା ମାମଲାରେ ଝାରସୁଗୁଡ଼ା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ପୂଜା ଷଡ଼ଙ୍ଗୀ ଶନିବାର ଜଣେ ଅଭିଯୁକ୍ତଙ୍କୁ ୨୫ବର୍ଷ ଜେଲଦଣ୍ଡ ଓ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ହେଲେ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅଞ୍ଚଳର ଅଜିତ୍ ନାଗ (୨୬)। ଏଥିସହ ପୀଡ଼ିତ ନାବାଳକଙ୍କୁ




କ୍ଷତିପୂରଣ ବାବଦ ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଗତ ମାର୍ଚ୍ଚ ୨୧ ତାରିଖ ଅପରାହ୍ଣ ୫ଟାରେ ବ୍ରଜରାଜନଗର ଥାନା ଅଞ୍ଚଳର ୧୧ ବର୍ଷୀୟ ଜଣେ ନାବାଳକଙ୍କୁ ଅଭିଯୁକ୍ତ ଅଜିତ୍ ନିଜ ବାଇକ୍‌ରେ ବସାଇ ଗ୍ରାମଠାରୁ କିଛି ଦୂର ଏକ ପୁରୁଣା ଭଙ୍ଗାଘରକୁ ନେଇଥିଲେ। ସେଠାରେ ସେ ତାଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ସ୍ଥାପନ କରିଥିଲେ। ଏ ସମ୍ପର୍କରେ କାହାକୁ ଜଣାଇଲେ ଜୀବନରେ ମାରିଦେବା ପାଇଁ ଅଭିଯୁକ୍ତ ଧମକ ଦେଇଥିଲେ। ପରେ ନାବାଳକ ଘରକୁ ଫେରି ଘଟଣା ସମ୍ପର୍କରେ ତାଙ୍କ ମା'ଙ୍କୁ ଜଣାଇଥିଲେ। ଏନେଇ ନାବାଳକଙ୍କ ମା' ମାର୍ଚ୍ଚ ୨୩ ତାରିଖ ରାତିରେ ବ୍ରଜରାଜନଗର ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ.୨୦/୨୫) ରୁଜୁ କରିଥିଲା। ତଦନ୍ତ କରି ମାର୍ଚ୍ଚ ୨୭ରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପଚରାଉଚରାବେଳେ ଅଭିଯୁକ୍ତ ଜଣଙ୍କ ପୂର୍ବରୁ ଅନେକ ନାବାଳକଙ୍କୁ ଏଭଳି ଅପ୍ରାକୃତିକ ଯୌନ ସମ୍ପର୍କ ରଖିବା ପାଇଁ ବାଧ କରିଥିବା ଏବଂ ଏକ ବଳାତ୍କାର ମାମଲାରେ ଝାରସୁଗୁଡ଼ା ଜେଲରେ ରହିଥିବା ପୋଲିସ ଜାଣିବାକୁ ପାଇଥିଲା। ଏପ୍ରିଲ ୮ରେ ପୋଲିସ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା। ବିଚାରପତି ଷଡ଼ଙ୍ଗୀ ମାମଲାର ଶୁଣାଣି କରିବା ସହ ୨୭ଜଣ ସାକ୍ଷୀ ଓ ୬୨ଟି ଦସ୍ତାବିଜକୁ ବିଚାରକୁ ନେଇ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରୀ ଓକିଲ ପ୍ରକାଶ ମହାନ୍ତି, ସ୍ପେସିଆଲ ପିପି ପୃଥ୍ୱୀରାଜ ହରିଚନ୍ଦନ ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ।

# ଶୀତଳଭଣ୍ଡାର ପାଇଁ ଆବେଦନକଲେଣି ୮୨ ଉଦ୍ୟୋଗୀ

**ଭୁବନେଶ୍ୱର, ୧୭।୫(ସୁନିତ୍ ମିଶ୍ର)**

କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ କୃଷି ଭବନସ୍ଥିତ ସମ୍ମିଳନୀ କକ୍ଷରେ ଓଡ଼ିଶା ଶୀତଳ ଭଣ୍ଡାର ଆସୋସିଏସନ ସଦସ୍ୟ ଏବଂ ଶୀତଳ ଭଣ୍ଡାର ସ୍ଥାପନ ନିମିତ୍ତ ଇଚ୍ଛୁକ ଉଦ୍ୟୋଗୀଙ୍କ ମଧ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭାଗୀୟ ଅଧିକାରୀମାନେ ଉଦ୍ୟୋଗୀମାନଙ୍କ ସହ ରାଜ୍ୟ ସରକାରଙ୍କ ନୂତନ ଶୀତଳ ଭଣ୍ଡାର ନୀତି ସମ୍ପର୍କରେ ସବିଶେଷ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟର ଅଦ୍ୟାବଧି ୨୫ ଜିଲାର ୮୨ ଜଣ ଆଗ୍ରହୀ ଉଦ୍ୟୋଗୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଗୋ-ସୁଗମ ପୋର୍ଟାଲରେ ପଞ୍ଜୀକରଣ କରିଛନ୍ତି। ଖୁବ୍‌ଶୀଘ୍ର ଏହା ଉପରେ ପ୍ରକ୍ରିୟା ଆରମ୍ଭ କରାଯିବ।

ସରକାରଙ୍କ ଏହି ପଦକ୍ଷେପ ଆଗାମୀ ଦିନରେ କୃଷିଜାତ ଦ୍ରବ୍ୟର ସଂରକ୍ଷଣ ସହ କୃଷି ଅର୍ଥନୀତିକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ବୋଲି ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କୃଷି ଉଦ୍ୟୋଗୀମାନେ ମତବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଶୀତଳ ଭଣ୍ଡାର ଆସୋସିଏସନର ସଦସ୍ୟବୃନ୍ଦ ସରକାରଙ୍କ ଏହି ଅଭିନବ ପଦକ୍ଷେପକୁ ପ୍ରଶଂସା କରିବା ସହ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ, ଯାହା ଭବିଷ୍ୟତରେ ସରକାରଙ୍କ ଏହି ନୀତିକୁ ଆହୁରି ସହଜ ଏବଂ ସରଳ କରାଯାଇପାରିବ। ଉଦ୍ୟୋଗୀମାନଙ୍କ ସକାରାତ୍ମକ ପରାମର୍ଶକୁ ଆଗାମୀ ଦିନରେ କାର୍ଯ୍ୟକାରୀ କରିବା ନେଇ ପ୍ରମୁଖ ଶାସନ ସଚିବ ସୂଚନା ପ୍ରଦାନ କରିଛନ୍ତି। ଏହି ଅବସରରେ ସମସ୍ତ ଯୋଗ୍ୟ ଉଦ୍ୟୋଗୀଙ୍କୁ ବିଭାଗ ତରଫରୁ ସବୁ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ପ୍ରମୁଖ ଶାସନ ସଚିବ କହିଛନ୍ତି। ଏଥିସହ ସରକାରୀ ଆର୍ଥିକ ସହାୟତା ଉପଲବ୍ଧ କରିବା ପାଇଁ ଉଦ୍ୟୋଗୀମାନଙ୍କୁ ଅବିଳମ୍ବେ ଗୋ-ସୁଗମ ପୋର୍ଟାଲରେ ଆବେଦନ କରିବା ପାଇଁ ପରାମର୍ଶ ପ୍ରଦାନ କରାଯାଇଛି।

# ଆହୁରି ୩ଦିନ ଖରା, କାଳବୈଶାଖୀ

ଭୁବନେଶ୍ୱର, ୧୭।୫ (ଅନୁରାଧା ମହାରଣା)- ଖରା ଓ ଗୁଳୁଗୁଳିରେ ରାଜ୍ୟବାସୀ ହନ୍ତସନ୍ତ ହେଉଥିବାବେଳେ ଅପରାହ୍ଣରେ ବଜ୍ରପାତ ଭୟ ଲାଗି ରହିଛି। ତେବେ ଆହୁରି ୩ଦିନ ରାଜ୍ୟକୁ କାଳବୈଶାଖୀ ସମ୍ଭାବନା ରହିଥିବାବେଳେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ରବିବାର କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା ଓ ମାଲକାନଗିରି ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା, ବିଜୁଳି ଘଡ଼ଘଡ଼ି ସହ ୫୦ରୁ ୬୦କି.ମି. ବେଗରେ ପବନ ବହିବ। ତେଣୁ ଏହିସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ନୂଆପଡ଼ା, କଳାହାଣ୍ଡି ଓ ନବରଙ୍ଗପୁର ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ସୋମବାର ୧୯ ତାରିଖରେ ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ବରଗଡ଼, ବଲାଙ୍ଗୀର, କୋରାପୁଟ ଓ ରାୟଗଡ଼ାରେ ପ୍ରବଳ ବର୍ଷା ପବନ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏଥିସହ ଝଟକା ପବନର ବେଗ ୩୦ରୁ ୪୦ କି.ମ. ରହିବାର ସମ୍ଭାବନା ରହିଛି। ୧୯ ତାରିଖ ସକାଳଠାରୁ ୨୦ ତାରିଖ ସକାଳ ସମୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, କୋରାପୁଟ ଓ ରାୟଗଡ଼ା ଜିଲାରେ ବିଜୁଳି ଘଡ଼ଘଡି ସହ ଝଟକା ପବନର ବେଗ ୩୦ରୁ ୪୦ କି.ମି. ରହିବ।

# ତପସ୍ୱିନୀ ଏକ୍ସପ୍ରେସ୍‌କୁ ପଥରମାଡ଼, ଭାଙ୍ଗିଲା କାଚ

## ଜିଆର୍‌ପି ଓ ଆର୍‌ପିଏଫ୍ ସ୍ୱତନ୍ତ୍ର ଦଳର ତଦନ୍ତ

**ସମ୍ବଲପୁର, ୧୭।୫(ପ୍ରମୋଦ ବହିଦାର)**

ସମ୍ବଲପୁର-ଝାରସୁଗୁଡ଼ା ମଧ୍ୟସ୍ଥ ବୃନ୍ଦାମାଲ ଷ୍ଟେଶନ ନିକଟରେ ଶନିବାର ଭୋର ୪ଟାରେ ପୁରୀ-ହାଟିଆ ତପସ୍ୱିନୀ ଏକ୍ସପ୍ରେସ୍‌କୁ ପଥର ମାଡ଼ ହୋଇଛି। ଏଥିରେ ଟ୍ରେନ୍‌ର ବି-୭ ବାତାନୁକୂଳିତ ବଗିର ୧୫ ନମ୍ବର ବର୍ଥରେ ଥିବା ଝରକା କାଚ ଭାଙ୍ଗି ଯାଇଛି। ସୌଭାଗ୍ୟବଶତଃ ଉକ୍ତ ବର୍ଥରେ ଯାତ୍ରା କରୁଥିବା ଜଗଦୀଶ ଚନ୍ଦ୍ର ମହାନନ୍ଦ ନାମକ ଜଣେ ଯାତ୍ରୀ ବର୍ତ୍ତି ଯାଇଛନ୍ତି। ସେ ଭୁବନେଶ୍ୱରରୁ ଝାରସୁଗୁଡ଼ା ଯାଉଥିଲେ। ଝାରସୁଗୁଡ଼ା ନିକଟତର ହେବାରୁ ରେଙ୍ଗାଲି ଛାଡ଼ିଲା ପରେ ସେ ନିଦରୁ ଉଠି ବର୍ଥର ଗୋଟିଏ ପାର୍ଶ୍ୱରେ ବସିଥିଲେ। ଏହି ସମୟରେ ଝରକା କାଚରେ ପଥର ବାଜିବା ଶବ୍ଦରେ ସେ ଚମକି ପଡ଼ି ଥିଲେ। ପଥର ମାଡ଼ରେ ଝରକା କାଚ ଭାଙ୍ଗି ସିଟ୍‌ରେ ପଡ଼ିଥିଲା। ଏହି ଶବ୍ଦରେ ଉକ୍ତ ବଗିରେ ଶୋଇଥିବା ଅନ୍ୟ ଯାତ୍ରୀମାନେ ଉଠି ପଡିଥିଲେ। ଖବର ପାଇ ଟ୍ରେନ୍‌ରେ ଯାତ୍ରା କରୁଥିବା ଟିଟି ଓ ରେଳ ସୁରକ୍ଷାବଳ(ଆର୍‌ପିଏଫ୍) କର୍ମଚାରୀ ଉକ୍ତ ବଗିକୁ ଆସି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଏକ୍ସପ୍ରେସ ଝାରସୁଗୁଡ଼ା ଷ୍ଟେଶନରେ ପହଞ୍ଚିଲା ପରେ ଝାରସୁଗୁଡ଼ା ରେଳବାଇ ପୋଲିସ(ଜିଆର୍‌ପି)କୁ ଏ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଜିଆର୍‌ପି ଏସ୍‌ଡିପିଓ ରମେଶ ଚନ୍ଦ୍ର ଦାଶ ଷ୍ଟେଶନରେ ପହଞ୍ଚି ଉକ୍ତ ଟ୍ରେନ୍‌ରୁ ଓହ୍ଲାଇଥିବା କେତେକ ଯାତ୍ରୀଙ୍କ ସହ କଥାବାର୍ତ୍ତା କରି ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ଏହାପରେ ସେ ବୃନ୍ଦାମାଲ ଆସି ବୃନ୍ଦାମାଲ ଜିଆର୍‌ପି ଥାନା ଆଇଆଇସି ଅନସୂୟା ନାୟକ ଓ ଅନ୍ୟ କର୍ମଚାରୀଙ୍କ ସହିତ କ୍ଷେତ୍ର ପରିଦର୍ଶନ କରିଥିଲେ। ତେବେ ପଥରମାଡ଼ର କାରଣ ସ୍ପଷ୍ଟ ହୋଇନାହିଁ। ଅପରପକ୍ଷରେ ବୃନ୍ଦାମାଲ ଜିଆରପି ଆଇଆଇସି ନାୟକଙ୍କ ଏତଲା କ୍ରମେ ସମ୍ବଲପୁର ରେଳବାଇ ଥାନାରେ ଏକ ମାମଲା(ନଂ. ୫୬/୨୫)ରୁଜୁ ହୋଇଛି। ଆରପିଏଫ୍ ଓ ଜିଆର୍‌ପି ପକ୍ଷରୁ ମିଳିତ ଭାବେ ଗଠିତ ଏକ ସ୍ୱତନ୍ତ୍ର ଦଳ ଘଟଣାର ତଦନ୍ତ କରୁଛି ବୋଲି ସମ୍ବଲପୁର ରେଳବାଇ ଥାନା ଭାରପ୍ରାପ୍ତ ଅଧିକାରୀ ଚାରୋ ତିର୍କୀ କହିଛନ୍ତି।

ସୂଚନାଯୋଗ୍ୟ, ପୁରୀ-ହାଟିଆ ତପସ୍ୱିନୀ ଏକ୍ସପ୍ରେସ୍ ସମ୍ବଲପୁରରେ କିଛି ସମୟ ରହଣି ପରେ ହାଟିଆ ଅଭିମୁଖେ ବାହାରିଥିଲା। ଟ୍ରେନ୍ ରେଙ୍ଗାଲି ଷ୍ଟେଶନ ଅତିକ୍ରମ କରି ବୃନ୍ଦାମାଲ ଷ୍ଟେସନ ନିକଟତର ହେବାବେଳେ ବାଟରେ କୌଣସି ଦୁର୍ବୃତ୍ତ ପଥର ମାଡ଼ କରିଥିଲେ।




ତପସ୍ୱିନୀ ଏକ୍ସପ୍ରେସ୍‌ର ଭାଙ୍ଗିଥିବା ବାତାନୁକୂଳିତ ବି-୭ ବଗି ଝରକା କାଚ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଚାଷୀ ମୃତ: ରାସ୍ତାରୋକୋ



କ୍ଷତିପୂରଣ ଦାବିରେ କଟକ ରାସ୍ତାର କୁଶୁପଙ୍ଗି ଛକରେ ରାସ୍ତାରୋକୋ କରିଥିବା ଉତ୍ତ୍ୟକ୍ତ ଲୋକେଙ୍କ ସହ ପରିବାର ସଦସ୍ୟ।

**ବାଙ୍କୀ, ୧୭।୫(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର )**


## ବାର୍‌ହା ଶିକାର ପାଇଁ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା

କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ କୁଶୁପଙ୍ଗି ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ବାର୍‌ହା ଶିକାର ପାଇଁ ଲଗାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଉକ୍ତ ଗ୍ରାମର ଗନ୍ଧର୍ବ ଘଡ଼େଇ। ଏହାପରେ କ୍ଷତିପୂରଣ ଦାବିରେ ବାଙ୍କୀ-କଟକ ରାସ୍ତାର କୁଶୁପଙ୍ଗି ଛକରେ ମୃତଦେହ ରଖି ରାସ୍ତାରୋକୋ ହୋଇଥିଲା। ତହସିଲ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବାପରେ ରାସ୍ତାରୋକୋ ହଟିଛି।

ସୂଚନାଯୋଗ୍ୟ, ପ୍ରତିଦିନ ପରି ଗନ୍ଧର୍ବ ଧାନଚାଷ ପାଇଁ ସକାଳେ ନିଜ ଜମିକୁ ଯାଉଥିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ବହୁ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଧାନକ୍ଷେତକୁ ଯାଇ ତାଙ୍କୁ ମୃତ ଅବସ୍ଥାରେ ପାଇଥିଲେ। ଏହାପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୁକ୍ତଙ୍କୁ ଗିରଫ ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି କୁଶୁପଙ୍ଗି ଛକରେ ମୃତଦେହ ରଖି ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବାର୍‌ହା କିମ୍ବା ଜଙ୍ଗଲୀ ଜନ୍ତୁ ଜମିରେ ପଶି ଧାନ ନଷ୍ଟ କରିବା ଆଶଙ୍କାରେ ପଡୋଶୀ ଜମିର ଚାଷୀ ତାର ବାଡ ଦେଇ ବିଦ୍ୟୁତ୍ ସଂଯୋଗ କରିଥିଲେ। ଏଥିଯୋଗୁ ଗନ୍ଧର୍ବଙ୍କ ଜୀବନ ଯାଇଛି। ଏହାର ପ୍ରତିବାଦରେ ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକେ ସକାଳ ୮ଟାରୁ ପ୍ରାୟ ୩ ଘଣ୍ଟା ଧରି ବାଙ୍କୀ-କଟକ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ । ଫଳରେ ଶତାଧିକ ଗାଡି ଅଟକି ରହିଥିଲା। ଖବରପାଇ ବାଙ୍କୀ ଥାନା ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ, ଏସ୍‌ଡିପିଓ ବାଳକୃଷ୍ଣ କଅଁର, ଡମପଡ଼ା ତହସିଲଦାର ବୈଶାଖୀ ଲେଙ୍କା, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ସୌମ୍ୟରଞ୍ଜନ ମହାପାତ୍ର ରାସ୍ତାରୋକୋସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ରେଡ୍‌କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା କ୍ଷତିପୂରଣ ଦେବା ସହ ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହାପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଛି। ଏନେଇ ବାଙ୍କୀ ଥାନାରେ ଅପମୃତ୍ୟୁ ମାମଲା (ନଂ.୧୪/୨୫) ରୁଜୁ ହୋଇଛି ବୋଲି ଆଇଆଇସି ଭୂୟାଁ କହିଛନ୍ତି।

# କରୋନାକୁ ନେଇ ଭୟଭୀତ ହୁଅନ୍ତୁ ନାହିଁ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୭।୫ (ବନ୍ଦନା ସେଠୀ) - ଏସିଆ ମହାଦେଶର ଥାଇଲାଣ୍ଡ, ହଂକଂ ଏବଂ ସିଙ୍ଗାପୁରରେ ପୁଣି କରୋନା ସଂକ୍ରମଣ ବ୍ୟାପିବାରେ ଲାଗିଛି। ନୂଆ କରୋନା ରୋଗୀ ଚିହ୍ନଟ ହୋଇଥିବାବେଳେ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ହଠାତ୍ ବୃଦ୍ଧିପାଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଗୁଆ ସଜାଗ ରହିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, କରୋନାକୁ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ। ଚିହ୍ନଟ ହୋଇଥିବା କରୋନା ଭାଇରସ୍ ନୂଆ ଭାରିଆଣ୍ଟ ନୁହେଁ। ରୋଗ ପ୍ରତିରୋଧ କ୍ଷମତା କମିଗଲେ କରୋନା ସଂକ୍ରମଣ ହେଉଛି। ଏଥିଲାଗି ରାଜ୍ୟର ସବୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଟେଷ୍ଟିଂ ଚାଲିଛି ଏବଂ ଦୀର୍ଘଦିନ ହେବ ଏଠାରୁ କରୋନା ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। ରାଜ୍ୟ ସରକାର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହ ଯୋଗାଯୋଗରେ ଅଛନ୍ତି। କୌଣସି ଗାଇଡ୍‌ଲାଇନ ଆସିଲେ ତାହାକୁ ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।




# ବିଜେଡିର ପ୍ରଥମ ପିଏସି ବୈଠକ

### ଦଳର ସାଙ୍ଗଠନିକ ବ୍ୟାପାର ନେଇ ହେଲା ଆଲୋଚନା

ଭୁବନେଶ୍ୱର, ୧୭।୫(ସୁନିତ୍ ମିଶ୍ର): ବିଜେଡି ରାଜନୈତିକ ବ୍ୟାପାର କମିଟି(ପିଏସି)ର ପ୍ରଥମ ବୈଠକ ଶନିବାର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜାତୀୟ ସୁରକ୍ଷା, ରାଜ୍ୟ ରାଜନୈତିକ ପରିସ୍ଥିତି ଓ ଦଳର ସାଙ୍ଗଠନିକ ବ୍ୟାପାର ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଏହା ସହ ରାଜ୍ୟରେ ୨୦୧୪ରୁ ୨୦୨୪ ମଧ୍ୟରେ ବିଜେଡି ସରକାର ଥିବା ସମୟରେ ଶିଳ୍ପ ବିକାଶ କ୍ଷେତ୍ରରେ ଘଟିଥିବା ଉଲ୍ଲେଖନୀୟ ସଫଳତା ପାଇଁ ବୈଠକରେ ସନ୍ତୋଷ ପ୍ରକାଶ କରାଯାଇଛି। ଏହାସହ ବୈଠକରେ ନିମ୍ନୋକ୍ତ ପ୍ରସ୍ତାବ ଗୃହୀତ କରାଯାଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୨ ଏପ୍ରିଲରେ ପହଲଗାମ୍‌ରେ ଆତଙ୍କବାଦୀଙ୍କ ଗୁଳିରେ ନିହତ ବ୍ୟକ୍ତିମାନଙ୍କ ଅମର ଆତ୍ମା ପ୍ରତି ବୈଠକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ସେମାନଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରାଯାଇଛି। ଅପରେଶନ ସିନ୍ଦୂରର ସଫଳତା ପାଇଁ ଭାରତୀୟ ସେନାର ଅତୁଳନୀୟ ଦକ୍ଷତା, ସାହସ ଓ ପରାକ୍ରମର ଉଚ୍ଚ ପ୍ରଶଂସା କରାଯାଇଛି।

# ଗୋଟିଏ ପରିବାରର ଗାଁ ଟଙ୍କାଗଡ଼ିଆ

■ପ୍ରଶାସନିକ ଅବହେଳାରୁ ଲୋକେ ଗାଁ ଛାଡ଼ିଦେଲେ

■ଆଦର୍ଶ ଗ୍ରାମ ଘୋଷଣା ପରେ ବି ମୌଳିକ ସୁବିଧା ମିଳିଲାନି



ଟଙ୍କାଗଡ଼ିଆ ଗ୍ରାମ।

**ଛେନାପଦି, ୧୭।୫(ନିରାକାର ପରିଡ଼ା)**

ଗୋଟିଏ ଗାଁରେ ମାତ୍ର ଗୋଟିଏ ପରିବାର। କଥାଟା ଅଜବ ଲାଗୁଥିଲେ ହେଁ ସତ। କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଗେଡ଼ମା ପଞ୍ଚାୟତର ଟଙ୍କାଗଡ଼ିଆରେ ମାତ୍ର ଗୋଟିଏ ପରିବାରର ସଦସ୍ୟ ବସବାସ କରୁଛନ୍ତି। ଗାଁରେ ମୌଳିକ ସୁବିଧା ଯୋଗାଇଦେବାକୁ ଲୋକେ ଦାବି କରିଥିଲେ। ମାତ୍ର ପ୍ରଶାସନିକ ଅବହେଳା ଯୋଗୁ ଲୋକେ ଗାଁ ଛାଡ଼ି ଚାଲିଯାଇଥିବା କୁହାଯାଉଛି। ଏବେ ଗ୍ରାମରେ କେବଳ କୃଷ୍ଣଚନ୍ଦ୍ର ଦାସଙ୍କ ପରିବାର ଦୁଃଖକଷ୍ଟରେ ପଡ଼ି ରହିଛନ୍ତି।

ପ୍ରକାଶ ଯେ, ରାଜସ୍ୱ ଗ୍ରାମ ଟଙ୍କାଗଡ଼ିଆରେ ୨୫ବର୍ଷ ପୂର୍ବେ ୧୦ ରୁ ୧୨ ପରିବାର ବାସ କରୁଥିଲେ। ଗାଁକୁ ରାସ୍ତା, ପାନୀୟଜଳ, ବିଦ୍ୟୁତ୍ ଭଳି ମୌଳିକ ସୁବିଧା ନ ଥିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ବାରମ୍ବାର ଅଭିଯୋଗ ପରେ ୨୦୧୨ରେ ଜିଲା ପ୍ରଶାସନ ପକ୍ଷରୁ ଏହି ଗାଁକୁ ଆଦର୍ଶ ଗ୍ରାମ ରୂପେ ଘୋଷଣା କରାଯାଇ ସମସ୍ତ ମୌଳିକ ସୁବିଧା ଯୋଗାଇଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ପ୍ରଶାସନିକ ଅଧିକାରୀ ଗାଁରେ ପହଞ୍ଚି ବୈଠକ କରିବା ସହ ବିଭିନ୍ନ ଉନ୍ନୟନ କାମ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ ସମୟରେ ଗାଁରେ କୌଣସି କାମ ହୋଇ ନ ଥିଲା। ରାସ୍ତା ନ ଥିବାରୁ ଲୋକେ ଯାତାୟାତରେ ସମସ୍ୟା ଭୋଗୁଥିଲେ। ତେଣୁ ଗ୍ରାମର ସୁବାସ ଜେନା, ଯୁଧିଷ୍ଠିର ବିଶାଳ, କୃଷ୍ଣ ବିଶ୍ୱାଳ, କୁନିଆ ବିଶାଳ, ଭରତ ବିଶାଳ, ଧରଣୀ ମହାନ୍ତି, ବାବାଜି ଦାସ ପ୍ରମୁଖ ଗାଁ ଛାଡ଼ି ଅଧିକାଂଶ ଲୋକେ ଗାଁ ଛାଡ଼ି ଗେଡ଼ମା ଓ ମୁଦୁଲିସାହିକୁ ଉଠି ଆସିଲେ। ଏବେ କେବଳ କୃଷ୍ଣଚନ୍ଦ୍ର ଦାସଙ୍କ ପରିବାର ରହୁଛନ୍ତି। କୃଷ୍ଣ ତାଙ୍କର ୪ ପୁଅ ଦୀନବନ୍ଧୁ ଦାସ, ଜଗବନ୍ଧୁ ଦାସ, କୃପାସିନ୍ଧୁ ଦାସ, ସୁକାନ୍ତ ଦାସ ପରିବାର ନେଇ ରହୁଛନ୍ତି। ରାସ୍ତା ନ ଥିବାରୁ ବିଲ ହିଡ଼ରେ ଯାତାୟାତ କରୁଛନ୍ତି। ବର୍ଷାଦିନେ ପରିବାର ଲୋକେ ଘରୁ ବାହାରି ପାରୁନାହାନ୍ତି। ପିଲାମାନେ ସ୍କୁଲ ଯିବାରେ ଅସୁବିଧା ଭୋଗୁଥିବା କୃଷ୍ଣଙ୍କ ବୋହୂ ସୁବାସିନୀ ଦାସ କହିଛନ୍ତି। କେହି ଅସୁସ୍ଥ ହେଲେ ଡାକ୍ତରଖାନା ଯିବାରେ ନାକେଦମ ହେବାକୁ ପଡୁଛି। ଗାଁରେ ଥିବା ଏକମାତ୍ର ନଳକୂପ ଅଚଳ ହୋଇଯାଇଛି। ଫଳରେ ପାନୀୟ ଜଳ ପାଇଁ ମଧ୍ୟ ତହଲବିକଳ ହେଉଛନ୍ତି। ଏ ସମ୍ପର୍କରେ ପୂର୍ବତନ ସରପଞ୍ଚ ନରହରି ଚକ୍ର କହିଛନ୍ତି, ୨୦୦୭-୦୮ରେ ଟଙ୍କାଗଡ଼ିଆକୁ ରାଜସ୍ୱ ଗ୍ରାମ ମାନ୍ୟତା ମିଳିଥିଲା। ୧୦୧୨ରେ ଆଦର୍ଶ ଗ୍ରାମ ଘୋଷଣା ପରେ ସମସ୍ତ ସୁବିଧା ଯୋଗାଇବାକୁ ତତ୍କାଳୀନ ଉପଜିଲାପାଳ ଘୋଷଣା କରିଥିଲେ। ପରେ ପ୍ରଶାସନ ଏହି ଗାଁକୁ ଗୁରୁତ୍ୱ ଦେଇ ନ ଥିଲେ। ସେହିପରି ପୂର୍ବତନ ସରପଞ୍ଚ ଆନନ୍ଦ ମହାନ୍ତି କହିଛନ୍ତି, ଗାଁକୁ ଯାଇଥିବା ରାସ୍ତାରେ କେତେଜଣ ବ୍ୟକ୍ତିଙ୍କ ପୈତୃକ ଜମି ଥିଲା। ଫଳରେ ରାସ୍ତା ନିର୍ମାଣ ହୋଇପାରିଲାନାହିଁ । ଏ ସମ୍ପର୍କରେ ବିଡିଓ ରଞ୍ଜନ କୁମାର ପରିଡ଼ା କହିଛନ୍ତି, ଗାଁର କ'ଣ ଅବସ୍ଥା ତା'ର ତଦାରଖକରି ପଦକ୍ଷେପ ନିଆଯିବ।

ଆମ ନାକ ଆଗରେ ଯାହା ଯେତିକି ଘଟୁଛି-ତା' ଛଡ଼ା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ- ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଭେଦ୍ୟମୟ ବିଷୟ ଭିତରେ ମାତିଯାଉଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର। -ଶ୍ରୀଅରବିନ୍ଦ



# ଦୁଇ ପ୍ରତିଦ୍ୱନ୍ଦ୍ୱୀ



ଆକାର ପଟେଲ

ଐତିହାସିକ ମ୍ୟାକ୍ସ ହାଷ୍ଟିଙ୍ଗସ ମୁଖ୍ୟତଃ ଦୁଇ ବିଶାଳ ନିଷ୍ଠୁର ଗୋଷ୍ଠୀ(ଆଡ଼ଲଫ ହିଟଲରଙ୍କ ନାଜି ସେନା ଓ ସୋଭିଏତ୍ର ଜୋଶେଫ ଷ୍ଟାଲିନଙ୍କ ସେନା)ଙ୍କ ମଧ୍ୟରେ ହୋଇଥିବା ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ମୁଖ୍ୟଯୁଦ୍ଧ ଭାବେ ବର୍ଣ୍ଣନା କରିଥିଲେ। ଏହାବାଦ୍ ୱିନ୍ଷ୍ଟନ ଚର୍ଚ୍ଚିଲଙ୍କ ବକ୍ତବ୍ୟ ଏବଂ ପାସିଫିକ ଯୁଦ୍ଧରେ ଜାପାନ ବିରୋଧରେ ଆମେରିକାର ସଂଘର୍ଷ ସବୁବେଳେ ଗୌଣ ଥିଲା। ତେବେ ଆମ ସମୟରେ ବଡ଼ ପ୍ରତିଦ୍ୱନ୍ଦ୍ୱିତା ବିଶେଷକରି ଦୁଇ ଶକ୍ତି ଯଥା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଚାଇନାର ପ୍ରତିପକ୍ଷ ଶି ଜିନ୍ପିଙ୍ଗଙ୍କ ମଧ୍ୟରେ ଚାଲିଛି। ଆଉ ବିଶ୍ୱରେ ଯାହା ଚାଲିଛି ତାହା ସବୁ କୋଳାହଳପୂର୍ଣ୍ଣ ଅତିରିକ୍ତ ପ୍ରଦର୍ଶନ। ଆମେରିକା ଓ ଚାଇନା ମଧ୍ୟରେ ଏପର୍ଯ୍ୟନ୍ତ ଯେଉଁ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି ତାହା ବିଶ୍ୱରେ ଆର୍ଥିକ ପ୍ରାଧାନ୍ୟ ପାଇଁ ପାଶ୍ଚାତ୍ୟ ଓ ଏସିଆ ମଧ୍ୟରେ ଏକ ଲଢ଼େଇ। ସାଧାରଣ ଭାବେ ଆମେ ପାଶ୍ଚାତ୍ୟ ବିରୋଧରେ ଆମ ଏସୀୟ ସାଥୀଙ୍କୁ ସମର୍ଥନ କରିବା ଉଚିତ। କିନ୍ତୁ ମୋ ଅନୁଭବରୁ ଜାଣିଛି ଯେ, ଉଭୟ ଅସୁରକ୍ଷିତ। ତେବେ ଦେଖିବା ଚାଇନା ଏବେ କ'ଣ ଚାହୁଁଛି? ୧୯୯୧ରେ ଭାରତ ଯେତେବେଳେ ଉଦାରୀକରଣରେ ପ୍ରବେଶ କରିଥିଲା, ସେତେବେଳେ ଆର୍ଥିକ ଦୃଷ୍ଟିରୁ ଆମେ ଚାଇନା ସ୍ତରରେ ଥିଲେ। ଭାରତର ହାରାହାରି ଉତ୍ପାଦ ଚାଇନାର ହାରାହାରି ଉତ୍ପାଦଠାରୁ ଯଥେଷ୍ଟ ବେଶି ଥିଲା। ଏହା ସତ ଯେ, ତାହାର ଏକ ଦଶନ୍ଧି ପୂର୍ବରୁ ଚାଇନା ନିଜର ପୁନର୍ଗଠନ କରି ଆସିଥିଲା, ଯାହା ଆମ ତୁଳନାରେ ଅଧିକ ଲାଭପ୍ରଦ ହୋଇଛି। ଏହା ଏଭଳି ଏକ ସ୍ଥିତିରୁ ଆରମ୍ଭ କରିଥିଲା, ଯାହା ଭାରତର ବହୁ ତଳେ ରହିଥିଲା। ଶିଳ୍ପ ଓ କୃଷିରେ ଏହା ଅନେକ ଦଶନ୍ଧି ଧରି ବିଶ୍ୱରୁ ଅଲଗା ରହିଥିଲା, ହେଲେ ଭାରତ ଏଭଳି ନ ଥିଲା। କିନ୍ତୁ ପରବର୍ତ୍ତୀ ୩୫ ବର୍ଷରେ ଚାଇନାର ହାରାହାରି ବାର୍ଷିକ ଜିଡିପି ଅଭିବୃଦ୍ଧି ୯ ପ୍ରତିଶତ ରହିଥିଲା। ପାଶ୍ଚାତ୍ୟରେ ଯେକୌଣସି ଦେଶ ହାସଲ କରିଥିବା ଆର୍ଥିକ ପ୍ରଗତିଠାରୁ ଏହା ଦ୍ରୁତତର ଥିଲା। ଗତ ଦଶ ବର୍ଷରେ ଚାଇନାର ଅଭିବୃଦ୍ଧି ମନ୍ଥର ହୋଇ ହାରାହାରି ୫.୮% ରହିଛି, ଯାହା ଭାରତର ଅଭିବୃଦ୍ଧି ସହ ସମାନ, କିନ୍ତୁ ଏହାର ଅର୍ଥ ବ୍ୟବସ୍ଥା ଭାରତଠାରୁ ୫ଗୁଣ ବଡ଼। ଯଦି ଚାଇନା ଆଗାମୀ ଦଶନ୍ଧିରେ ବିନା ବାଧାରେ ଅଭିବୃଦ୍ଧି ହାସଲ କରେ ତେବେ ଏହା ବିଶ୍ୱର ସବୁଠୁ ବଡ଼ ଅର୍ଥ ବ୍ୟବସ୍ଥା ଭାବେ ଆମେରିକାକୁ ପଛରେ ପକାଇ ଦେବ। ବିଶ୍ୱର ଦୁଇ ନମ୍ବର ଅର୍ଥ ବ୍ୟବସ୍ଥା ରୂପେ ଚାଇନା ୧୫୦ ବର୍ଷ ଧରି ନିଜର ପ୍ରାଧାନ୍ୟ ବିସ୍ତାର କରିଆସିଛି, ଯାହାକୁ ଆମେରିକା ଗ୍ରହଣ କରିପାରୁନାହିଁ। ପାଶ୍ଚାତ୍ୟ ରାଜନୈତିକ ବିଶେଷଜ୍ଞ ଜନ୍ ମିର୍ଶିମର କହନ୍ତି, ଚାଇନାର ଉତ୍ଥାନ ଯୁଦ୍ଧ ସୃଷ୍ଟି କରିବା ଅନିବାର୍ଯ୍ୟ। କାରଣ ପ୍ରଭୁତ୍ୱ ବଜାୟ ରଖିଥିବା ଗୋଟିଏ ଶକ୍ତିକୁ ଯେତେବେଳେ ଏକ ବିକାଶଶୀଳ ଦେଶ ହଟାଇବାକୁ ଯାଏ ସେତେବେଳେ ଯୁଦ୍ଧ ସୃଷ୍ଟି ହୁଏ('ଥୁସିଡିଡେସ ଟ୍ରାପ୍' ସିଦ୍ଧାନ୍ତ ଅନୁଯାୟୀ)। ତେବେ ଆମେରିକା କେବେ ବି ଦ୍ୱିତୀୟ ସ୍ଥାନକୁ ଗ୍ରହଣ କରିବ ନାହିଁ ଏବଂ ଯେ କୌଣସି ଉପାୟରେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିବ। କେତେକେ ଯୁକ୍ତି ବାଢ଼ନ୍ତି ଯେ, ବିଗତ ଦୁଇ ଶତାବ୍ଦୀ ଧରି ୟୁରୋପ ଓ ଆମେରିକା ବୈଶ୍ୱିକ ବ୍ୟାପାରରେ ଯେଭଳି ହସ୍ତକ୍ଷେପ କରୁଛନ୍ତି ଏସୀୟ ଦେଶଗୁଡ଼ିକର ସେଭଳି ଆଗ୍ରହ ନାହିଁ। ସେମାନେ ମଧ୍ୟ ଭାବୁଛନ୍ତି, ଚାଇନାର ଉତ୍ଥାନ ବିଶ୍ୱରେ ଆମେରିକାର ଆଧାର କିମ୍ବା ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି( ଆଇଏମ୍ଏଫ୍), ବିଶ୍ୱ ବ୍ୟାଙ୍କ ଓ ଜାତିସଂଘ ସୁରକ୍ଷା ପରିଷଦ ଭଳି ସଂସ୍ଥାଗୁଡ଼ିକରେ ଏହାର ଦୃଢ଼ ନିୟନ୍ତ୍ରଣ ପ୍ରତି ବିପଦ ସୃଷ୍ଟି କରିବ ନାହିଁ। ଏଣୁ ଚାଇନା ନମ୍ବର ୱାନ ହେବାର ମାନେ କ'ଣ ଓ ତାହାର ମୂଲ୍ୟାୟନ କଲାବେଳେ ଆମେରିକା ଭଲ ଭାବେ ଚିନ୍ତା କରିବା ଉଚିତ। ଚାଇନା ଯେତେବେଳେ ଆମେରିକାକୁ ଟପିଯିବ ସେତେବେଳେ କିଭଳି କାମ କରିବ ତାହା କେହି ଜାଣନ୍ତି ନାହିଁ।

ବିଗତ ୮ ବର୍ଷ ହେବ ଚାଇନାର ଆର୍ଥିକ ପ୍ରଗତିକୁ ରୋକିବା ପାଇଁ ଆମେରିକା ଚେଷ୍ଟା କରିଛି। ଚାଇନା କମ୍ପାନୀଗୁଡ଼ିକ ଆଧୁନିକ ସେମିକଣ୍ଡକ୍ଟର ହାସଲ କରିବାର ବାଟ ବନ୍ଦ କରିଛି। ଚାଇନାର ରପ୍ତାନି ଉପରେ ଶୁଳ୍କ ଲଗାଇଛି। ଟ୍ରମ୍ପ ଦ୍ୱିତୀୟ ଥର ପୁନର୍ବାର କ୍ଷମତାକୁ ଫେରିବା ପରେ ତାଙ୍କ ପ୍ରଶାସନ ଅତ୍ୟଧିକ ଟାରିଫ୍ ଲଗାଇ ଚାଇନାକୁ ସମ୍ପୂର୍ଣ୍ଣ ଅଲଗା କରିଦେବାକୁ ଚେଷ୍ଟା କରିଛି। ଦୁର୍ଭାଗ୍ୟଜନକ, ଆମେରିକା ସେଥିରେ ବିଫଳ ହୋଇଛି। ଷ୍ଟକ୍ ଆଣ୍ଡ୍ ବଣ୍ଡ୍ ମାର୍କେଟ ସ୍ପଷ୍ଟ ଭାବେ ଟ୍ରମ୍ପଙ୍କୁ ଦର୍ଶାଇଛି ଯେ,ଚାଇନାକୁ ଅଲଗା କରିବାର କୌଣସି ପଦକ୍ଷେପ ଆମେରିକା ଅର୍ଥ ବ୍ୟବସ୍ଥାକୁ କ୍ଷତି କରିବ, ଯାହା ଟ୍ରମ୍ପଙ୍କୁ ପଛକୁ ହଟିବାକୁ ବାଧ କରିଛି। ଚାଇନା ପାଖରେ ଏବେ ଯେତିକି ସମୟ ରହିଛି, ମୁଁ ବିଶ୍ୱାସ କରୁଛି, ତାହା ଲକ୍ଷ୍ୟ ପୂରଣ କରିବାକୁ ଯଥେଷ୍ଟ। ଟ୍ରମ୍ପ ପ୍ରଶାସନର ଧ୍ୟାନ ଏବେ ବାଣିଜ୍ୟରୁ ଟିକସ ହ୍ରାସ ଆଡକୁ ଚାଲିଗଲାଣି ଏବଂ ଚଳିତ ବର୍ଷର ଅବଶିଷ୍ଟ ସମୟରେ ଏଥିରେ ମୁଣ୍ଡ ଖଟାଇବ। ଆମେରିକା କଂଗ୍ରେସ ପାଇଁ ୨୦୨୬ରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ହେବାକୁ ଯାଉଛି। ଫଳରେ ବିଗତ କିଛି ମାସରେ ଟ୍ରମ୍ପ ବାଣିଜ୍ୟ ଉପରେ ବେଖାତିର ଭାବେ ଯେଉଁ ଭଳି ସବୁ କାମ କରିଛନ୍ତି ତାହା କ୍ରମଶଃ କମିଯିବ। ଏହାଦ୍ୱାରା ଚାଇନାକୁ ଅଧିକ ସମୟ ମିଳିଯିବ। ଟ୍ରମ୍ପଙ୍କ ବାଣିଜ୍ୟିକ ପଦକ୍ଷେପର ବିଫଳତାକୁ ଦେଖିଲେ, ୨୦୨୮ ପରେ ତାଙ୍କ ଉତ୍ତରାଧିକାରୀ ସମ୍ଭବତଃ ସମାନ ପଥ ଅନୁସରଣ କରିବେ ନାହିଁ। ଦେଖିବାକୁ ଗଲେ ଗତ ୮ ବର୍ଷ ହେଲା ଚାଇନା ବାଣିଜ୍ୟ ଯୁଦ୍ଧ ପାଇଁ ନିଜକୁ ପ୍ରସ୍ତୁତ କରିଛି। ଶିଳ୍ପକୁ ଅତ୍ୟଧିକ ପୁଞ୍ଜି ଆସିବା ପାଇଁ ଲଗାତର ଭାବେ ଚେଷ୍ଟା କରିଛି। ଆମେରିକା ବାହାରେ ସେମାନଙ୍କ ରପ୍ତାନି ସାମଗ୍ରୀଗୁଡ଼ିକ ପାଇଁ ବଜାର ସୃଷ୍ଟି କରିବାକୁ ଚେଷ୍ଟା କରିବା ସହ ଚୁକ୍ତି ମାଧ୍ୟମରେ ଆଫ୍ରିକା ଓ ଲାଟିନ ଆମେରିକାରେ ସେମାନଙ୍କ ଯୋଗାଣ ଚେନ୍କୁ ସଂଗଠିତ କରିଛନ୍ତି।

ଆସିଆନ ଏବଂ ୟୁରୋପୀୟ ସଂଘ ପରେ ବର୍ତ୍ତମାନ ଚାଇନାର ତୃତୀୟ ବୃହତ୍ତମ ବାଣିଜ୍ୟିକ ଅଂଶୀଦାର ହେଉଛି ଆମେରିକା। ଭବିଷ୍ୟତ ପାଇଁ ଉପଯୋଗୀ ଟେକ୍ନୋଲୋଜି କ୍ଷେତ୍ରରେ ଆହୁରି ଆଗକୁ ଯିବା ଲାଗି ଚାଇନା ତା'ଗତିକୁ ବଢ଼ାଇଛି। ଲାଭ ଏଇଆ ହୋଇଛି, ଟ୍ରମ୍ପଙ୍କ ଆମେରିକା ଶି'ଙ୍କ ଚାଇନା ତୁଳନାରେ ପଛକୁ ହଟିଛି। ଯେଉଁ ସ୍ଥିତି ଅଛି ଯଦି ତାହା ଜାରି ରହେ, ତେବେ ୨୦୦ ବର୍ଷରେ ପ୍ରଥମ ଥର ପାଇଁ ବିଶ୍ୱର ସବୁଠୁ ବଡ଼ ଆର୍ଥିକ ଶକ୍ତି ପାଶ୍ଚାତ୍ୟର ଦେଶ ନୁହେଁ , ବରଂ ଏସୀୟ ଦେଶ ହେବ।

Email:aakar.patel@gmail.com

# ସଙ୍କଟରେ ମାଣ୍ଡିଆ



ବିଚିତ୍ର ବିଶ୍ୱାଳ

ଏକଦା କେବଳ ଆଦିବାସୀଙ୍କ ଖାଦ୍ୟ ଭାବେ ମାଣ୍ଡିଆ ପରିଗଣିତ ହେଉଥିଲା। ଏବେ ଆଦିବାସୀଙ୍କ ବ୍ୟତୀତ ଅନେକ ଅନ୍ୟ ବର୍ଗର ଲୋକଙ୍କ ନିୟମିତ ଖାଦ୍ୟ ଅଭ୍ୟାସରେ ପରିଣତ ହୋଇଛି। ଏହାର ମୁଖ୍ୟ କାରଣ ହେଉଛି ମାଣ୍ଡିଆରେ ଥିବା ଗୁଣବତ୍ତା ଓ ପୋଷକ ତତ୍ତ୍ୱ। ଆଜିର ସମୟରେ ଯେତେବେଳେ ଅଧିକାଂଶ ଲୋକ ଜୀବନଶୈଳୀଜନିତ ରୋଗ ଯଥା ମଧୁମେହ, ରକ୍ତଚାପ, କୋଲେଷ୍ଟରଲ, ହୃଦ୍‌ଘାତ ଆଦିର ଶିକାର ହେଉଛନ୍ତି, ସେତେବେଳେ ମାଣ୍ଡିଆ ଓ ମାଣ୍ଡିଆ ଜାତୀୟ ଅନ୍ୟାନ୍ୟ ଖାଦ୍ୟର ଚାହିଦା ବଢ଼ିଛି। ଏପରିକି ଡାକ୍ତରମାନେ ଏହିପରି ଖାଦ୍ୟକୁ ଖାଇବା ପାଇଁ ଲୋକଙ୍କୁ ପରାମର୍ଶ ଦେଉଛନ୍ତି। ଯେଉଁ ମାଣ୍ଡିଆର ଉତ୍ତମ ଗୁଣବତ୍ତାକୁ ଲୋକମାନେ ପ୍ରାଧାନ୍ୟ ଦେଇ ଆପଣାଉଛନ୍ତି ଓ ପସନ୍ଦ କରୁଛନ୍ତି, ତାହା ହେଉଛି ଦେଶୀ ମାଣ୍ଡିଆ। ମୁଖ୍ୟତଃ ଆମ ରାଜ୍ୟରେ କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି, କନ୍ଧମାଳ, ମୟୂରଭଞ୍ଜ, କେଉଁଝର ଆଦି ଜିଲାର ଆଦିବାସୀମାନେ ପୁରୁଷ ପରୁଷ ଧରି ପାରମ୍ପରିକ ଭାବେ ମାଣ୍ଡିଆ ଓ ବିଭିନ୍ନ ପ୍ରକାର ମିଲେଟ ଚାଷ କରି ଆସୁଛନ୍ତି। ଏହି ଚାଷରେ ସେମାନେ ଆଦୌ ସାର ବିଷ ବ୍ୟବହାର ନକରି ସମ୍ପୂର୍ଣ୍ଣ ପ୍ରାକୃତିକ ଉପାୟରେ ଚାଷ କରନ୍ତି। ମାଣ୍ଡିଆ ଓ ଭିନ୍ନ ଭିନ୍ନ ପ୍ରକାର ମିଲେଟ ଆଦିବାସୀଙ୍କ ଖାଦ୍ୟ ଅଭ୍ୟାସର ଏକ ପ୍ରମୁଖ ଅଂଶ। ଆଦିବାସୀମାନେ ଏହିସବୁ ଶସ୍ୟର ବିହନ ନିଜେ ପ୍ରତିବର୍ଷ ସଂରକ୍ଷଣ କରି ରଖୁଛନ୍ତି ଓ ଚାଷ କରି ଆସୁଛନ୍ତି। ରାସାୟନିକ ଭିତ୍ତିକ ଆଧୁନିକ ଚାଷ ବ୍ୟବସ୍ଥା ଯୋଗୁ ଯଦିଓ ମାଣ୍ଡିଆ ଓ ଅନ୍ୟାନ୍ୟ ମିଲେଟ ଚାଷର ପରିମାଣ କମ୍ ହୋଇଛି, କିନ୍ତୁ ଏହା ଏବେ ମଧ୍ୟ ଆଦିବାସୀ ଅଞ୍ଚଳରେ ତିଷ୍ଠି ରହିଛି।

ସମ୍ପ୍ରତି ଆମ ରାଜ୍ୟରେ ଏହି ପାରମ୍ପରିକ ମାଣ୍ଡିଆ ଉପରେ ଏକ ବଡ଼ ବିପଦ ଆସିଛି। ଏହି ବିପଦ କେଉଁ ବାହ୍ୟ ସ୍ରୋତରୁ ନ ଆସି ଦୁର୍ଭାଗ୍ୟଜନକ ଭାବେ ଆମ ସରକାରଙ୍କ ତରଫରୁ ହିଁ ଆସିଛି। ରାଜ୍ୟ ସରକାରଙ୍କ ଦ୍ୱାରା ମିଲେଟର ପୁନରୁଦ୍ଧାର ଓ ପ୍ରଚାର ପ୍ରସାର ପାଇଁ ୨୦୧୭ରୁ ଶ୍ରୀଅନ୍ନ ନାମରେ ଏକ ଅଭିଯାନ ଚାଲୁ ରହିଛି। ଏହି ଅଭିଯାନ ଅନ୍ତର୍ଗତ ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ବିହନ ନିଗମ ଦ୍ୱାରା କୋରାପୁଟ ଜିଲାର ଚାଷୀଙ୍କୁ ୮୭୧ କୁଇଣ୍ଟାଲ ହାଇ-ୟିଲ୍ଡିଙ୍ଗ ମାଣ୍ଡିଆ ବିହନ ଯୋଗାଇବା ପାଇଁ ଯୋଜନା କରିଛନ୍ତି। ଏଥିପାଇଁ ରାଜ୍ୟ ସ୍ତରରୁ ଏକ ଚିଠି ମଧ୍ୟ କୋରାପୁଟ ଜିଲାକୁ କରାଯାଇଛି। ସୂଚନାଯୋଗ୍ୟ ଯେ, କୋରାପୁଟ ଜିଲାରେ ସର୍ବାଧିକ ଦେଶୀ ତଥା ପାରମ୍ପରିକ ମାଣ୍ଡିଆ ଉତ୍ପାଦନ ହୋଇଥାଏ। ଜିଲା କୃଷି କାର୍ଯ୍ୟାଳୟର ତଥ୍ୟ ଅନୁସାରେ ୨୦୨୧-୨୨ରେ କୋରାପୁଟ ଜିଲାରେ ପ୍ରାୟ ୭୪ ହଜାର ହେକ୍ଟର ଜମିରେ ମାଣ୍ଡିଆ ଚାଷ ହୋଇଥିଲା। ଜିଲାରେ ବାର୍ଷିକ ପ୍ରାୟ ୨୫୦୦ କୁଇଣ୍ଟାଲ ମାଣ୍ଡିଆ ବିହନ ଆବଶ୍ୟକ ହୋଇଥାଏ, ଯାହାକୁ ଚାଷୀମାନେ ପାରମ୍ପରିକ ଭାବେ ସଂରକ୍ଷଣ କରି ଚାଷ କରିଥାନ୍ତି। ବର୍ତ୍ତମାନ ସରକାର ୮୭୧କୁଇଣ୍ଟାଲ ହାଇ-ୟିଲ୍ଡିଙ୍ଗ ବା ଅଧିକ ଉତ୍ପାଦନକ୍ଷମ ମାଣ୍ଡିଆ ବିହନ କୋରାପୁଟରେ ଚାଷ ହେବାର ନିର୍ଦ୍ଦେଶ ଦେଇ ସେତିକି ସ୍ଥାନରୁ ଦେଶୀ ମାଣ୍ଡିଆକୁ ବୁଡେଇବାର ବ୍ୟବସ୍ଥା କରିଛନ୍ତି। ଏଥିରୁ ବୁଝିହେଉଛି ସରକାରଙ୍କ ଲକ୍ଷ୍ୟ କେବଳ ଏତିକିରେ ସୀମିତ ନାହିଁ। କୋରାପୁଟରେ ହୁଏତ ଏଭଳି ଚାଷ ଆରମ୍ଭ ହୋଇପାରେ। ପରେ ସରକାର ଧୀରେ ଧୀରେ ଅନ୍ୟ ଜିଲାରେ ଓ ଅଧିକ ପରିମାଣର ହାଇ-ୟିଲ୍ଡିଙ୍ଗ ମାଣ୍ଡିଆ ବିହନକୁ ପ୍ରବେଶ କରେଇବା ପାଇଁ ବ୍ୟବସ୍ଥା କରିବେ। ପରିଣାମରେ ଧୀରେ ଧୀରେ ପାରମ୍ପରିକ ଓ ଦେଶୀ ମାଣ୍ଡିଆ ବିହନ ବୁଡିଯିବ ଓ ତା'ର ସ୍ଥାନ ହାଇ-ୟିଲ୍ଡିଙ୍ଗ ମାଣ୍ଡିଆ ବିହନ ନେଇଯିବ। ଚାଷୀଙ୍କ ହାତରୁ ଥରେ ଦେଶୀ ବିହନ ବୁଡ଼ିଗଲେ ସେମାନେ ମାଣ୍ଡିଆ ଚାଷ ପାଇଁ କମ୍ପାନୀ ଉପରେ ନିର୍ଭରଶୀଳ ହୋଇଯିବେ। ଚାଷରେ ଖର୍ଚ୍ଚ ବଢ଼ିବ। ଚାଷୀଙ୍କ ଅଧିକାର ଓ ବିହନ ସାର୍ବଭୌମତା ଲୋପ ପାଇଯିବ। ଆଜି ଯେପରି ଭାବେ ଧାନର ଅବସ୍ଥା ହୋଇଛି, ମାଣ୍ଡିଆ ସେପରି ଅବସ୍ଥାକୁ ଚାଲିଯିବ। ସବୁଜ ବିପ୍ଳବର ଆଧୁନିକ ଚାଷ ବ୍ୟବସ୍ଥା ଯୋଗୁ ଆମ ରାଜ୍ୟରେ ଥିବା ହଜାର ହଜାର ପ୍ରକାର ଦେଶୀ ଧାନ ବିହନ ଲୋପ ପାଇଯାଇଛି। ଆଜି ଚାଷୀମାନେ ଧାନ ବିହନ ପାଇଁ ସମ୍ପୂର୍ଣ୍ଣ ଭାବେ ବଜାର ନିର୍ଭରଶୀଳ। ଏହା ହିଁ ଆଜିର ପରିସ୍ଥିତିରେ ଚାଷୀର ଦୁର୍ଦ୍ଦଶାର ଅନ୍ୟତମ ମୁଖ୍ୟ କାରଣ।

ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ପରିସ୍ଥିତିରେ ଚାଷୀଙ୍କ ପାଖରେ ଦେଶୀ ଓ ପାରମ୍ପରିକ ମାଣ୍ଡିଆ ବିହନ ଥିବା ଯୋଗୁ ବର୍ଷା ଅଧିକ ହେଲେ କିମ୍ବା କମ୍ ହେଲେ ଚାଷୀଙ୍କ ମାଣ୍ଡିଆ ଫସଲ କ୍ଷତି ହେଉନାହିଁ। କାରଣ ଦେଶୀ ମାଣ୍ଡିଆର ଜଳବାୟୁ ସହନୀୟ ଶକ୍ତି ଅଧିକ। ଏହାଛଡ଼ା କୋରାପୁଟ ଚାଷୀଙ୍କ ପାଖରେ ପ୍ରାୟ ୬ରୁ ଅଧିକ ପ୍ରକାରର ମାଣ୍ଡିଆ ବିହନ ଯଥା ବଡ଼ ମାଣ୍ଡିଆ, ସାନ ମାଣ୍ଡିଆ, ଭୋଦ ମାଣ୍ଡିଆ, ଦଶରା ମାଣ୍ଡିଆ, ତେଲେଙ୍ଗା ମାଣ୍ଡିଆ, ଭାଲୁ ମାଣ୍ଡିଆ ଆଦି ଅଛି। ଏହିସବୁ ମାଣ୍ଡିଆର ବୁଣିବା ସମୟ ଓ ଅମଳ




ସମୟ ଭିନ୍ନ। ଫଳରେ ଚାଷୀ ପାଖକୁ କ୍ରମାଗତ ଭାବେ ଅମଳ ଆସିଥାଏ। ତେଣୁ ଚାଷୀର ଗଚ୍ଛିତ ରଖିବାର ସମସ୍ୟା ନଥାଏ ଓ ବେପାରୀଙ୍କ ଜାଲରେ ପଡ଼ିବାର ସମ୍ଭାବନା କମ୍ ଥାଏ। ବୁଣିବା ସମୟ ଭିନ୍ନ ହୋଇଥିବାରୁ ବର୍ଷା କମ୍ ବେଶି ହେଲେ ମଧ୍ୟ ଚାଷୀର ଚିନ୍ତା ନଥାଏ। ଗୋଟିଏ ଉଜୁଡ଼ି ଗଲେ ଆଉ ଗୋଟିଏ ପ୍ରକାର ମାଣ୍ଡିଆ ବିହନ ବୁଣି ଚାଷୀ ପରିସ୍ଥିତିକୁ ସମ୍ଭାଳି ନିଏ। ଏଥିସହିତ ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ ଅଫ୍ ନ୍ୟୁଟ୍ରିଶନର ତଥ୍ୟ ଅନୁସାରେ ପ୍ରତି ୧୦୦ ଗ୍ରାମ୍ ମାଣ୍ଡିଆରେ ୭.୩ ଗ୍ରାମ୍ ପ୍ରୋଟିନ, ୨.୭ ଗ୍ରାମ୍ ଖଣିଜସାର, ୩.୬ ଗ୍ରାମ୍ ଫାଇବର, ୩୨୮ କ୍ୟାଲୋରି ଶକ୍ତି, ୩.୯ ମିଲିଗ୍ରାମ ଲୌହସାର, ୩୪୪ ମିଲିଗ୍ରାମ୍ କ୍ୟାଲସିୟମ ଓ ଆହୁରି ଅନେକ ପ୍ରକାର ପୋଷକ ତତ୍ତ୍ୱ ରହିଛି। ଯଦି ଚାଉଳ ସହିତ ତୁଳନା କରାଯାଏ ତେବେ ମାଣ୍ଡିଆ ବହୁତ ଉପରେ ରହିବ। ସମ୍ପ୍ରତି ଆମ ଦେଶର ଅର୍ଦ୍ଧାଧିକ ମହିଳା ଲୌହ ଅଭାବ ଜନିତ ଆନେମିଆର ଶିକାର ହୋଇଥିବା ବେଳେ ମାଣ୍ଡିଆ ଏକ ଖାଦ୍ୟ ରୂପେ ଏହାର ଏକ ମୌଳିକ ସମାଧାନ ଭାବେ ବିଚାର କରାଯାଇ ପାରେ। ଚାଷୀଙ୍କ ପାଖରେ ଉପଲବ୍ଧ ଦେଶୀ ମାଣ୍ଡିଆକୁ ଅବହେଳା କରି ହାଇ-ୟିଲ୍ଡିଙ୍ଗ ମାଣ୍ଡିଆକୁ ଯୋଜନାବଦ୍ଧ ଭାବେ ଲଦିଦେବା କ୍ଷତି ସାବ୍ୟସ୍ତ ହେବ। ସମୟ ଆସିବ ଆମ ପାଖରେ ଯେଉଁ ମାଣ୍ଡିଆ ଥିବ, ସେଥିରେ ପୂର୍ବର ସେହି ଗୁଣବତ୍ତା ନଥିବ। ତେଣୁ ସମୟ ଥାଉ ଥାଉ ସରକାରଙ୍କୁ କମ୍ପାନୀ ପ୍ରୀତି ପରିହାର କରି ଚାଷୀ ଅନୁକୂଳ ପଦକ୍ଷେପ ନେବାକୁ ହେବ। ଧାନର ଅନୁଭବରୁ ଆମେ ଜାଣୁ ହାଇ-ୟିଲ୍ଡିଙ୍ଗ ମାଣ୍ଡିଆ ବିହନର ଜଳବାୟୁ ସହଣି ଶକ୍ତି ନ ଥାଏ। ତେଣୁ ଆଜିର ଜଳବାୟୁ ପରିବର୍ତ୍ତନ ପରିସ୍ଥିତିରେ ଏହି ବିହନ ଚାଷୀଙ୍କୁ କ୍ଷତି ସହିବାକୁ ବାଧ କରିବ। ଏଥି ସହିତ ଏହି ହାଇ-ୟିଲ୍ଡିଙ୍ଗ ବିହନରୁ ଚାଷୀ ପରବର୍ତ୍ତୀ ବର୍ଷ ପାଇଁ ବିହନ ରଖିବାକୁ ସକ୍ଷମ ହୋଇପାରିବେ ନାହିଁ। ହାଇ-ୟିଲ୍ଡିଙ୍ଗ ମାଣ୍ଡିଆ ବିହନର ରୋଗପୋକ ସହଣି ଶକ୍ତି କମ୍। ଏହା ଚାଷୀଙ୍କୁ ଧୀରେ ଧୀରେ ରାସାୟନିକ ବ୍ୟବହାର ଆଡକୁ ଟାଣିବ ଓ ପରିଣାମରେ ଚାଷୀ ଋଣଗ୍ରସ୍ତ ହେବାକୁ ବାଧ ହେବେ।

ସରକାର ତୁରନ୍ତ କୋରାପୁଟ ଜିଲାରେ ହେବାକୁ ଯାଉଥିବା ଏହି ହାଇ-ୟିଲ୍ଡିଙ୍ଗ ମାଣ୍ଡିଆକୁ ସମ୍ପୂର୍ଣ୍ଣ ନିଷେଧ କରିବା ଉଚିତ। ତା ସ୍ଥାନରେ ଦେଶୀ ମାଣ୍ଡିଆ ବିହନ ନେଇ ଶ୍ରୀଅନ୍ନ ଅଭିଯାନ ଆଗକୁ ବଢ଼ାନ୍ତୁ। ତାହା ହିଁ ହେବ ଓଡ଼ିଶାର ଅସଲ ଶ୍ରୀଅନ୍ନ। ଏଥିସହିତ କୋରାପୁଟ ଓ ଅନ୍ୟାନ୍ୟ ଜିଲାରେ କିପରି ଦେଶୀ ମାଣ୍ଡିଆ ବିହନର ଚାଷ ବଢ଼ିବ ସରକାର ସେଥିପାଇଁ ସ୍ଥାନୀୟ ଜିଲାପାଳ ଓ କୃଷି ଅଧିକାରୀଙ୍କୁ ଦାୟିତ୍ୱ ଦିଅନ୍ତୁ। ଦେଶୀ ମାଣ୍ଡିଆକୁ ସରକାରଙ୍କର ଭିନ୍ନ ଭିନ୍ନ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟବ୍ୟାପୀ ସାମିଲ କରାଯାଉ। ମାଣ୍ଡିଆର ଉପଯୁକ୍ତ ଓ ନ୍ୟାୟପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରି ଏହାର ପ୍ରଣୟନକୁ କଡ଼ାକଡ଼ି କରାଯାଉ। ରାଜ୍ୟର ବହୁଚର୍ଚ୍ଚିତ ମିଲେଟ ମିଶନ କାର୍ଯ୍ୟକ୍ରମରେ ମାଣ୍ଡିଆ ସହିତ ଅନ୍ୟାନ୍ୟ ମିଲେଟକୁ ବହୁଳ ଭାବେ ଅନ୍ତର୍ଭୁକ୍ତ କରାଯାଉ। ସର୍ବଶେଷରେ ଆଦିବାସୀ ଚାଷ ବ୍ୟବସ୍ଥା ସହିତ କିଛି ବି କରିବା ପୂର୍ବରୁ ସରକାର ପ୍ରଥମେ ଜ୍ଞାନୀ ଆଦିବାସୀ ଚାଷୀଙ୍କ ପରାମର୍ଶ ନିଅନ୍ତୁ। ଆଦିବାସୀଙ୍କ ପାଖରେ ଥିବା ଚାଷବାସର ଜ୍ଞାନକୁ ମାନ୍ୟତା ଦେଇ ରାଜ୍ୟବ୍ୟାପୀ ପ୍ରସାର କରି ସାମ୍ପ୍ରତିକ କୃଷି ସମସ୍ୟାକୁ ସଫଳତାର ସହିତ ସମାଧାନ କରାଯାଇପାରିବ।

ଭିରଙ୍ଗ, ତିରଣ, ଜଗତ୍ସିଂହପୁର
ମୋ: ୯୪୩୮୪୬୮୪୭୪

# ଓଡ଼ିଆ ଅସ୍ମିତା ହରଣ ପାଇଁ ଉଦ୍ୟମ



ଡ. ପ୍ରମୋଦ କୁମାର ପଣ୍ଡା

କେଉଁ କାଳରୁ କଳିଙ୍ଗ ବା ଉତ୍କଳ ବା ଓଡ଼ିଶାର ଖ୍ୟାତି ସମଗ୍ର ଭାରତବର୍ଷରେ ପ୍ରତିଷ୍ଠିତ।

ସେ ଅଶୋକଙ୍କ କଳିଙ୍ଗଯୁଦ୍ଧ ବା ପୁରୀ ଧାମ କିମ୍ବା ପ୍ରାଚୀନ ନୌବାଣିଜ୍ୟ ଆବିଷ୍କାର କଥା ଅବା ରସଗୋଲା ଭଳି ସାଦିଷ୍ଟ ମିଷ୍ଟାନ୍ନ ଉଦ୍ଭାବନ କିମ୍ବା ଧାନର ଉତ୍ପତ୍ତି ସ୍ଥଳ ବା ଖାରବେଳଙ୍କ ସାମ୍ରାଜ୍ୟ ପ୍ରତିଷ୍ଠା ହେଉ ଅବା ମଧ୍ୟଯୁଗରେ ଗଜପତିମାନଙ୍କର ଗଗନଚୁମ୍ବୀ ସୂକ୍ଷ୍ମ କାରୁକାର୍ଯ୍ୟ ଖଚିତ ମନ୍ଦିରମାଳା କିମ୍ବା ସ୍ୱାଧୀନତାର ପ୍ରଥମ ସଂଗ୍ରାମ ପାଇକ ବିଦ୍ରୋହ ବା ଭାରତର ସର୍ବ କନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବାଜି ରାଉତଙ୍କ କଥା କିମ୍ବା ଭାରତର ଦୀର୍ଘତମ କାରାବାସୀ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଗାଥା ହେଉ, ବିଭିନ୍ନ କ୍ଷେତ୍ରରେ ଓଡ଼ିଆଙ୍କ ଶ୍ରେଷ୍ଠତ୍ୱର ନିଦର୍ଶନ ଦେଖିବାକୁ ମିଳେ। ମାତ୍ର ଦୁଃଖର କଥା ଏହି ଯେ ଆମ ଉଦ୍ୟମର ଅଭାବ ଯୋଗୁ ଆମକୁ ରାଷ୍ଟ୍ରୀୟ ଓ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଏକ ପଛୁଆ ଓ ଅନଗ୍ରସର ଜାତି ହିସାବରେ ପରିଚୟ ଦିଆଯାଉଛି। ବ୍ରିଟିଶ ଭାରତରେ ଭାଗ ଭାଗ କରି ବେଙ୍ଗଲ ପ୍ରେସିଡେନ୍ସି, ମାଡ୍ରାସ ପ୍ରେସିଡେନ୍ସି ଓ ସେଣ୍ଟ୍ରାଲ ପ୍ରେସିଡେନ୍ସିରେ ରଖିଲେ ଓ ଓଡ଼ିଶାର ବିକାଶକୁ ମନ୍ଥର କରି, ତା'ର ଇତିହାସ ଓ ସଂସ୍କୃତିକୁ ସଙ୍କୁଚିତ କଲେ। ପଡ଼ୋଶୀ ଇତିହାସକାର ଓଡ଼ିଆ ଇତିହାସକୁ ଭାରତ ଇତିହାସରୁ ବିଦା କରିଦେଲେ। ଓଡ଼ିଶା ଭଳି ବିଶାଳ ଭୂଖଣ୍ଡର ଇତିହାସକୁ କେଇ ଧାଡି କଳିଙ୍ଗଯୁଦ୍ଧରେ ସୀମିତ କରିଦିଆଗଲା। ମହାମେଘବାହନ ଐର ଖାରବେଳଙ୍କ ବିଶାଳ ସାମ୍ରାଜ୍ୟ (ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀ ଓ ପୂର୍ବରେ ମହୋଦଧିଠୁ ପଶ୍ଚିମରେ ରାଜସ୍ଥାନ ପର୍ଯ୍ୟନ୍ତ) ଭାରତ ଇତିହାସରେ ସ୍ଥାନିତ ହୋଇପାରିଲା ନାହିଁ। ତା' ପରେ ବଙ୍ଗାଳିଙ୍କର ଓଡ଼ିଆ ଭାଷା ବିଲୋପ ଅଭିଯାନ ଆରମ୍ଭ ହେଲା। ସେଥିରେ ସଫଳ ହେଲେ ନାହିଁ। ତା' ପରେ ଗୀତଗୋବିନ୍ଦ ରଚୟିତା ଜୟଦେବଙ୍କୁ ନିଜର ଦାବି କରିବାର ଅପଚେଷ୍ଟା? ବିଫଳ ହେବାପରେ ରସଗୋଲାର ଉତ୍ପତ୍ତି ସ୍ଥଳକୁ ନିଜର ଦାବି କରିବା ଅପଚେଷ୍ଟା। ସେଥିରେ ମଧ୍ୟ ବିଫଳ ହେବା ପରେ ଏବେ ହାତ ଦେଇଛନ୍ତି ଜଗନ୍ନାଥ ସଂସ୍କୃତି ଅସ୍ମିତା ହରଣରେ।

ହିନ୍ଦୁମାନଙ୍କର ୪ ମୋକ୍ଷ ଧାମ ମଧ୍ୟରୁ ଶ୍ରୀପୁରୁଷୋତ୍ତମ ଧାମ ବା ଜଗନ୍ନାଥ ଧାମ ହେଉଛି ଅନ୍ୟତମ। ପ୍ରତିବର୍ଷ କୋଟି କୋଟି ଶ୍ରଦ୍ଧାଳୁ ମୋକ୍ଷ ପ୍ରାପ୍ତି ପାଇଁ ଭଗବାନ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଓଡ଼ିଶା ଆସୁଛନ୍ତି। ସେମାନଙ୍କ ମଧ୍ୟରୁ ସିଂହଭାଗ ହେଉଛନ୍ତି ବଙ୍ଗାଳି ଭକ୍ତ। ଏହା ଦ୍ୱାରା ଓଡ଼ିଆଙ୍କ ସାଂସ୍କୃତିକ ଓ ଧାର୍ମିକ ଉତ୍କର୍ଷ ବା ବଡ଼ପଣ ଅନ୍ୟମାନଙ୍କ ଉପରେ ରହୁଛି। ତେଣୁ ଏହାକୁ ହରଣ କରିବା ପାଇଁ ଦୀଘା ଜଗନ୍ନାଥ ଧାମର ପରିକଳ୍ପନା ହୋଇଥାଇପାରେ। ପୁରୀକୁ କୋଟି କୋଟି ଭକ୍ତ ଆଗମନ ଦ୍ୱାରା ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ସମୃଦ୍ଧ ହେଉଛି ଓ ପ୍ରଚୁର ରୋଜଗାର ସୃଷ୍ଟି ହେଉଛି। ପୁରୀରୁ ପର୍ଯ୍ୟଟକ କମ୍ କରିବା, ଦୀଘାରେ ପର୍ଯ୍ୟଟକ ସଂଖ୍ୟା ବଢ଼ାଇବା ଏକ ସୁଚିନ୍ତିତ ପରିଯୋଜନା ହୋଇପାରେ। କାରଣ ଏହା ଏକ ସରକାରୀ ପରିଯୋଜନା।



୨୫୦ କୋଟି ଟଙ୍କାର ଯେତେବେଳେ ବ୍ୟୟ ବରାଦ ହେଲା, ସେତେବେଳେ ତା'ର ବିସ୍ତୃତ ଯୋଜନା ରିପୋର୍ଟ ନିଶ୍ଚୟ ପ୍ରସ୍ତୁତ ହୋଇଥିବ। ସେଥିରେ ଲାଭ ବିଶ୍ଳେଷଣ ଓ ମୂଳଧନ ବାହାର ଅବଧି ନିଶ୍ଚୟ ହିସାବ ହୋଇଥିବ। ଅର୍ଥାତ୍ ବର୍ଷକୁ କେତେ ପର୍ଯ୍ୟଟକ ଆସିବେ। ସେମାନଙ୍କଠୁ କେତେ ଜିଏସ୍ଟି ଆଦାୟ ହେବ ଓ କେତେ ରୋଜଗାର ସୃଷ୍ଟି ହେବ ସେ ବିଷୟରେ ନିଶ୍ଚୟ ହିସାବ କିତାବ ହୋଇଥିବ।

ଜଗନ୍ନାଥ ହେଉଛନ୍ତି ଜଗତର ନାଥ। ତେଣୁ କୌଣସି ସ୍ଥାନରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାକୁ ଆମେ ବିରୋଧ କରିବା ଉଚିତ ନୁହେଁ। ମାତ୍ର ତାକୁ ଅବିକଳ ପୁରୀମନ୍ଦିର ଢାଞ୍ଚାରେ ନିର୍ମାଣ କରିବା , ପୁରୀ ମନ୍ଦିର ଉଚ୍ଚତା ସହିତ ସମାନ କରିବା, ଜଗନ୍ନାଥ ମନ୍ଦିରଠୁ ବଡ଼ ଜାଗାରେ କରିବା ଓ ସର୍ବୋପରି ତା'ର ନାମ ଜଗନ୍ନାଥ ଧାମ ଦେବା ଏକ ଗଭୀର ଷଡ଼ଯନ୍ତ୍ର ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁନାହିଁ ତ ? ସେ ମନ୍ଦିରର ନାମ ଜଗନ୍ନାଥ ମନ୍ଦିର ଦେଇ ପାରିଥାନ୍ତେ। ମାତ୍ର ପର୍ଯ୍ୟଟକଙ୍କୁ ଭୁଆଁ ବୁଲେଇବା ପାଇଁ ବା ଆକର୍ଷିତ କରିବା ପାଇଁ ଜଗନ୍ନାଥ ଧାମ, ଦୀଘା ଦିଆଯାଇଛି। ବଡ଼ କଥା ହେଲା ଏହା ଅନ୍ୟ ଧର୍ମାବଲମ୍ବୀ ଅର୍ଥାତ ଖ୍ରୀଷ୍ଟିଆନ, ମୁସଲମାନ, ପାର୍ସୀ, ଶିଖ୍ ଆଦିଙ୍କ ପାଇଁ ଖୋଲା ରହିବ। ଯେହେତୁ ପୁରୀରେ ହିନ୍ଦୁଧର୍ମ ବ୍ୟତୀତ ଅନ୍ୟମାନଙ୍କର ପ୍ରବେଶ ବର୍ଜିତ, ତେଣୁ ଦୀଘାରେ ବିଦେଶୀଙ୍କ ଆଗମନ ଅଧିକ ହେବ। ବିଶ୍ୱରେ ଅଧିକ ପ୍ରଚାର ପ୍ରସାର ଘଟିବ।

ମୋକ୍ଷ ଧାମ ତାହାକୁ କୁହାଯାଏ, ଯେଉଁଠାକୁ ସ୍ୱୟଂ ବିଷ୍ଣୁ ପ୍ରତ୍ୟହ ପ୍ରଦକ୍ଷିଣ କରନ୍ତି। ସେଠାରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଅବସ୍ଥାନ କରନ୍ତି, ଧର୍ମ ଧାରଣା ନିର୍ଦ୍ଦେଶ ହେବା ପାଇଁ। ମାତ୍ର ଦୀଘାରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଆସ୍ଥାନ ନ ଥାଇ ଏବଂ ଭଗବାନ ବିଷ୍ଣୁଙ୍କର ପ୍ରତ୍ୟହ ପ୍ରଦକ୍ଷିଣର ପ୍ରମାଣ ନ ଥାଇ ତାକୁ ଧାମ ଆଖ୍ୟା ଦେବା ଏକ ସୁଚିନ୍ତିତ ରଣନୀତି ହୋଇପାରେ। ଆମେ ଓଡ଼ିଶାରେ କୌଣସି ସ୍ଥାନରେ ଜାଲିଆନାୱାଲାବାଗ ଶହୀଦ ସ୍ଥାନ ଲେଖିବା କିମ୍ବା ଅମୃତସରର ସ୍ୱର୍ଣ୍ଣମନ୍ଦିର ଢାଞ୍ଚାରେ ବୃହଦାକାୟ ମନ୍ଦିର ନିର୍ମାଣ କରି ତା'ର ନାମ ସ୍ୱର୍ଣ୍ଣମନ୍ଦିର ଲେଖିପାରିବା କି? ଗଣମାଧ୍ୟମ ତଥ୍ୟ ଅନୁଯାୟୀ ପୁରୀ ଜଗନ୍ନାଥ ମନ୍ଦିର ସେବାୟତ ଯାଇ ସେଠାରେ ପ୍ରତିଷ୍ଠା କରିବା ଓ ଜଗନ୍ନାଥ ମନ୍ଦିରର ଅବିକଳ ରୀତିନୀତି କରାଇବାର ଅର୍ଥ ହେଉଛି ପରୋକ୍ଷରେ ଶ୍ରୀଜଗନ୍ନାଥ ମନ୍ଦିରର ଗୁରୁତ୍ୱକୁ ହ୍ରାସ କରିବା। ହୁଏତ ଓଡ଼ିଆ ସେବାୟତ ଦୀଘାରେ ଅବିକଳ ପୁରୀ ମନ୍ଦିର ଶୈଳୀରେ ଗଠିତ ଜଗନ୍ନାଥ ଧାମ ନାମିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ଅସଲ ଉଦ୍ଦେଶ୍ୟ ବୁଝିଥାଇ ନ ପାରନ୍ତି। ମାତ୍ର ଯେ କୌଣସି ପଦକ୍ଷେପ ଓଡ଼ିଆ ଅସ୍ମିତା ହ୍ରାସ ପାଇଁ ବିଶେଷ କରି ମହାପ୍ରଭୁ ଜଗନ୍ନାଥଙ୍କ ଅସ୍ମିତା ହ୍ରାସ ଲାଗି କରାଗଲେ, ତାକୁ କୌଣସି ପ୍ରକାର ସହ୍ୟ କରାଯାଇପାରିବ ନାହିଁ। ଆଜିର ଇଣ୍ଟରନେଟ ଯୁଗରେ ଦୁଇଟି ଜଗନ୍ନାଥ ଧାମ (ଗୋଟିଏ ପୁରୀରେ ଓ ଅନ୍ୟଟି ଦୀଘାରେ) ନିଶ୍ଚିତ ରୂପେ ଭାବୀ ପିଢ଼ିଙ୍କ ମନରେ ଶଙ୍କା ସୃଷ୍ଟି କରିବ। ତେଣୁ ଏହା ହଜାର ହଜାର ଜଗନ୍ନାଥ ମନ୍ଦିର ପରି ଏକ ମନ୍ଦିର ହୋଇ ରହୁ ମାତ୍ର ଆଉ ଏକ ଜଗନ୍ନାଥ ଧାମ ନ ହେଉ।

ଶ୍ୟାମଚାନ୍ଦ ପାଟଣା, ଭଦ୍ରକ
ମୋ -୮୯୧୭୪୨୬୪୦

## ଏଇ ଭାରତରେ

ଗଛ ଓ ବାଉଁଶରୁ କାଗଜ ତିଆରି କରିବା ପରିବେଶ ପାଇଁ କ୍ଷତିକାରକ। ଏଣୁ ଏହାର ସମାଧାନ ଉପାୟ ଆଣିଛନ୍ତି ଗୁଜରାଟ ସୁରଟର ଋତୁରିତା ଜୈନ। ସେ କଦଳୀଗଛର ତନ୍ତୁ ଓ ବୟନଶିଳ୍ପରୁ ବାହାରୁଥିବା ବର୍ଜ୍ୟକୁ ଉପଯୋଗ କରି କାଗଜ ତିଆରି କରୁଛନ୍ତି। ଏବେ ସୁଦ୍ଧା ସେ ୧୪୦ ଟନ୍ ଏଭଳି ବର୍ଜ୍ୟ କାଗଜ ତିଆରିରେ ବ୍ୟବହାର କରିସାରିଲେଣି। ସେ କଦଳୀ ଉତ୍ପାଦନ ପରେ ବର୍ଜ୍ୟ ଭାବେ ପଡ଼ିରହୁଥିବା କଦଳୀଗଛକୁ ସଂଗ୍ରହ କରୁଛନ୍ତି ଏବଂ ଏଥିପାଇଁ ଚାଷୀଙ୍କୁ ପ୍ରାପ୍ୟ ରାଶି ଦେଉଛନ୍ତି। ଫଳରେ ସୁରଟ ଅଞ୍ଚଳର ଚାଷୀମାନେ କଦଳୀ ଚାଷ କରିବାକୁ ଆଗ୍ରହୀ ମଧ୍ୟ ହୋଇଛନ୍ତି। ଋତୁରିତା ବାୟୋଟେକ୍ନୋଲୋଜିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ଆଇଆଇଟି, ବମ୍ବେରେ ପିଏଚ୍.ଡି. କରିଛନ୍ତି। କଦଳୀଗଛର ତନ୍ତୁ ଓ ବୟନଶିଳ୍ପ ବର୍ଜ୍ୟରୁ କାଗଜ ତିଆରି କରିବା ପାଇଁ ସେ ଗବେଷଣାରେ ସଫଳ ହେବା ପରେ ୨୦୧୩ରେ ସେ ତାଙ୍କ କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ 'ପେପରଡମ' ସଂସ୍ଥା ଗଠନ କରି ତାହାକୁ ଜାରି ରଖିଛନ୍ତି। ସେ ତିଆରି କରୁଥିବା କାଗଜକୁ ମୁମ୍ବାଇ ଓ ସୁରଟ୍ରେ ଅଧିକ ବିକ୍ରି କରୁଛନ୍ତି। ଏହା ବ୍ୟତୀତ ସେ ତାଙ୍କ ହାତ ତିଆରି କାଗଜରୁ ୭୦ଟି ଉତ୍ପାଦ ତିଆରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ମେ ୧୯୭୬

- ଜାତିସଂଘ ବାଣିଜ୍ୟ ଉନ୍ନୟନ ସମ୍ମିଳନୀରେ ଗୋଟିଏ ଆନ୍ତର୍ଜାତିକ ସାଧାରଣ ପାଣ୍ଠି ଗଠନ ପାଇଁ ନିଷ୍ପତ୍ତି ନିଆଯାଇଛି।
- ପାକିସ୍ତାନୀ ସୈନ୍ୟମାନଙ୍କୁ ପାକିସ୍ତାନ ଅଧିକୃତ କଶ୍ମୀରର କାଇକୋରାମ ରାଜପଥରେ ରାସ୍ତା ନିର୍ମାଣ ନିମନ୍ତେ ଚାଇନାର ସାହାଯ୍ୟ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | 4 | 9 | | | | |
| 5 | | | 6 | | | | 2 | |
| | 6 | | 1 | | 7 | | | 5 |
| | 5 | | | 4 | | 2 | | |
| | | | | | 3 | | | 8 |
| 4 | | 7 | | | | | | |
| | | 2 | | | | | | |
| | | 5 | | 8 | | 7 | | |
| 3 | 7 | | | | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 7 | 3 | 9 | 2 | 4 | 6 | 8 |
| 6 | 8 | 2 | 1 | 5 | 4 | 9 | 7 | 3 |
| 4 | 3 | 9 | 6 | 7 | 8 | 2 | 1 | 5 |
| 7 | 9 | 5 | 4 | 6 | 1 | 3 | 8 | 2 |
| 8 | 6 | 4 | 2 | 3 | 5 | 7 | 9 | 1 |
| 3 | 2 | 1 | 9 | 8 | 7 | 5 | 4 | 6 |
| 9 | 7 | 6 | 8 | 2 | 3 | 1 | 5 | 4 |
| 5 | 4 | 3 | 7 | 1 | 6 | 8 | 2 | 9 |
| 2 | 1 | 8 | 5 | 4 | 9 | 6 | 3 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଆତଙ୍କବାଦ ସମାଜ ପାଇଁ ଅଭିଶାପ

ମହାଶୟ,

ଭାରତ କେବେହେଲେ ଅନ୍ୟ ଦେଶର ସାର୍ବଭୌମତା ଉପରେ ତିଳେମାତ୍ର ହସ୍ତକ୍ଷେପ କରିନାହିଁ। ଯେଉଁଥିପାଇଁ ଭାରତର ଚାରିପଟେ ରହିଥିବା ଛୋଟିଆ ଛୋଟିଆ ଦେଶଗୁଡ଼ିକ ବିନା ଭୟରେ ମୁଣ୍ଡ ଉଠାଇ ରହି ପାରିଛନ୍ତି। କିନ୍ତୁ ପାକିସ୍ତାନ ଦ୍ୱାରା ଗଠନ କରାଯାଇଥିବା ଆତଙ୍କବାଦୀ ସଂଗଠନଗୁଡ଼ିକ ଅନେକ ସମୟରେ ଭାରତରେ ଲୋକଙ୍କୁ ହତ୍ୟା କରୁଛନ୍ତି। ଭାରତ ବିଶ୍ୱ ଦରବାରରେ ଏଥିପାଇଁ ଅନେକ ଥର ସ୍ୱର ଉଠାଇଛି। ବିଶ୍ୱର ନେତାମାନେ ଦୃଢ଼ ହସ୍ତରେ ଯଦି ଆତଙ୍କବାଦୀ ଦେଶଗୁଡ଼ିକୁ ଦମନ କରନ୍ତେ, ତା'ହେଲେ ଆତଙ୍କବାଦୀ ଓ ଆତଙ୍କବାଦକୁ ନିପାତ କରାଯାଇ ପାରିଥାନ୍ତା। ଆତଙ୍କବାଦ ସଭ୍ୟ ସମାଜ ପାଇଁ ଏକ ଅଭିଶାପ। ଭାରତ ମେ ୭ ତାରିଖ ରାତରେ ପାକସ୍ତାନର ଆତଙ୍କବାଦୀ ଆଡ୍ଡା ଉପରେ ଆକ୍ରମଣ କରିଛି। ଆତଙ୍କବାଦୀଙ୍କ ୯ଟି ଆଡ୍ଡାକୁ ନଷ୍ଟ କରାଯାଇଛି। ଲସ୍କର-ଇ-ତୋଇବା, ଜୈସ ଇ ମହମ୍ମଦର ସିଏଦନା କ୍ୟାମ୍ପକୁ ଟାର୍ଗେଟ କରାଯାଇଛି। ଏହି ସମସ୍ତ ସ୍ଥାନରେ ଭାରତ ବିରୋଧୀ ଟ୍ରେନିଂ ବା ପ୍ରଶିକ୍ଷଣ ଦିଆଯାଉଥିଲା।

– କାଳୀ ଦାସ, ବ୍ରହ୍ମପୁର, ଖୋଡାସିଂ କଳିଙ୍ଗନଗର, ଗଞ୍ଜାମ

## ଚିରନ୍ତନୀ

ମାନବର ଶିଳ୍ପ କଳା କଳ୍ପନା ଘଟିତ
ଯୁଗ ଯୁଗ ଧରି ଯାହା ହୋଇଛି ଗଠିତ,
ମାନବର ହସ୍ତେ ବହି ରୂପ
ଭାଗ୍ୟେ ତା'ର କରୁଣ-ବିଦ୍ରୂପ,
ଅନ୍ତର ଗୁହାରି
ଶୁଣ କି ତାହାରି ?
ଶୂନ୍ୟ ପ୍ରାଣ
ହେ ପାଷାଣ !
(ପୁରୀ-ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜଗତପୁର ବିସ୍କୁଟ କାରଖାନାରେ ଭୟାବହ ଅଗ୍ନିକାଣ୍ଡ

## ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ

ମଙ୍ଗୁଳି-ଜଗତପୁର,୧୭।୫(ମାନସ ସାମଲ)

କଟକ ଜିଲା ଜଗତପୁର ଥାନା ଅଧୀନ ନୂତନ ଶିଳ୍ପାଞ୍ଚଳସ୍ଥିତ ଏକ ବିସ୍କୁଟ କାରଖାନାରେ ଶନିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଫଳରେ କାରଖାନାରେ ଥିବା ତେଲଜାତୀୟ ସାମଗ୍ରୀ, ବିସ୍କୁଟ ଓ ଯନ୍ତ୍ରାଂଶ ସହ କଞ୍ଚାମାଲ ପାଖାପାଖି ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଲାଗିବା ଠିକ୍ କାରଣ ଜଣା ନ ପଡିଥିବା ବେଳେ ବିଦ୍ୟୁତ୍ ଶର୍ଟସର୍କିଟରୁ ନିଆଁ ଲାଗିଥିବା କାରଖାନା କର୍ମଚାରୀ ଅନୁମାନ କରୁଛନ୍ତି। ସୂଚନା ଅନୁଯାୟୀ, ପ୍ରବଳ ଗରମରୁ ରକ୍ଷା ପାଇଁ ପ୍ରତିଦିନ କାରଖାନାରେ ସକାଳ ୬ଟାରୁ ବିସ୍କୁଟ ପ୍ରସ୍ତୁତ କରାଯାଉଥିଲା। ପ୍ରତିଦିନ ପରି ଶନିବାର ସକାଳୁ କାରିଗରମାନେ ନିଜ କାମରେ ଲାଗି ପଡିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ହଠାତ୍ ଗୋଦାମ ଘରୁ ପ୍ରଚଣ୍ଡ କଳା ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ଉପସ୍ଥିତ କର୍ମଚାରୀ ଗୋଦାମ ଘର ଖୋଲି ଦେଖିଲାବେଳକୁ ଭିତରେ ତୈଳଜାତୀୟ ସାମଗ୍ରୀ, ପଲିଥିନ ଥିବାରୁ ସେଥିରେ ନିଆଁ ଲାଗି ହୁହୁ ହୋଇ ଜଳୁଛି। କାରଖାନା କର୍ମଚାରୀ ଓ ମାଲିକ ନିଜେ ନିଆଁକୁ ଆୟତ୍ତ ପାଇଁ ଚେଷ୍ଟା କରିଥିଲେ ମଧ୍ୟ କିଛି ମିନିଟ୍ ମଧ୍ୟରେ ନିଆଁ ଅନ୍ୟ ଗୃହକୁ ବ୍ୟାପୀ ଯାଇଥିଲା। ନିଆଁ ଲିଭାଇବାରେ ଅସମର୍ଥ ହେବାରୁ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। କଟକ ଓ ଚଉଳିଆଗଞ୍ଜ ଅଗ୍ନିଶମ ବାହିନୀ ଆସି ସେଠାରେ ପହଞ୍ଚିଥିଲା। ନିଆଁର ପ୍ରଚଣ୍ଡତାପ ଓ ଧୂଆଁ ପାଇଁ ଅଗ୍ନିଶମ କର୍ମଚାରୀ ଭିତରକୁ ପ୍ରବେଶ ନ କରି ୩ଟି ଦମକଳ ସହାୟତାରେ ଝରକାବାଟେ ପାଣି ସ୍ପ୍ରେ କରି ପ୍ରାୟ ୩ଘଣ୍ଟା ଅକ୍ଳାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିପାରିଥିଲେ। କିନ୍ତୁ ସେତେବେଳକୁ କାରଖାନାର ସମସ୍ତ ସାମଗ୍ରୀ ଜଳି ପୋଡ଼ି ପାଉଁଶ ହୋଇଯାଇଥିଲା। କାରଖାନା ମାଲିକ ଦୁର୍ଗା ମାଧବ ପାଣିଗ୍ରାହୀ ନିଆଁ ଲିଭାଇବା ବେଳେ ସାମାନ୍ୟ ଆହତ ହୋଇଥିଲେ।



ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି।

# ମହାପ୍ରଭୁଙ୍କ ମହାପ୍ରସାଦକୁ ପୁଣି ଅସମ୍ମାନ

## ହୋଟେଲ ଡାଇନିଂ ଟେବୁଲରେ ବସି ଖାଇଲେ

ପୁରୀ, ୧୭।୫
(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ମହାପ୍ରସାଦକୁ ପୁଣି ଅସମ୍ମାନ। ପୁରୀର ଏକ ତାରକା ହୋଟେଲରେ ଦେଖିବାକୁ ମିଳିଛି ଏଭଳି କିଛି ଦୃଶ୍ୟ। ଏକ ହୋଟେଲର ଡାଇନିଂ ଟେବୁଲ୍‌ରେ ବସି କିଛି ପର୍ଯ୍ୟଟକ ମହାପ୍ରସାଦ ସେବନ କରୁଥିବା ଦେଖିବାକୁ ମିଳିଛି, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାର ଲାଗିଛି। ମହାପ୍ରସାଦକୁ ଅସମ୍ମାନ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କୋଟି କୋଟି ହିନ୍ଦୁଙ୍କ ଭାବାବେଗ ସହ ଜଡ଼ିତ ମହାପ୍ରଭୁଙ୍କ ମହାପ୍ରସାଦ ଦୁର୍ମୂଲ୍ୟ ହୋଇଥିବା ବେଳେ ଏଭଳି କାର୍ଯ୍ୟ ନିନ୍ଦନୀୟ ବୋଲି ମତପ୍ରକାଶ ପାଉଛି। ଡାଇନିଂରେ ବସି ଖାଉଥିବା ପର୍ଯ୍ୟଟକ ହେଉଛନ୍ତି ଓଡ଼ିଆ ଲୋକ। ଓଡ଼ିଆ ହୋଇ କିପରି ମହାପ୍ରଭୁଙ୍କ ମହାପ୍ରସାଦଙ୍କୁ ଅସମ୍ମାନ କଲେ ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ଶାସ୍ତ୍ରର ମାନ୍ୟତା ତଥା ବିଶ୍ୱାସ ଅନୁଯାୟୀ, ମହାପ୍ରଭୁଙ୍କୁ ଦର୍ଶନ କଲେ ଯେତିକି ପୁଣ୍ୟ ମିଳେ, ମହାପ୍ରସାଦ ସେବନରେ ସେତିକି ପୁଣ୍ୟପ୍ରାପ୍ତି ହୋଇଥାଏ। ମହାପ୍ରଭୁଙ୍କ ଦିବ୍ୟ ମହାପ୍ରସାଦ ଅନ୍ନବ୍ରହ୍ମ ରୂପେ ପୂଜିତ। ଭୂମି ଉପରେ ବସି ମହାପ୍ରସାଦ ସେବନର ବିଧି ପରମ୍ପରା ଅନାଦି କାଳରୁ ରହିଆସିଛି। କିନ୍ତୁ ଓଡ଼ିଆ ଲୋକ ଓ ବ୍ରାହ୍ମଣ ସମସ୍ତ ବିଷୟରେ ଜାଣି ମହାପ୍ରସାଦକୁ ନେଇ ଯେପରି ଅସମ୍ମାନ କରିଛନ୍ତି, ତାହାକୁ ନେଇ ସାଧାରଣରେ ନିନ୍ଦା କରାଯାଇଛି। ମହାପ୍ରସାଦକୁ ଅପମାନ କରିବାକୁ ନେଇ ସେବାୟତ ମହଲରେ ମଧ୍ୟ କ୍ଷୋଭ ପ୍ରକାଶ ପାଇଛି। ତେବେ ମହାପ୍ରସାଦକୁ ଏହିପରି ଅସମ୍ମାନ କରିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ସେବାୟତ ମହଲରେ ମତ ପ୍ରକାଶ ପାଇଛି। ଡାଇନିଂ ଟେବୁଲରେ ମହାପ୍ରସାଦ ସେବନ ନ କରିବାକୁ ଟ୍ୱିଟ୍ ମାଧ୍ୟମରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଏଭଳି ନିବେଦନ କରାଯାଇଛି।

ବରିଷ୍ଠ ସେବାୟତ ଗୌରହରୀ ପ୍ରଧାନ କହିଛନ୍ତି, ମହାପ୍ରସାଦକୁ ଅପମାନ କରିବା ନେଇ ସୋସିଆଲ ମିଡିଆରେ ଭିଡିଓ ଦେଖିବା ପରେ ବହୁତ କଷ୍ଟ ହୋଇଥିଲା। ଖାଇବା ଲୋକ ଅପେକ୍ଷା ଖାଇବାକୁ ଦେଉଥିବା ଲୋକ ସେମାନଙ୍କୁ ମହାପ୍ରସାଦ କିପରି ସେବନ କରାଯାଏ ତାହା କହିବାର ଆବଶ୍ୟକତା ରହିଥିଲା। ବଡ଼ଦାଣ୍ଡର ଧୂଳିକୁ ଲୋମେ ମଥାରେ ଲଗାଉଛନ୍ତି, ସେଠାରେ ମହାପ୍ରସାଦକୁ ଏପରି ଅସମ୍ମାନ କରିବା ଠିକ୍ ନୁହେଁ। ବରିଷ୍ଠ ସେବାୟତ ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ କହିଛନ୍ତି, ଏପରି ଘଟଣା ଅଗଣିତ ଜଗନ୍ନାଥପ୍ରେମୀଙ୍କୁ ମର୍ମାହତ କରିଛି। ଓଡ଼ିଆ ଲୋକ ଓଡିଆ ଅସ୍ମିତା କଥା ଭୁଲିଗଲେ। ସବୁ ହୋଟେଲ୍‌ରେ ଏକ ରୁମ୍ ରହିବା ଆବଶ୍ୟକ ଯେଉଁଠି ମହାପ୍ରସାଦ ସେବନ କରାଯିବ ସେ କହିଛନ୍ତି।


**ODISHA UNIVERSITY OF AGRICULTURE AND TECHNOLOGY**
**BHUBANESWAR-751003**
No. ACD-I-ADM-0001/2022-25/8525/UAT Dt. 17th May, 2025

**Under Graduate Entrance Examination, OUAT, 2025-26**

Due to rescheduling of CUET Examination, which is coinciding with OUAT Common UG Entrance Examination scheduled on 2nd and 3rd of June, 2025, candidates willing to appear both the tests may visit OUAT website https://ouat.ac.in (Academic Section > admission section) and provide the information sought for (in the link) by 20th May, 2025 for facilitating necessary adjustments in Date and Venue, if possible. No response shall be treated as willingness to stick to earlier schedule of OUAT Entrance Examination.

Sd./- REGISTRAR


# ଜୁନ୍ ୧୧ରୁ ୧୩ : ସରକାରଙ୍କ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ

## ଗୃହ ସଚିବଙ୍କ ଅଧ୍ୟକ୍ଷତାରେ ଗଠନ ହେଲା କମିଟି

ଭୁବନେଶ୍ୱର, ୧୭।୫(ସୁଜିତ୍ ମିଶ୍ର/ରବିନାରାୟଣ ଜେନା)

ଆସନ୍ତା ଜୁନ୍‌ରେ ନୂଆ ସରକାର ଗଠନ ହେବାର ବର୍ଷ ପୂର୍ତ୍ତି ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ବର୍ଷକ ମଧ୍ୟରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯିବ। ସରକାରଙ୍କ ତରଫରୁ ଆସନ୍ତା ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ରାଜ୍ୟ, ଜିଲା ଓ ବ୍ଲକ୍‌ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ନେଇ ଆଲୋଚନା ହୋଇଛି। ପ୍ରଶାସନିକ ସ୍ତରରେ ୨ୟ ପ୍ରସ୍ତୁତି ବୈଠକ ଶନିବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ପାଇଁ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏହି କମିଟି କାର୍ଯ୍ୟର ତଦାରଖ ଓ ସମନ୍ୱୟ ରକ୍ଷା କରିବେ। ଏହାସହ ବର୍ଷ ପୂର୍ତ୍ତି ଉପଲକ୍ଷେ କରାଯିବାକୁ ଥିବା ବିଭିନ୍ନ ଉଦ୍‌ଘାଟନ, ଶିଳାନ୍ୟାସ ଆଦି କାର୍ଯ୍ୟକ୍ରମର ପ୍ରସ୍ତୁତିକୁ ଅଗ୍ରାଧିକାର ଭିତ୍ତିରେ କରିବା ସମ୍ପର୍କରେ ବୈଠକରେ ଗୁରୁତ୍ୱ ଦିଆଯାଇଛି।

ବୈଠକରେ ବିଭିନ୍ନ ବିଭାଗର ସଚିବ ଏବଂ କମିଶନରମାନେ ଯୋଗଦେଇଥିଲେ । ଏ ସମ୍ପର୍କରେ ଗତ ୨୫ ଏପ୍ରିଲରେ ଅନୁଷ୍ଠିତ ୧ମ ପ୍ରସ୍ତୁତି ବୈଠକର ନିଷ୍ପତ୍ତି ଆଧାରରେ ବିଭିନ୍ନ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ଗୃହ ବିଭାଗ ପକ୍ଷରୁ ଆହୂତ ଏହି ବୈଠକର ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାର ଫଳପ୍ରସୂ ପଦକ୍ଷେପ, ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ କାର୍ଯ୍ୟାନ୍ୱୟନ ଏବଂ ବହୁବିଧ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସଚେତନତା ସୃଷ୍ଟି ଉପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାସହ ଓର୍‌ମାସ ସହଯୋଗରେ ୫ ଦିନ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଜନତା ମଇଦାନଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୫ ବିଭାଗକୁ କାର୍ଯ୍ୟକ୍ରମର ଆୟୋଜନରେ ସହଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଛି। ପ୍ରତି କାର୍ଯ୍ୟକ୍ରମରେ ବିଷୟଭିତ୍ତିକ ଆଲୋଚନା, ସାଂସ୍କୃତିକ କାର୍ଯ୍ୟକ୍ରମ, ବ୍ଲକ୍‌ସ୍ତରରେ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହେବ। ସରକାର ଗଠନର ବର୍ଷକ ମଧ୍ୟରେ ଯେଉଁସବୁ ପ୍ରତିଶ୍ରୁତି ରାଜ୍ୟ ସରକାର ପାଳନ କରିଛନ୍ତି ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଏଠାରେ କରିଛନ୍ତି ତାହାକୁ ଏକ ପୁସ୍ତକରେ ସ୍ଥାନିତ କରାଯାଇ ଉନ୍ମୋଚନ କରାଯିବ।

# ୨୦ ମାଓବାଦୀ ଗିରଫ, ବିପୁଳ ଅସ୍ତ୍ରଶସ୍ତ୍ର ଜବତ

ମାଲକାନଗିରି,୧୭।୫(ଦୁର୍ଯ୍ୟୋଧନ ପାତ୍ର)

ତେଲଙ୍ଗାନା ରାଜ୍ୟ ମୁଲୁଗୁ ଜିଲା ପୋଲିସ ୨୦ ଜଣ ମାଓବାଦୀଙ୍କୁ ଶନିବାର ଗିରଫ କରିଛି। ଏଥିସହ ସେମାନଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି। ସୂଚନା ଅନୁଯାୟୀ, ମୁଲୁଗୁ ପୋଲିସ ନିକଟସ୍ଥ ଗଜେଡ୍, କନାଇଗୁଡେମ ଓ ଭେଙ୍କାଟାପୁରମ ଜଙ୍ଗଲରେ କୋମ୍ବିଂ କରୁଥିବା ସମୟରେ ସେଠାରେ ମାଓବାଦୀ ଥିବା ଖବର ପାଇ ଚାରିପଟୁ ଘେରାଉ କରିଥିଲେ। ସେହି କ୍ୟାମ୍ପରେ ୨୦ ମହିଳା ଓ ପୁରୁଷ ମାଓବାଦୀଙ୍କୁ ଗିରଫ କରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଥିଲା। ଏହି ଅସ୍ତ୍ରଶସ୍ତ୍ରଗୁଡିକ ମଧ୍ୟରେ ତିନୋଟି ଇନ୍‌ସାସ୍, ଚାରିଟି ଏସ୍‌ଏଲ୍‌ଆର୍, ୪ଟି ୱାକିଟକି, ୬ ପେନ୍‌ଡ୍ରାଇଭ୍, ୫ ଦେଶୀ ବନ୍ଧୁକ, ୧୬ ଗୁଳି ଭରା କାର୍ଟ୍ରିଜ୍ ପ୍ୟାକେଟ୍, ଛଅଟି ମେମରି କାର୍ଡ, ନଅଟି ବ୍ୟାଟେରି ସହ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ଗିରଫ ମାଓବାଦୀମାନଙ୍କୁ ଶନିବାର କୋର୍ଟ ଚାଲାଣ କରା ଯାଇଥିବା ମୁଲୁଗୁ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।


जिला अभियंता का कार्यालय,
जिला परिषद्, रामगढ़
Email ID :- eedbramgarh@gmail.com

-:: शुद्धि पत्र ::-

एतद् द्वारा सूचित किया जाता है कि अपरिहार्य कारणवश इस कार्यालय द्वारा आमंत्रित अति–अल्पकालीन निविदा आमंत्रण सूचना संख्या ZP/RAMGARH/01/2025-26, PR No.- 352355 अन्तर्गत प्रकाशित निविदा के क्रम संख्या– 09 में अंकित " जिला परिशद्, रामगढ़ के अंतर्गत पंजीकृत समुचित श्रेणी के संवदेक " के स्थान पर " विद्युत विभाग, झारखण्ड सरकार के अन्तर्गत श्रेणी– I में पंजीकृत संवेदक " पढ़ा व समझा जाय।
शेष शर्तें यथावत् रहेगी।

ह०/–
जिला अभियंता,
जिला परिषद, रामगढ़।

PR.NO.352784 District(25-26):D



FORM No. 13
Before the Debt Recovery Tribunal, Cuttack
O.A. NO. 92 of 2025

Indian Bank, Patia Branch, Bhubaneswar .....APPLICANT
Versus
Mahadev Jena AND others ...DEFENDANTS

To,
1. Mahadev Jena.
2. Chhabindra Jena,
Both are son of Khetrabasi Jena,
residing at
At: Plot No.: 254, Golasahi,
Near Gopinath Temple, Damana,
P.S.: Chandrasekharpur, Dist.: Khurda-751016.

SUMMONS BY THE PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an Application in **O.A No. 92 of 2025** in the court of Debt Recovery Tribunal, Cuttack for a recovery of **Rs.76,46,521=00 (Rupees Seventy Six Lakhs Forty Six Thousand and Five Hundred Twenty One)** only with interest calculated from the Defendant as on **dt. 07.01.2025 [seven January two thousand twenty five]** together with current and future interest, costs and for other reliefs.

The above mentioned defendant[s] are therefore hereby directed to appear before this Tribunal in person or through an Advocate or duly authorized agent, in support of his/their defence to show cause within **30 days** from the date of publication or on **dt. 30/07/2025** at **10.30 a.m** [fore noon] as to why relief prayed for should not be granted.

Take notice that in case of default, the Application will be heard and determined in your absence.

Given under my hand and the seal of this Tribunal on this Day of **16th May of 2025.**

Sd/- (NIKHILA RANJAN PATI)
Registrar
Debt Recovery Tribunal, Cuttack



**OFFICE OF THE EXECUTIVE ENGINEER**
ROAD CONSTRUCTION DEPARTMENT
ROAD DIVISION, DUMKA
VERY-VERY SHORT TIME
e-Procurement Notice
Tender Reference No. RCD/DUMKA/811 Date 17.05.2025

| | | |
|---|---|---|
| 1 | Name of Work | Ordinary Repair of Gobindpur-Sahebganj Road (Ch 126th Km to 141th Km) (Nischitpur to Phulojhano Chowk) under Non Plan (Shrawani Mela 2025) for the year 2025-26. |
| 2 | Estimated cost(In Rs) | Rs 1,50,00,000.00 |
| 3 | Time of completion | Three Months |
| 4 | Date of Publication of Tender on Website | 26.05.2025 at 10.30 AM |
| 5 | Last date/Time for receipt of bids | 02.06.2025 Up to 12.00 Noon |
| 6 | Date of opening of Tender | 03.06.2025 at 12.30 PM |
| 7 | Name & address of office Inviting tender | Office of The Executive Engineer Road Construction Department Road Division, Dumka. |
| 8 | Contact no. of Procurement Officer | 8252424164 |
| 9 | Helpline number of e-Procurement cell | 0651-2401010 |

Further details can be seen on website http://jharkhandtenders.gov.in

Executive Engineer,
Road Construction Department,
Road Division, Dumka

PR 352763 Road (25-26)_D


# ସଚେତନତାକୁ ଗୁରୁତ୍ୱ

## ବିଶ୍ୱ ଏଡ୍‌ସ ଟିକା ଦିବସ

ବିଶ୍ୱ ୧୯୯୮ମସିହାରୁ ନିରନ୍ତର ଭାବେ ପାଳିତ ହୋଇଆସୁଛି ବିଶ୍ୱ ଏଡ୍‌ସ ଟିକା ଦିବସ। ଏହା ମଧ୍ୟ ଏଚ୍‌ଆଇଭି ଟିକା ସଚେତନତା ଦିବସ ଭାବରେ ଜଣାଶୁଣା। ଏହି ଦିବସ ଏଚ୍‌ଆଇଭି ସଂକ୍ରମଣକୁ ରୋକିବା ପାଇଁ ଏକ ଟିକାର ଜରୁରୀ ଆବଶ୍ୟକତାକୁ ଗୁରୁତ୍ୱାରୋପ କରିବା ସହ ସେହି ଲକ୍ଷ୍ୟ ହାସଲ ପାଇଁ କାର୍ଯ୍ୟ କରୁଥିବା ଗବେଷକ, ଅଧିବକ୍ତା ଏବଂ ସ୍ୱେଚ୍ଛାସେବକଙ୍କ ପ୍ରୟାସକୁ ସ୍ମରଣ କରାଇଥାଏ।

୧୯୯୭ ମସିହାରେ ମୋର୍ଗାନ ଷ୍ଟେଟ ୟୁନିଭର୍ସିଟିଠାରେ ତତ୍କାଳୀନ ଆମେରିକୀୟ ରାଷ୍ଟ୍ରପତି ବିଲ କ୍ଲିଣ୍ଟନ ଏଚ୍‌ଆଇଭି ଟିକା ବିକଶିତ କରିବା ପାଇଁ ଆହ୍ୱାନ କରିଥିଲେ। ଏହାହିଁ ବିଶ୍ୱ ଏଡ୍‌ସ ଟିକା ଦିବସ ପାଳନ ଲାଗି ପ୍ରେରଣା ଯୋଗାଇଥିଲା। ଫଳସ୍ୱରୂପ ପ୍ରଥମ ଥର ପାଇଁ ମେ ୧୮, ୧୯୯୮ରେ ଏହି ଦିବସ ପାଳନ କରାଯାଇଥିଲା। ଏକ ନିରାପଦ ଏବଂ ପ୍ରଭାବଶାଳୀ ଏଚ୍‌ଆଇଭି ଟିକା ଅନୁସନ୍ଧାନରେ ଯୋଗଦାନ ଦେଉଥିବା ବୈଜ୍ଞାନିକ, ସ୍ୱେଚ୍ଛାସେବୀ, ପରୀକ୍ଷଣ ଅଂଶଗ୍ରହଣକାରୀ ଏବଂ ସହଯୋଗୀମାନଙ୍କୁ ଏହି ଦିବସ ଅବସରରେ ସମ୍ମାନିତ କରାଯାଇଥାଏ। ଯଦିଓ ଏଚ୍‌ଆଇଭି ଚିକିତ୍ସା ଏବଂ ନିରାକରଣ କ୍ଷେତ୍ରରେ ଉନ୍ନତି ହୋଇଛି ତଥାପି ବିଶ୍ୱବ୍ୟାପୀ ଏଡ୍‌ସ ମହାମାରୀ ସମାପ୍ତି ଅଭିଯାନରେ ଟିକା ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହୋଇ ରହିଛି। ତେବେ ଏ କ୍ଷେତ୍ରରେ ସଚେତନତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି।



# ପୁରୁଣା ସାମଗ୍ରୀ ସଂଗ୍ରହ ନିଶାରୁ ମିନି ମ୍ୟୁଜିୟମ

## ଆଜି ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ



ନିଜ ସଂଗ୍ରହାଳୟରେ ସମରଞ୍ଜନ ମହାନ୍ତି।

ଅଭ୍ୟାସ ଥିଲା ପୁରୁଣା ସାମଗ୍ରୀକୁ ଏକାଠି କରି ରଖିବା। ଏହି ଅଭ୍ୟାସ ଏବେ ମିନି ମ୍ୟୁଜିୟମ୍‌ରେ ପରିଣତ ହୋଇଯାଇଛି। ଆଗକାଳରେ ବ୍ୟବହୃତ ହେଉଥିବା ପାରମ୍ପରିକ ସାମଗ୍ରୀକୁ ବର୍ତ୍ତମାନର ଯୁବପିଢିଙ୍କୁ ଦେଖାଇବା ଏବଂ ତାକୁ ଏକ ମିନି ସଂଗ୍ରହାଳୟ କରି ରଖିବା ନିଶା କମ୍ ଲୋକଙ୍କ ପାଖରେ ଦେଖିବାକୁ ମିଳେ। ପୁରୁଣା ସାମଗ୍ରୀକୁ ସାଇତି ରଖିବାର ନିଶା ଯୁବପିଢିଙ୍କ ନିକଟରେ ଯେପରି ଅଭାବ ଦେଖା ଦେଉଛି ତାହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଭିଏସ୍‌ଏସ୍ ନଗର ସ୍ଥିତ ସଂଗ୍ରାହକ ସମରଞ୍ଜନ ମହାନ୍ତି ଏକ ନିଆରା ପ୍ରୟାସ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ସମରଞ୍ଜନ କୁହନ୍ତି, ପୁରୁଣା ସାମଗ୍ରୀ ଏକାଠି କରି ରଖିବା ସଉକ ବହୁଦିନରୁ। ତେବେ ବ୍ୟବସ୍ଥିତ ଭାବେ ଏହି କାର୍ଯ୍ୟ ୧୫ବର୍ଷ ହେଲା ଚଳାଇଆସିଛି। ନିଜେ ଯେତିକି ସଂଗ୍ରହ କରେ ତାହା ବ୍ୟତୀତ ସୋସିଆଲ ମିଡିଆରେ ଯେଉଁ ବନ୍ଧୁମାନେ ପୁରୁଣା ସାମଗ୍ରୀ ନେଇ ପୋଷ୍ଟ କରନ୍ତି। ତୁରନ୍ତ ସେମାନଙ୍କୁ ଯୋଗାଯୋଗ କରି ଉକ୍ତ ସାମଗ୍ରୀକୁ ଆଣିବାକୁ ଚେଷ୍ଟା କରିଥାଏ। ଏହି କାର୍ଯ୍ୟରେ ପରିବାରବର୍ଗ ସହଯୋଗ କରିଥାନ୍ତି। ଆମ ଘରେ ଥିବା ମିନି ସଂଗ୍ରହାଳୟରେ ପୁରୁଣା ରେଡିଓ, ଟେଲିଫୋନ୍, ମୋବାଇଲ୍, ପ୍ରାଚୀନ ଲଣ୍ଠଣ, ପୁରୁଣା କ୍ୟାସେଟ୍, ସ୍ୱତନ୍ତ୍ର ପୋଷ୍ଟାଲ ଲଫାପା, ଡାକ ଟିକେଟ, ଦେଶବିଦେଶର ପୁରୁଣା ମୁଦ୍ରା, ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଖେଳ ଟିକେଟ, ଦିଆସିଲି ଖୋଳ, ବସ୍, ଟ୍ରେନ, ମେଟ୍ରୋ ଟିକେଟ, ପ୍ଲାଷ୍ଟିକ କାର୍ଡ, ସିମ୍ କାର୍ଡ, ହିରୋ ହିରୋଇନଙ୍କ ଛବି ଥିବା ଦିଆସିଲି ଖୋଳ ଏମିତି ଅନେକ କିଛିକୁ ସଜାଇ ରଖିନ୍ତି। ଏହା ଦେଖିବାକୁ ପ୍ରତ୍ୟେକ ଶନିବାର ଏବଂ ରବିବାର ବିଭିନ୍ନ ଲୋକଙ୍କ ସମେତ ଛାତ୍ରୀଛାତ୍ରଙ୍କ ଭିଡ଼ ଜମୁଛି।

–ସୌମ୍ୟରଞ୍ଜନ ରାଉତ,
ଭୁବନେଶ୍ୱର


यूनियन बैंक ऑफ़ इंडिया Union Bank of India

କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ,
ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

ସୁନା ନିଲାମ ବିଜ୍ଞପ୍ତି

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ମଧ୍ୟ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୦୪.୦୬.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ ସୁନା ଋଣ ଆକାଉଣ୍ଟ ନଂ. | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ୟୁଏମ୍ଏଫ୍‌ବି ବ୍ରହ୍ମପୁର ଶାଖା, ଗିରି ରୋଡ୍, ଗୀତା ଭବନ ନିକଟ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ - ୭୬୦୦୦୫, ମୋ: ୭୮୭୩୫୮୧୯୪୫** | | |
| ୧. | **ନିର୍ମଳ ଗୌଡ଼,** ପିତା: ଗାନ୍ଧୀ ଗୌଡ଼, ସା: ଗୌଡ ସାହି, ଓଳମ୍ବା, ରୁଗୁମୁ, ଜିଲ୍ଲା: ଗଞ୍ଜାମ / ୦୮୩୯୨୬୬୩୦୦୦୦୧୩୨ | ୪୩.୦୦୦ | ୫୦.୬୮୦ |
| ୨. | **ନିର୍ମଳ ଗୌଡ଼,** ପିତା: ଗାନ୍ଧୀ ଗୌଡ଼, ସା: ଗୌଡ ସାହି, ଓଳମ୍ବା, ରୁଗୁମୁ, ଜିଲ୍ଲା: ଗଞ୍ଜାମ / ୦୮୩୯୨୬୬୩୦୦୦୦୧୫୩ | ୨୯.୦୦୦ | ୩୭.୪୬୦ |
| ୩. | **ନିର୍ମଳ ଗୌଡ଼,** ପିତା: ଗାନ୍ଧୀ ଗୌଡ଼, ସା: ଗୌଡ ସାହି, ଓଳମ୍ବା, ରୁଗୁମୁ, ଜିଲ୍ଲା: ଗଞ୍ଜାମ / ୦୮୩୯୨୬୫୪୦୦୦୦୪୨୬ | ୩୦.୬୫୦ | ୩୯.୨୮୦ |
| ୪. | **ଶିବ ଶଙ୍କର ସାହୁ,** ପିତା: ନାରାୟଣ ସାହୁ, ସା/ପୋ: ମେନ୍ ରୋଡ, ଆଙ୍କୁଶପୁର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୧୧୦୦ / ୦୮୩୯୨୬୬୩୦୦୦୦୧୧୭ | ୨୮.୯୦୦ | ୩୬.୧୯୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC)ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତ ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତ ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ରାଶି ବାଜ୍ୟାପ୍ତ କରିପାରିବ ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୧୭.୦୫.୨୦୨୫ — ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**OFFICE OF THE EXECUTIVE ENGINEER**
ROAD CONSTRUCTION DEPARTMENT
ROAD DIVISION, DUMKA
VERY-VERY SHORT TIME
e-Procurement Notice
Tender Reference No. RCD/DUMKA/812 Date 17.05.2025

| | | |
|---|---|---|
| 1 | Name of Work | Ordinary Repair of Gobindpur-Sahebganj Road (Ch 142th Km to 143th Km) (Nischitpur to Phulojhano Chowk) under Non Plan (Shrawani Mela 2025) for the year 2025-26. |
| 2 | Estimated cost(In Rs) | Rs 1,50,00,000.00 |
| 3 | Time of completion | Three Months |
| 4 | Date of Publication of Tender on Website | 26.05.2025 at 10.30 AM |
| 5 | Last date/Time for receipt of bids | 02.06.2025 Up to 12.00 Noon |
| 6 | Date of opening of Tender | 03.06.2025 at 12.30 PM |
| 7 | Name & address of office Inviting tender | Office of The Executive Engineer Road Construction Department Road Division, Dumka. |
| 8 | Contact no. of Procurement Officer | 8252424164 |
| 9 | Helpline number of e-Procurement cell | 0651-2401010 |

Further details can be seen on website http://jharkhandtenders.gov.in

Executive Engineer,
Road Construction Department,
Road Division, Dumka

PR 352764 Road (25-26)_D


## ସଂକ୍ଷେପରେ

### ପୁଞ୍ଚରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ: ଯବାନ ଆହତ

ଜମ୍ମୁ,୧୭।୫(ପି.ଟି.)

ଜମ୍ମୁ-କଶ୍ମୀରର ପୁଞ୍ଚ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ଶନିବାର ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟି ଜଣେ ସେନା ଯବାନ ଆହତ ହୋଇଛନ୍ତି। ଅପରାହ୍ନରେ ଯବାନମାନେ ଦିଗ୍‌ୱାର ସେକ୍ଟର ଫରୱାର୍ଡ ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିଲା। ଅନୁପ୍ରବେଶରୋଧୀ ବ୍ୟବସ୍ଥା ସ୍ୱରୂପ ଫରୱାର୍ଡ ଅଞ୍ଚଳରେ ଲ୍ୟାଣ୍ଡମାଇନ୍ ଖଞ୍ଜାଯାଇଥିଲା। ବେଳେବେଳେ ବର୍ଷା ଯୋଗୁ ଲ୍ୟାଣ୍ଡମାଇନ୍ ଖଞ୍ଜାଯାଇଥିବା ଚିହ୍ନ ଲିଭିଯାଇ ଏଭଳି ଦୁର୍ଘଟଣାର କାରଣ ପାଲଟିଥାଏ। ଆହତ ହାବିଲଦାରଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିବାବେଳେ ବୋମା ନିଷ୍କ୍ରିୟକାରୀ ଟିମ୍ ପହଞ୍ଚି ବିସ୍ଫୋରଣ ହୋଇ ନ ଥିବା ମୋର୍ଟାର ଶେଲ୍‌ଗୁଡ଼ିକୁ ଅକାମୀ କରିଛନ୍ତି।

### ସଲ୍‌ମାନ ରଶ୍‌ଡିଙ୍କ ଆକ୍ରମଣକାରୀଙ୍କୁ ୨୫ ବର୍ଷ ଜେଲ



ମେଭିଲ୍,୧୭।୫

ଖ୍ୟାତନାମା ସାହିତ୍ୟିକ ସଲ୍‌ମାନ୍ ରଶ୍‌ଡିଙ୍କୁ ୨୦୨୨ରେ ଏକ ସଭାମଞ୍ଚରେ ଛୁରିରେ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ସ୍ଥାନୀୟ ଅଦାଲତ ଶୁକ୍ରବାର ୨୫ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ଆକ୍ରମଣରେ ସଲ୍‌ମାନ ଗୋଟିଏ ଆଖି ହରାଇଥିଲେ। ଶୁକ୍ରବାର ଦଣ୍ଡ ଶୁଣାଣି ବେଳେ ଅପରାଧୀ ହାଦି ମାଟାର(୨୭) କୋର୍ଟ ରୁମ୍‌ରେ ନୀରବରେ ଛିଡ଼ା ହୋଇଥିଲେ। ୭୭ ବର୍ଷୀୟ ସଲ୍‌ମାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗକୁ ସେ ଖଣ୍ଡନ କରି ନ ଥିଲେ। ଦଣ୍ଡ ଶୁଣାଣି ପୂର୍ବରୁ ଯେତେବେଳେ ମାଟାରଙ୍କୁ ମତାମତ ପଚରାଗଲା, ସେ କହିଥିଲେ, ବାକ୍ ସ୍ୱାଧୀନତାରେ ସେ ବିଶ୍ୱାସ କରନ୍ତି। କିନ୍ତୁ ସଲ୍‌ମାନ ଜଣେ ଛଳନାକାରୀ, ସେ ଅନ୍ୟମାନଙ୍କୁ ଅସମ୍ମାନିତ କରିବାକୁ ଚାହାନ୍ତି। କୋର୍ଟ ରୁମ୍‌ରେ ସଲ୍‌ମାନ ଉପସ୍ଥିତ ନ ଥିଲେ ମଧ୍ୟ ଏକ ବିବୃତି ପଠାଇଥିଲେ, ଯାହାକୁ ସର୍ବସାଧାରଣରେ ପ୍ରକାଶ କରାଯାଇ ନାହିଁ। ଦଣ୍ଡ ଶୁଣାଣି ପରେ ସଲ୍‌ମାନ କୌଣସି ମତାମତ ଦେବାକୁ ଚାହୁଁ ନ ଥିବା ତାଙ୍କ ଏଜେଣ୍ଟଙ୍କ ଜରିଆରେ ଜଣାଇଥିଲେ।

### ସିଗାରେଟ୍ ନ ଦେବାରୁ ଇଞ୍ଜିନିୟରଙ୍କୁ ଗାଡ଼ି ମଡ଼ାଇ ହତ୍ୟା

ବେଙ୍ଗାଲୁରୁ,୧୭।୫

ସିଗାରେଟ୍‌କୁ ନେଇ ବିବାଦରୁ ବେଙ୍ଗାଲୁରୁର ଜଣେ ୨୯ ବର୍ଷୀୟ ସଫ୍ଟୱେର ଇଞ୍ଜିନିୟରଙ୍କୁ ଗାଡ଼ି ମଡ଼ାଇ ହତ୍ୟା କରାଯାଇଛି। ଇଞ୍ଜିନିୟରଙ୍କ ଜଣେ ବନ୍ଧୁ ଆହତ ହୋଇଛନ୍ତି। ଗତ ୧୦ ତାରିଖ ଭୋର ସମୟରେ ଏହି ହିଟ୍ ଆଣ୍ଡ ରନ୍ ଘଟଣା ଘଟିଛି। ମୃତକ ସଞ୍ଜୟ ଏବଂ ଆହତ ବନ୍ଧୁ ଚେତନ ଉଭୟ ସଫ୍ଟୱେର ଇଞ୍ଜିନିୟର। ସେମାନେ ନିଜ ନିଜର ୱାର୍କ ଫ୍ରମ୍ ହୋମ୍ ରାତି ସିଫ୍ଟରୁ ବିରତି ନେଇ ଭୋର ୪ଟାରେ ଚା' ପିଇବାକୁ ରାସ୍ତାପାର୍ଶ୍ୱ ଷ୍ଟଲ୍‌କୁ ଆସିଥିଲେ। ଏହି ସମୟରେ ଏକ କାର୍‌ରେ ସ୍ତ୍ରୀଙ୍କ ସହ ଆସିଥିବା ଜଣେ ବ୍ୟକ୍ତି ସେମାନଙ୍କୁ ସିଗାରେଟ୍ ମାଗିଥିଲେ। ସେମାନେ ମନା କରିବାରୁ ବ୍ୟକ୍ତି ଜଣଙ୍କ ସେମାନଙ୍କ ସହ ଯୁକ୍ତି କରିଥିଲେ। ପାଖରେ ଥିବା ଲୋକେ ବୁଝାଶୁଝା କରି ସେମାନଙ୍କୁ ଶାନ୍ତ କରିବାରେ ସଫଳ ହୋଇଥିଲେ। ସଞ୍ଜୟ ଏବଂ ଚେତନ ମୋଟରସାଇକେଲ୍‌ରେ ଫେରୁଥିବାବେଳେ ଅଭିଯୁକ୍ତ ପ୍ରତୀକ ସେମାନଙ୍କୁ ପିଛାକରି ଜାଣିଶୁଣି ଧକ୍କା ଦେଇ ପଳାଇଥିଲେ। ଫଳରେ ମୋଟରସାଇକେଲ୍‌ଟି ପାଖରେ ଥିବା ଏକ ଦୋକାନ ଶଟରରେ ମାଡ଼ ହେବା ସହ ସଞ୍ଜୟ ଗୁରୁତର ଆହତ ହୋଇ ଚେତାଶୂନ୍ୟ ହୋଇଥିଲେ। ଉଭୟଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ୨ ଦିନ ପରେ ସଞ୍ଜୟଙ୍କର ମୃତ୍ୟୁ ଘଟିଥିଲା।

# କୂଟନୀତିରେ ରାଜନୀତି

## ଶଶୀ ଥରୁର୍‌ଙ୍କୁ ପ୍ରତିନିଧି ମଣ୍ଡଳୀରେ ସାମିଲ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ



ରବିଶଙ୍କର ପ୍ରସାଦ



ବୈଜୟନ୍ତ ପଣ୍ଡା



ସୁପ୍ରିୟା ସୁଲେ



କାନିମୋଝି



ସଞ୍ଜୟ କୁମାର ଝା



ଶ୍ରୀକାନ୍ତ ଶିନ୍ଦେ

ନୂଆଦିଲ୍ଲୀ,୧୭।୫

ଏପ୍ରିଲ ୨୨ ଜମ୍ମୁ-କଶ୍ମୀରର ପହଲଗାମ୍‌ସ୍ଥିତ ବୈସରନ୍‌ରେ ଆତଙ୍କବାଦୀମାନେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କୁ ଗୁଳିକରି ହତ୍ୟା କରିବା ପରେ ବିରୋଧୀ ଦଳଗୁଡ଼ିକ ସରକାରଙ୍କ ସମର୍ଥନରେ ବାହାରିଥିଲେ। ଆତଙ୍କବାଦର ଭୂସ୍ୱର୍ଗ ପାକିସ୍ତାନ ବିରୋଧରେ ସରକାର ଯାହା କାର୍ଯ୍ୟାନୁଷ୍ଠାନ ନେଲେ ସମର୍ଥନ ଦିଆଯିବ ବୋଲି କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକର ନେତାମାନେ ସ୍ପଷ୍ଟ କରିଥିଲେ। ଏହି କ୍ରମେ ଭାରତ ସରକାରଙ୍କ ନିର୍ଦ୍ଦେଶକ୍ରମେ ଦେଶର ସଶସ୍ତ୍ର ବଳ ମେ' ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ପାକିସ୍ତାନ ଓ ପାକ୍-ଅଧିକୃତ କଶ୍ମୀର (ପିଓକେ)ସ୍ଥିତ ଆତଙ୍କବାଦୀଙ୍କ ଅଫିସ ଓ ଶିବିରଗୁଡ଼ିକ ଉପରେ ମିଶାଇଲ ମାଡ଼ କରି ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲା। ଆତଙ୍କବାଦକୁ ପାକିସ୍ତାନୀ ସେନା ଓ ସରକାରଙ୍କ ସମର୍ଥନ ଏବଂ ଏହା ବିରୋଧରେ ଭାରତର ନିରନ୍ତର ଲଢ଼େଇ ସମ୍ପର୍କିତ ବାର୍ତ୍ତା ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ସରକାର ୭ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଗଠନ କରିଛନ୍ତି। ଏଥିରେ ସାମିଲ ପାଇଁ ସରକାରଙ୍କ ପକ୍ଷରୁ ବିରୋଧୀ ଦଳଗୁଡ଼ିକୁ ସେମାନଙ୍କ ଏମ୍‌ପିମାନଙ୍କ ନାମ ସୁପାରିସ କରିବାକୁ କୁହାଯାଇଥିଲା। ଏହି କ୍ରମେ କଂଗ୍ରେସ ଉକ୍ତ କୂଟନୈତିକ ଟିମ୍‌ରେ ସାମିଲ କରିବାକୁ କେନ୍ଦ୍ରକୁ ୪ ନେତାଙ୍କ ନାମ ଦେଇଥିଲା। ସେମାନେ ହେଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆନନ୍ଦ ଶର୍ମା, ଲୋକ ସଭାର ବିରୋଧୀ ଦଳ ଉପନେତା ଗୌରବ ଗୋଗୋଇ, ରାଜ୍ୟ ସଭା ସଦସ୍ୟ ସୟେଦ ନାସିର ହୁସେନ ଓ ଲୋକ ସଭା ସଦସ୍ୟ ଅମରିନ୍ଦର ସିଂ ରାଜା ବ୍ରାର। କିନ୍ତୁ ଅନ୍ତର୍ଜାତୀୟ ବ୍ୟାପାର ବିଶେଷଜ୍ଞ ତଥା କେରଳର ଥିରୁଭାନନ୍ତପୁରମ୍‌ରୁ ୪ ଥର ଏମ୍‌ପି ହୋଇଥିବା ଶଶୀ ଥରୁର୍‌ଙ୍କ ନାମ ପ୍ରସ୍ତାବ ଦେଇ ନ ଥିଲା। ସରକାର ଥରୁରଙ୍କ ଅନ୍ତର୍ଜାତୀୟ ବିଶ୍ୱସନୀୟତା ଓ ଏହି ପ୍ରସଙ୍ଗରେ ତାଙ୍କ ଦଖଲକୁ ଦୃଷ୍ଟିରେ ରଖି ନିଜ ଆଡୁ ତାଙ୍କୁ ଏକ ଟିମ୍‌ର ନେତୃତ୍ୱ ନେବାକୁ ସୁଯୋଗ ଦେଇଛନ୍ତି।

ବରିଷ୍ଠ ନେତା ଥରୁର୍ କଂଗ୍ରେସରେ ଅଣଦେଖାର ଶିକାର ହେଉଥିବା ନେଇ କିଛିଦିନ ହେଲା ଅଭିଯୋଗ କରିଆସୁଥିବାବେଳେ ଦଳ ଜାଣିଶୁଣି ତାଙ୍କ ନାମ ସୁପାରିସ କରି ନ ଥିବା କୁହାଯାଉଛି। ଏହି ପରିପ୍ରେକ୍ଷୀରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଥରୁରଙ୍କୁ ଏକ ପ୍ରତିନିଧି ଦଳର ନେତୃତ୍ୱ ଦେବା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ଏନେଇ କଂଗ୍ରେସ କହିଛି, ସରକାର ଅପରେଶନ୍ ସିନ୍ଦୂର ସମ୍ପର୍କିତ ଡିପ୍ଲୋମାଟିକ୍ ଡେଲିଗେଶନ୍‌ର ମୁଖ୍ୟମାନଙ୍କ ନାମ ଘୋଷଣା କରି ଖେଳ ଖେଳୁଛି। ଏହା ହେଉଛି କେନ୍ଦ୍ରର ଦୁଷ୍ଟତାପୂର୍ଣ୍ଣ ମନୋଭାବ। ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, କଂଗ୍ରେସରେ ରହିବା ଓ କଂଗ୍ରେସର ହୋଇ ରହିବାରେ ତଫାତ୍ ରହିଛି। ସରକାର ଦଳଗୁଡ଼ିକର ପରାମର୍ଶ ନ ନେଇ ସମ୍ପୃକ୍ତ ଦଳର ଏମ୍‌ପିଙ୍କୁ ଡେଲିଗେଶନ୍‌ରେ ସାମିଲ କରିପାରିବେ ନାହିଁ। ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏମ୍‌ପିମାନଙ୍କୁ ସରକାରୀ ପ୍ରତିନିଧି ମଣ୍ଡଳୀରେ ପଠାଗଲେ, ସମ୍ପୃକ୍ତ ସାଂସଦ ଦଳର ଅନୁମତି ଲୋଡ଼ିବା ଉଚିତ। ସରକାର 'ନାରଦ ମୁନି ରାଜନୀତି' ଖେଳୁଛନ୍ତି। ନିଜେପୂର୍ବରୁ ନାମ ନିଷ୍ପତ୍ତି ନେଇସାରିବା ପରେ କଂଗ୍ରେସକୁ ୪ ଏମ୍‌ପିଙ୍କ ନାମ ମାଗିବା ଅସାଧୁ କାର୍ଯ୍ୟ। କଂଗ୍ରେସ ପ୍ରସ୍ତାବ ଦେଇଥିବା ୪ ନାମ ଉପରେ ପୁନର୍ବିଚାର କରିବ ନାହିଁ।

ଜୟରାମ ଆହୁରି କହିଛନ୍ତି, ବିଶ୍ୱଗୁରୁ ବ୍ୟାଖ୍ୟାନ ଶେଷ ହୋଇଯାଇଛି। ଦୁଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ (ଲୋକ ସଭା) ଓ ମଲ୍ଲିକାର୍ଜୁନ ଖାର୍ଗେ (ରାଜ୍ୟ ସଭା) ଅପରେଶନ୍ ସିନ୍ଦୂର ସମ୍ପର୍କରେ ଆଲୋଚନା ପାଇଁ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଥିଲେ। ମୋଦି ଏହା ଉପରେ ଉତ୍ତର ଦେଇ ନ ଥିବାବେଳେ ହଠାତ୍ ବହୁଦଳୀୟ ପ୍ରତିନିଧି ମଣ୍ଡଳୀ କଥା ଶୁଣିବାକୁ ପାଇଛୁ। ଏପରି କି ମୋଦି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ପରରାଷ୍ଟ୍ର ସଚିବ ମାର୍କେ ରୁବିଓଙ୍କ ଅସ୍ତ୍ରବିରତି ମଧ୍ୟସ୍ଥତା ସମ୍ପର୍କରେ ମଧ୍ୟ ମୁହଁ ଖୋଲିପାରି ନାହାନ୍ତି। ଏଥିରୁ ସ୍ପଷ୍ଟ ହୋଇଛି ଯେ, ସରକାରଙ୍କ ବ୍ୟାଖ୍ୟାନ୍ ପଙ୍କଚର ହୋଇଯାଇଛି। ଜୟରାମଙ୍କ କହିବା ହେଲା, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଶୁକ୍ରବାର ସକାଳେ ଖାର୍ଗେ ଓ ରାହୁଲଙ୍କୁ ଫୋନ୍ କରି ୪ ନେତାଙ୍କ ନାମ ମାଗିଥିଲେ। ଅପରାହ୍ନ ୧୨ଟା ୩୦ ସୁଦ୍ଧା ରାହୁଲ ରିଜିଜୁଙ୍କୁ ୪ ଏମ୍‌ପିଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଏହା ପରେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ଜାରି ନାମଗୁଡ଼ିକୁ ଦେଖିବା ପରେ କଂଗ୍ରେସ ବିସ୍ମିତ ହୋଇଯାଇଛି ବୋଲି ଜୟରାମ କହିଛନ୍ତି।

### କଂଗ୍ରେସ ଥରୁର୍‌ଙ୍କ ନାଁ କାହିଁକି ଦେଲାନି: ଭାଜପା

ପ୍ରତିନିଧିମଣ୍ଡଳୀ ପାଇଁ କଂଗ୍ରେସ ଦଳୀୟ ଏମ୍‌ପି ଶଶୀ ଥରୁରଙ୍କ ନାମ ପ୍ରସ୍ତାବ ନ ଦେବା ଉପରେ ଭାଜପା ପ୍ରଶ୍ନ ଉଠାଇଛି। ସମ୍ଭବତଃ ଦଳୀୟ ହାଇକମାଣ୍ଡଙ୍କଠାରୁ ଥରୁର୍‌ଙ୍କ ପ୍ରଦର୍ଶନ ଉନ୍ନତ ରହୁଥିବାରୁ କଂଗ୍ରେସ ଜାଣିଶୁଣି ତାଙ୍କ ନାମ ଦେଇ ନ ଥିଲା ବୋଲି ଭାଜପା ଆଇଟି ବିଭାଗ ମୁଖ୍ୟ ଅମିତ୍ ମାଲବ୍ୟ ଏକ୍ସ'ରେ ପୋଷ୍ଟ କରିଛନ୍ତି। ମାଲବ୍ୟ କହିଛନ୍ତି, ଜାତିସଂଘ ଅଧିକାରୀ ଭାବେ ଥରୁରଙ୍କ ଦୀର୍ଘ ଅଭିଜ୍ଞତା ରହିଛି। ତାଙ୍କ ବାଗ୍ମିତା ଓ ବହିର୍ବ୍ୟାପାର ନୀତି ସମ୍ପର୍କିତ ଗଭୀର ଜ୍ଞାନକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଏଭଳି ସ୍ଥିତିରେ କଂଗ୍ରେସର ଅଭିସନ୍ଧିକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ ବୋଲି ସେ କହିଛନ୍ତି।

### ଜାତୀୟ ସ୍ୱାର୍ଥ ସର୍ବୋପରି: ଥରୁର୍



ଶଶୀ ଥରୁର

ଏକ ବହୁଦଳୀୟ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେବା ପାଇଁ ସରକାରଙ୍କ ପ୍ରସ୍ତାବକୁ କଂଗ୍ରେସ ନେତା ଶଶୀ ଥରୁର ସ୍ୱାଗତ କରିଛନ୍ତି। ଥିରୁଭାନନ୍ତପୁରମ୍ ଏମ୍‌ପି ଥରୁର୍ ଏନେଇ ଏକ୍ସ'ରେ ଉଲ୍ଲେଖ କରିଛନ୍ତି, ଭାରତ ସରକାରଙ୍କ ପକ୍ଷରୁ ଅଲ୍-ପାର୍ଟି ଡେଲିଗେଶନ୍‌ର ନେତୃତ୍ୱ ନିମନ୍ତେ ନିମନ୍ତ୍ରଣ ପାଇ ସେ ନିଜକୁ ସମ୍ମାନିତ ଅନୁଭବ କରୁଛନ୍ତି। ସଦ୍ୟ ଘଟଣାକ୍ରମ ଉପରେ ଭାରତର ଆଭିମୁଖ୍ୟ ଉପସ୍ଥାପନ କରିବା ପାଇଁ ୫ ଗୁରୁତ୍ୱପୂର୍ଣ୍ଣ ରାଜଧାନୀକୁ ଯିବା ତାଙ୍କ ଲାଗି ଗୌରବର ବିଷୟ। ଯେତେବେଳେ ଜାତୀୟ ସ୍ୱାର୍ଥ କଥା ଉଠେ ଓ ତାଙ୍କ ସେବା ଆବଶ୍ୟକ ହୁଏ, ସେ ଚୁପ୍ ବସିପାରିବେ ନାହିଁ। ଜୟ ହିନ୍ଦ୍।

### ମୁମ୍ବାଇ ଏୟାରପୋର୍ଟ, ତାଜ୍ ହୋଟେଲକୁ ବୋମା ଧମକ

ମୁମ୍ବାଇ,୧୭।୫

ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ତାଜ୍ ମହଲ ପ୍ୟାଲେସ୍ ହୋଟେଲକୁ ବୋମାରେ ଉଡ଼ାଇଦେବାକୁ ଇମେଲ୍ ଯୋଗେ ମୁମ୍ବାଇ ପୋଲିସ୍‌କୁ ଧମକ ମିଳିଛି। ପାର୍ଲାମେଣ୍ଟ ଆକ୍ରମଣର ମାଷ୍ଟରମାଇଣ୍ଡ ଅଫଜଲ ଗୁରୁଙ୍କୁ ଫାଶୀଦଣ୍ଡ ଯଥାର୍ଥ ନୁହେଁ ବୋଲି ଏଥିରେ ଦାବି କରାଯାଇଛି। ଗୁରୁବାର ସକାଳେ ମୁମ୍ବାଇର ଏୟାରପୋର୍ଟ ଥାନାକୁ ସରକାରୀ ଇମେଲ୍ ଠିକଣାରେ ଏହି ଧମକ ମିଳିବା ପରେ ପୋଲିସ ଉପରୋକ୍ତ ୨ ସ୍ଥାନକୁ ଯାଞ୍ଚ କରିଥିଲେ ମଧ୍ୟ କୌଣସି ସନ୍ଦେହଜନକ ପଦାର୍ଥ ମିଳିନାହିଁ। viduthalai_puli_vellum@outlook.com ଆଇଡିରୁ ଏହି ଇମେଲ୍ ଆସିଥିଲା। ମୁମ୍ବାଇ ପୋଲିସ ୟୁଜରଙ୍କ ବିରୋଧରେ ମାମଲା ରୁଜୁ କରି ଇମେଲ୍‌ର ଡିଜିଟାଲ ତଥ୍ୟପ୍ରମାଣ ହାସଲ ନିମନ୍ତେ ଉଦ୍ୟମ ଚଳାଇଛି।

### ୧୫ କାଉନ୍‌ସିଲର ଇସ୍ତଫା ଦେଇ ନୂଆ ଦଳ ଘୋଷଣାକଲେ

#### ଆପ୍‌କୁ ଝଟକା

ନୂଆଦିଲ୍ଲୀ,୧୭।୫

ଦିଲ୍ଲୀ ମ୍ୟୁନିସିପାଲ୍ କର୍ପୋରେଶନ (ଏମ୍‌ସିଡି)ର ୧୫ ଜଣ ଆମ୍ ଆଦ୍‌ମୀ ପାର୍ଟି (ଆପ୍) କାଉନ୍‌ସିଲର ଶନିବାର ଇସ୍ତଫା ଦେଇଛନ୍ତି। ସେମାନେ ଇନ୍ଦ୍ରପ୍ରସ୍ଥ ବିକାଶ ପାର୍ଟି (ଆଇଭିପି) ନାମରେ ନୂଆ ଦଳ ଗଢ଼ିଥିବା ଘୋଷଣା କରିଛନ୍ତି। ଏହି ଦଳବଦଳ ଫଳରେ ଏମ୍‌ସିଡିରେ ଆପ୍ ସଦସ୍ୟ ସଂଖ୍ୟା ୧୧୩ରୁ ୯୮କୁ ହ୍ରାସ ପାଇଥିବାବେଳେ ଭାଜପାର ୧୧୭ ଏବଂ କଂଗ୍ରେସର ୮ ରହିଛି। ମୋରାଲବନ୍ଦ କାଉନ୍‌ସିଲର ହେମନଚାନ୍ଦ ଗୋୟଲଙ୍କ ନେତୃତ୍ୱରେ ୧୫ କାଉନ୍‌ସିଲର ଏମ୍‌ସିଡିରେ ଏକ ସ୍ୱାଧୀନ ବ୍ଲକ୍ ଭାବେ କାର୍ଯ୍ୟ କରିବେ। ଆପ୍ ନେତୃତ୍ୱ ପ୍ରତି ମୋହଭଙ୍ଗ ଇସ୍ତଫାର କାରଣ ବୋଲି ସେମାନେ ଏକ ବିବୃତିରେ କହିଛନ୍ତି।

## ୬୦୦ ପାକ୍ ଡ୍ରୋନ୍ ଧ୍ୱଂସ କରିଥିଲା ଭାରତ

ନୂଆଦିଲ୍ଲୀ,୧୭।୫

ଅପରେଶନ ସିନ୍ଦୂର ବେଳେ ଭାରତୀୟ ଡିଫେନ୍ସ ସିଷ୍ଟମ୍ସ ପାକିସ୍ତାନର ୬୦୦ରୁ ଊର୍ଦ୍ଧ୍ୱ ଡ୍ରୋନ୍‌କୁ ଧ୍ୱଂସ କରିଥିଲା। ପାକିସ୍ତାନର ଡ୍ରୋନ୍ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଭାରତୀୟ ସଶସ୍ତ୍ର ବଳ ଏୟାର ଡିଫେନ୍ସ ସିଷ୍ଟମକୁ ସକ୍ରିୟ କରିଥିଲା। ନିୟନ୍ତ୍ରଣ ରେଖା ଏବଂ ଅନ୍ତର୍ଜାତୀୟ ସୀମାରେ ୧,୦୦୦ରୁ ଊର୍ଦ୍ଧ୍ୱ ଆଣ୍ଟିଏୟାରକ୍ରାଫ୍ଟ ଗନ୍ ଖଞ୍ଜା ଯାଇଥିଲା। ଏଥିସହିତ ୭୫୦ରୁ ଅଧିକ ସ୍ୱଳ୍ପ ଦୂରଗାମୀ ସ୍ଥଳଭାଗରୁ ଆକାଶକୁ ନିକ୍ଷେପ କରାଯାଉଥିବା ମିଶାଇଲ ସିଷ୍ଟମକୁ ନିୟୋଜିତ କରାଯାଇଥିଲା। ଆକାଶ ତୀର ସିଷ୍ଟମ ଭାରତର ସମନ୍ୱିତ ଏୟାର ଡିଫେନ୍ସ ସିଷ୍ଟମକୁ ଅଧିକ ମଜଭୁତ କରିଥିଲା। ଏହା ଶତ୍ରୁପକ୍ଷର ଡ୍ରୋନ୍ ଏବଂ ମିଶାଇଲ ଠାବ କରିବା ଏବଂ ଏୟାର ଡିଫେନ୍ସ ବ୍ୟବସ୍ଥାକୁ ସୂଚନା ଦେବା କାର୍ଯ୍ୟ କରୁଥିଲା।

## ଆଇଏସ୍ ସ୍ଲିପର ସେଲ୍‌ର ୨ ଗିରଫ

ନୂଆଦିଲ୍ଲୀ,୧୭।୫

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ମୁମ୍ବାଇ ଏୟାରପୋର୍ଟରୁ ଆଇଏସ୍ ଆତଙ୍କବାଦୀ ସଂଗଠନ ସ୍ଲିପର ସେଲ୍‌ର ୨ ଜଣ ପଳାତକଙ୍କୁ ଗିରଫ କରିଛି। ସେମାନେ ୨୦୨୩ରେ ମହାରାଷ୍ଟ୍ରର ପୁଣେରେ ଆଇଇଡି ଉତ୍ପାଦନ ଓ ପରୀକ୍ଷା ସହ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଇଣ୍ଡୋନେସିଆର ଜାକର୍ତ୍ତାରେ ଆତ୍ମଗୋପନ କରିଥିବା ଅବଦୁଲ୍ଲା ଫୈୟାଜ ଶେଖ୍ ଓରଫ ଦିଆପେରୱାଲା ଏବଂ ତଲହା ଖାନ୍ ଫେରୁଥିବା ଖବର ପାଇ ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦର ୨ ନମ୍ବର ଟର୍ମିନାଲରେ ଇମିଗ୍ରେଶନ ଅଧିକାରୀମାନେ ସେମାନଙ୍କୁ ଅଟକାଇଥିଲେ। ପରେ ଏନ୍‌ଆଇଏ ସେମାନଙ୍କୁ ହାଜତକୁ ନେଇଛି।

## ପାକିସ୍ତାନ ପାଇଁ ଗୁପ୍ତଚରଗିରି

# ୟୁଟ୍ୟୁବର ଜ୍ୟୋତି ଗିରଫ

ଚଣ୍ଡିଗଡ଼,୧୭।୫



ଜ୍ୟୋତି ମାଲହୋତ୍ରା

ପାକିସ୍ତାନୀ ଗୋଇନ୍ଦା ସଂସ୍ଥାକୁ ଭାରତର ପ୍ରତିରକ୍ଷା ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ପଠାଉଥିବା ଅଭିଯୋଗରେ ହରିୟାଣାର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ସମେତ ୬ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୟାମିନ, ଦେବିନ୍ଦର ଓ ଅର୍ମାନ ରହିଛନ୍ତି।

ହରିୟାଣାର ହିସାରରେ ରହୁଥିବା ଟ୍ରାଭେଲ ବ୍ଲଗର ଜ୍ୟୋତି ଏକ ୟୁଟ୍ୟୁବ୍ ଚ୍ୟାନେଲ ଚଳାଉଥିଲେ ଓ ବିଭିନ୍ନ ସମୟରେ ପାକିସ୍ତାନ ସମେତ ବିଭିନ୍ନ ଅଞ୍ଚଳକୁ ଭ୍ରମଣରେ ଯାଉଥିଲେ। ନ୍ୟୁ ଅଗରସେନ୍ ଏକ୍ସଟେନ୍‌ଶନରୁ ତାଙ୍କୁ ଗିରଫ କରାଯିବା ସହ ସରକାରୀ ଗୋପନୀୟତା ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ଅଦାଲତରେ ହାଜର କରାଯିବା ପରେ ତାଙ୍କୁ ୫ ଦିନ ପାଇଁ ପୋଲିସ ରିମାଣ୍ଡରେ ପଠାଯାଇଛି।


ଜ୍ୟୋତିଙ୍କ ୟୁଟ୍ୟୁବ୍ ଚ୍ୟାନେଲ ଏବଂ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟର ଯଥାକ୍ରମେ ୩.୭୭ ଲକ୍ଷ ସବ୍‌ସ୍କ୍ରାଇବର ଏବଂ ୧.୩୩ ଲକ୍ଷ ଫଲୋର୍ସ ରହିଛନ୍ତି। ଦିଲ୍ଲୀରେ ପାକିସ୍ତାନ ହାଇକମିଶନ୍‌ରେ କାର୍ଯ୍ୟରତ ପାକିସ୍ତାନୀ କର୍ମଚାରୀମାନଙ୍କ ସହ ତାଙ୍କର ଯୋଗଯୋଗ ରହିଥିଲା। ଗୁପ୍ତଚର ବୃତ୍ତି କାର୍ଯ୍ୟରେ ସମ୍ପୃକ୍ତି ଅଭିଯୋଗରେ ଗତ ୧୩ ତାରିଖରେ ନୂଆଦିଲ୍ଲୀ ପାକିସ୍ତାନୀ କର୍ମଚାରୀମାନଙ୍କୁ ବହିଷ୍କାର କରିଛି। ଜ୍ୟୋତିଙ୍କ ୟୁଟ୍ୟୁବ୍ ଚ୍ୟାନେଲ ଆକାଉଣ୍ଟରେ ତାଙ୍କର ପାକିସ୍ତାନ ଭ୍ରମଣକୁ ନେଇ 'ଇଣ୍ଡିଆନ୍ ଗର୍ଲ ଇନ୍ ପାକସ୍ତାନ', 'ଇଣ୍ଡିଆନ୍ ଗର୍ଲ ଏକ୍ସପ୍ଲୋରିଙ୍ଗ ଲାହୋର', 'ଇଣ୍ଡିଆନ ଗର୍ଲ ଆଟ୍ କାଟସ୍ ରାଜ ଟେମ୍ପଲ' ଏବଂ 'ଇଣ୍ଡିଆନ୍ ଗର୍ଲ ରାଇଡ୍ସ ଲକ୍‌ଜୁରି ବସ୍ ଇନ୍ ପାକିସ୍ତାନ' ନାମରେ ଭିଡିଓ ଦେଖିବାକୁ ମିଳିଥାଏ। ସେ ବର୍ତ୍ତମାନ ସୁଦ୍ଧା ୪୮୭ଟି ଭିଡିଓ କରିଛନ୍ତି।

୨୦୨୩ରେ ଜ୍ୟୋତି ପାକିସ୍ତାନ ଉଚ୍ଚାୟୁକ୍ତରେ ଏହସାନ-ଉର୍-ରହିମ୍ ଓରଫ ଡାନିସ୍‌ଙ୍କ ସହ ଯୋଗାଯୋଗରେ ଆସିଥିଲେ। ସେତେବେଳେ ସେ ପାକିସ୍ତାନ ଯିବା ପାଇଁ ଭିଜା ଚାହୁଁଥିଲେ। ତାଙ୍କ ବିରୋଧରେ ୧୬ ତାରିଖରେ ସିଭିଲ୍ ଲାଇନ୍ସ ଥାନାରେ ଦାଏର ଏତଲାରୁ ଏହା ଜଣାପଡ଼ିଛି। ସେ ୨ ଥର ପାକିସ୍ତାନ ଯାଇ ଡାନିସ୍‌ଙ୍କ ସହଯୋଗୀ ଅଲି ଅହୱାନଙ୍କୁ ଭେଟିଥିଲେ। ସେ ଜ୍ୟୋତିଙ୍କ ରହିବା ସହ ପାକିସ୍ତାନୀ ସୁରକ୍ଷା ଓ ଗୋଇନ୍ଦା ଅଧିକାରୀ ଶାକିର ଓ ରାଣା ଶାହବାଜଙ୍କୁ ଭେଟିବା ବ୍ୟବସ୍ଥା କରିଥିଲେ। ଜ୍ୟୋତି ସେମାନଙ୍କ ସହ ହ୍ୱାଟ୍ସଆପ୍, ଟେଲିଗ୍ରାମ ଓ ସ୍ନାପ୍‌ଚାଟ୍ ଜରିଆରେ ଯୋଗାଯୋଗରେ ରହିବା ସହ ସମ୍ବେଦନଶୀଳ ତଥ୍ୟ ପଠାଉଥିଲେ। ଦିଲ୍ଲୀସ୍ଥିତ ପାକ୍ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟରେ ସେ ଡାନିସ୍ ଓ ପାକିସ୍ତାନୀ ଗୋଇନ୍ଦା ଅଧିକାରୀମାନଙ୍କ ସହ ସମ୍ପର୍କରେ ରହିଥିଲେ। ଏହା ପୂର୍ବରୁ ପଞ୍ଜାବ ପୋଲିସ ଗୁପ୍ତଚରଗିରିରେ ସମ୍ପୃକ୍ତି ନେଇ ମାଲେରକୋଟ୍‌ଲା ଜିଲାରୁ ୨ ଜଣ ଅଭିଯୁକ୍ତ ୟାମିନ୍ ମହମ୍ମଦ ଓ ଗୁଜାଲାଙ୍କୁ ଗିରଫ କରିଥିଲା।

# ନୁର୍ ଖାନ୍ ଏୟାରବେସ୍‌କୁ ଭାରତ ମିଶାଇଲ ମାଡ଼ କରିଥିବା ପାକ୍ ପ୍ରଧାନମନ୍ତ୍ରୀ ମାନିଲେ

## ଆକ୍ରମଣ ଖବର ଦେବାକୁ ରାତିଅଧରେ ସେନାମୁଖ୍ୟ ଉଠାଇଥିଲେ

ଇସ୍‌ଲାମାବାଦ,୧୭।୫



ଶେହବାଜ ଶରିଫ୍

ଅପରେଶନ ସିନ୍ଦୂର ବେଳେ ପାକିସ୍ତାନର ରାୱଲପିଣ୍ଡିସ୍ଥିତ ନୁର୍ ଖାନ୍ ଏୟାରବେସ୍ ଓ ଅନ୍ୟ କେତେକ ସ୍ଥାନରେ ଭାରତ ଆକ୍ରମଣ କରିଥିବା ଏହାର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ସ୍ୱୀକାର କରିଛନ୍ତି। ଭାରତର ଏହି ଆକ୍ରମଣ ସମ୍ପର୍କରେ ପାକ୍ ସେନାମୁଖ୍ୟ ଜେନେରାଲ ଅସିମ ମୁନିର ଗତ ୧୦ ତାରିଖ ରାତି ୨ଟା ୩୦ ମିନିଟ୍ ସମୟରେ ଶେହବାଜଙ୍କୁ ଜଣାଇଥିଲେ। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ କଥା ଉଠିଲେ ପାକିସ୍ତାନ ସାଧାରଣତଃ ଏହାକୁ ଖଣ୍ଡନ କରିଥାଏ। ତେବେ ରାୱଲପିଣ୍ଡିସ୍ଥିତ ଏୟାରବେସ୍ ଉପରେ ଆକ୍ରମଣକୁ ସ୍ୱୀକାର କରିବା ଏହାର ପରିପନ୍ଥୀ। ଶେହବାଜଙ୍କ ଏହି ମନ୍ତବ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଇସ୍‌ଲାମାବାଦସ୍ଥିତ ପାକିସ୍ତାନ ମନୁମେଣ୍ଟରେ ଏକ ସ୍ୱତନ୍ତ୍ର ୟୁମ୍-ଇ-ତଶକୁର' ଉତ୍ସବରେ ଉଦ୍‌ବୋଧନ ଦେଇ ଶେହବାଜ କହିଥିଲେ, ମେ' ୯-୧୦ ମଧ୍ୟବର୍ତ୍ତୀ ରାତି ପ୍ରାୟ ୨ଟା ୩୦ ମିନିଟ୍ ସମୟରେ ସେନାମୁଖ୍ୟ ମୁନିର ତାଙ୍କୁ ଫୋନ୍ କରି ହିନ୍ଦୁସ୍ତାନୀ ବାଲିଷ୍ଟିକ୍ ମିଶାଇଲ୍ ନୁର୍ ଖାନ୍ ଏୟାରବେସ୍ ଓ ଅନ୍ୟ ସ୍ଥାନରେ ମାଡ଼ ହୋଇଥିବା କହିଥିଲେ। ଏହା ମୁଁ ନିଶ୍ଚିତ ଭାବେ କହିପାରେ ଯେ, ଜେନେରାଲଙ୍କ ସ୍ୱରରେ ଆତ୍ମବିଶ୍ୱାସ ଓ ଦେଶଭକ୍ତି ରହିଥିଲା। ଭାରତର ମିଶାଇଲ୍ ଓ ଡ୍ରୋନ୍ ପାକିସ୍ତାନର ୩ଟି ଏୟାରବେସ୍‌କୁ ଟାର୍ଗେଟ କରିଥିବା ୧୦ ତାରିଖରେ ଇସ୍‌ଲାମାବାଦ କହିଥିଲା। ଏହାର ସାମରିକ ମୁଖପାତ୍ର ଲ୍ୟୁଟ୍‌ନାଣ୍ଟ ଜେନେରାଲ ଅହମଦ ଶରିଫ୍ ଚୌଧରୀ ଭୋର ୪ଟାରେ ତୁରନ୍ତ ଖବରଦାତା ସମ୍ମିଳନୀ ଡାକି ରାୱଲପିଣ୍ଡିର ଚକଲାଲାଠାରେ ଥିବା ନୁର୍ ଖାନ୍, ଚକୱାଲର ମୁରିଦ, ଝଙ୍ଗ ଜିଲାର ଶରକୋଟରେ ଥିବା ରଫିକି ଏୟାରବେସ୍‌ରେ ଆକ୍ରମଣ ହୋଇଥିବା କହିଥିଲେ।

## କାନ୍ସ ରେଡ୍ କାର୍ପେଟରେ ନିତାଂଶୀଙ୍କ ଡେବ୍ୟୁ

କାନ୍ସ



ଫିଲ୍ମ 'ଲାପତା ଲେଡିଜ୍'ରେ ନିଜ ଦମଦାର ଅଭିନୟ ମାଧ୍ୟମରେ ଦର୍ଶକଙ୍କ ହୃଦୟ ଜିତିପାରିଥିବା ଅଭିନେତ୍ରୀ ନିତାଂଶୀ ଗୋୟଲ ମାତ୍ର ୧୭ ବର୍ଷ ବୟସରେ ପ୍ରତିଷ୍ଠିତ କାନ୍ସ ଫିଲ୍ମ ଫେଷ୍ଟିଭାଲର ରେଡ୍ କାର୍ପେଟରେ ଡେବ୍ୟୁ କରିଛନ୍ତି। ଏହି ଅବସରରେ ସେ କଳା ଏବଂ ସୁନେରୀ ରଙ୍ଗର ଏକ ଡିଜାଇନର ଡ୍ରେସ୍ ପିନ୍ଧିଥିଲେ, ଯେଉଁଥିରେ ସେ ଖୁବ୍ ସୁନ୍ଦର ଦେଖାଯାଉଥିଲେ। ଉକ୍ତ ପୋଷାକକୁ ଫେଶନ ଡିଜାଇନର ମୋନିକା ଏବଂ କରିଶ୍ମା ପ୍ରସ୍ତୁତ କରିଥିଲେ। ନିତାଂଶୀଙ୍କ ଏହି ଡିଜାଇନର ପୋଷାକ ବିଭିନ୍ନ ଭାରତୀୟ କାରିଗରୀ ଏବଂ କାରୁକାର୍ଯ୍ୟକୁ ପ୍ରଦର୍ଶିତ କରୁଥିଲା। ନିଜ ରେଡ୍ କାର୍ପେଟ ଡେବ୍ୟୁର କିଛି ଫୋଟୋକୁ ନିତାଂଶୀ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରି କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ପ୍ରତିଷ୍ଠିତ କାନ୍ସ ଫିଲ୍ମ ଫେଷ୍ଟିଭାଲର ରେଡ୍ କାର୍ପେଟରେ ଭାରତର ପ୍ରତିନିଧିତ୍ୱ କରିବା ତାଙ୍କ ପାଇଁ ଗର୍ବର ବିଷୟ। ଏହା ତାଙ୍କ ପାଇଁ ସ୍ୱପ୍ନ ଭଳି ଥିଲା। କାନ୍ସ ରେଡ୍ କାର୍ପେଟରେ ସେ ବଡ଼ ସ୍ୱପ୍ନ ଦେଖି କଠିନ ପରିଶ୍ରମ କରୁଥିବା ପ୍ରତ୍ୟେକ ଭାରତୀୟ ଝିଅଙ୍କ ପ୍ରତିନିଧିତ୍ୱ କରୁଥିଲେ। ଏହି ପୋଷ୍ଟରେ ଅନେକ ଭାରତୀୟ ସେଲିବ୍ରିଟି ଏବଂ ପ୍ରଶଂସକଙ୍କ ପକ୍ଷରୁ ନିତାଂଶୀଙ୍କୁ ଅଭିନନ୍ଦନର ସୁଅ ଛୁଟିଛି।

# ତ୍ରିରଙ୍ଗା ପତାକା ସହ ଭାରତ ମାତା କୀ ଜୟ ଧ୍ୱନିରେ ସହର ପ୍ରକମ୍ପିତ

## ଢେଙ୍କାନାଳରେ ପରାକ୍ରମ ଶୋଭାଯାତ୍ରା

ଢେଙ୍କାନାଳ,୧୭।୫(ରତନ ନାୟାର)

ଭାରତର ସୁରକ୍ଷାରେ ପ୍ରତ୍ୟେକ ନାଗରିକ ବାର୍ତାଦେଇ ଢେଙ୍କାନାଳରେ ଶନିବାର ଅପରାହ୍ନ ସାଢେ ୪ଟା ସମୟରେ ଅପରେସନ ସିନ୍ଦୂର ପରାକ୍ରମ ଶୋଭାଯାତ୍ରା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଦଳମତ ନିର୍ବିଶେଷରେ ଏହି ଶୋଭାଯାତ୍ରାରେ ବିପୁଳ ସମାଗମ ହୋଇଥିଲା । ବିଭିନ୍ନ ଦଳର ନେତୃବୃନ୍ଦ, ଜନ ପ୍ରତିନିଧି, କ୍ରୀଡାବିତ, ବୁଦ୍ଧିଜୀବୀ, ସଂଗଠକ, ସାଂସ୍କୃତିକ ଅନୁଷ୍ଠାନ, ଆଇନଜୀବୀ, ବ୍ୟବସାୟୀ ଓ ଏନ୍‌ସିସି କ୍ୟାଡେଟ୍ ଆଦି ସମସ୍ତ ବର୍ଗର ବ୍ୟକ୍ତିବିଶେଷ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ସେହିପରି ବିପୁଳ ସଂଖ୍ୟାରେ ମହିଳା ଓ ସ୍କୁଲ କଲେଜ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ତ୍ରିରଙ୍ଗା ପତାକା ଓ 'ଭାରତମାତା କୀ ଜୟ' ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ବାଜିଚୌକଠାରୁ ସହର ପରିକ୍ରମା କରି ଏହି ବିଶାଳ ଶୋଭାଯାତ୍ରା ଜିଲା କାର୍ଯ୍ୟାଳୟ ସମ୍ମୁଖସ୍ଥ ଭାରତମାତା ଓ ଭାରତରତ୍ନ ମାନଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପହଁଚିଥିଲା।


ପରାକ୍ରମ ଶୋଭାଯାତ୍ରାରେ ଯୋଗଦେଇଥିବା ଜନତା


ପରାକ୍ରମ ଶୋଭାଯାତ୍ରା କାର୍ଯ୍ୟକ୍ରମରେ ମନ୍ତ୍ରୀ, ଏମ୍‌ପି ଓ ଅନ୍ୟମାନେ।

ଏଠାରେ ଆୟୋଜିତ ଏକ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ ଯେ, ଅପରେସନ ସିନ୍ଦୂର ଆମ ସମସ୍ତଙ୍କୁ ଗର୍ବିତ କରିଛି। ଏହି ବିଜୟ ଗାଁ ଗହଳି ଠାରୁ ଆରମ୍ଭ କରି ସହରବାସୀ ମାନଙ୍କର । ସାରା ଦେଶର କୋଣ ଅନୁକୋଣରେ ଏହି ବିଜୟକୁ ନେଇ ଲୋକମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି । ଯାହାକି ଆଜି ଢେଙ୍କାନାଳରେ ଆୟୋଜିତ ଏହି ପରାକ୍ରମ ଶୋଭାଯାତ୍ରାରେ ବିପୁଳ ଜନ ସମାଗମକୁ ପ୍ରମାଣିତ କରିଛି । ସମାଜର ସବୁ ବର୍ଗର ଲୋକ ସ୍ୱତଃପ୍ରବୃତ୍ତ ଭାବେ ଏଥିରେ ସାମିଲ ହୋଇଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ କହିଥିଲେ ଯେ, ଜୟ ଜବାନ, ଜୟ କିଷାନ । ଏହାପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏଥିରେ ଆଉ ଗୋଟିଏ ଧାଡି ଯୋଡି ଦେଲେ ଯେ, ଜୟ ବିଜ୍ଞାନ । ଆମେରିକା, ଚାଇନା ଠାରୁ ଆରମ୍ଭ କରି ସମଗ୍ର ବିଶ୍ୱ ଆମର ବ୍ରହ୍ମୋସକୁ ଦେଖି ଚକିତ ହୋଇପଡିଛନ୍ତି । ଆଗାମୀ ଦିନରେ ଭାରତ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଛିଡାହେବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏମ୍‌ପି ରୁଦ୍ର ନାରାୟଣ ପାଣି କହିଲେ ଯେ, ଢେଙ୍କାନାଳରେ ଆୟୋଜିତ ଏହି ପରାକ୍ରମ ଶୋଭାଯାତ୍ରାରେ ଢେଙ୍କାନାଳବାସୀ ଉତ୍ସାହିତ । ସାରା ଦେଶରେ ମଧ୍ୟ ଏଭଳି ଉତ୍ସାହ ପରିଲିକ୍ଷିତ ହୋଇଛି। ଆତଙ୍କବାଦର ସମୟ ଶେଷ ହେବାର ସମୟ ଆସି ପହଁଚି ଯାଇଛି । ପାକିସ୍ତାନ ଯେଉଁ ଭୁଲ କରିଛି, ତାର ଉତର ଉପଯୁକ୍ତ ସମୟରେ ପାଇବ। ସେ ସମୟ ଆସି ପହଁଚି ଯାଇଛି ବୋଲି ଏମ୍‌ପି କହିଥିଲେ। ସମ୍ମାନିତ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲା ଭାଜପା ସଭାପତି ରାସ ବିହାରୀ ବେହେରା, ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଜିଲା ଅବସରପ୍ରାପ୍ତ ସୈନିକ ସଂଘର ସଭାପତି କୈଳାସ ଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ମିଳିତବଜାର ପୂଜା କମିଟି ସଭାପତି ରାମଚନ୍ଦ୍ର ପାତ୍ର, ପୂର୍ବତନ ନଗରପାଳ ସୁନିଲ ଶର୍ମା, ବରିଷ୍ଠ ଆଇନଜୀବୀ ନବକିଶୋର ଗୁରୁ, ବିଷ୍ଣୁପ୍ରସାଦ ଲେଙ୍କା, ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ପୂର୍ବତନ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ଜିଲା ଉପସଭାପତି ମାତୃପ୍ରସାଦ ନନ୍ଦ, ଯୁବମୋର୍ଚ୍ଚା ସଭାପତି ଯଶୋବନ୍ତ ମହିମାଙ୍କ ସମେତ ବହୁ ବ୍ୟକ୍ତି ବିଶେଷ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସତ୍ୟ ନାରାୟଣ କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଆଦିବାସୀ ଛାତ୍ରାବାସର ଶିଳାନ୍ୟାସ

ଭୁବନ, ୧୭।୫ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ମହିଳା ଡିଗ୍ରୀ କଲେଜ ପରିସରରେ ଶନିବାର ୧୨୦ ଶଯ୍ୟା ବିଶିଷ୍ଟ ଆଦିବାସୀ ମହିଳା ଛାତ୍ରାବାସର ଶିଳାନ୍ୟାସ ହୋଇଛି । କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଖୁବଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ପୂର୍ତ୍ତ ବିଭାଗ ଅଧିକାରୀ ଓ ଠିକାଦାରଙ୍କୁ କହିଛନ୍ତି। ଏହି ଛାତ୍ରାବାସ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ପାଣ୍ଠିରୁ ବିନିଯୋଗ କରାଯାଉଛି। ଛାତ୍ରାବାସ ପାଇଁ ସରକାରଙ୍କ ପକ୍ଷରୁ ୨କୋଟି ୧୫ ଲକ୍ଷ ୪୪ ହଜାର ୪୪୪ ଟଙ୍କା ଅଟକଳ କରାଯାଇଥିବା ବେଳେ ୭ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ବିଭାଗ ପକ୍ଷରୁ ସମୟ ଧାର୍ଯ୍ୟ କରାଯାଇଛି। ଏହି ମହିଳା କଲେଜରେ ଢେଙ୍କାନାଳ ଓ ଯାଜପୁର ଜିଲାର ସର୍ବାଧିକ ପଛୁଆ ବର୍ଗର ଛାତ୍ରୀମାନେ ଅଧ୍ୟୟନ କରୁଛନ୍ତି। ଏପରିକି ଛାତ୍ରୀମାନଙ୍କ ରହିବା ପାଇଁ ଅନେକ ସମସ୍ୟା ଉପୁଜୁଛି। ଛାତ୍ରାବାସ ନିର୍ମାଣ ପରେ ଗରିବ ଅସହାୟ ଓ ମେଧାବୀ ଛାତ୍ରୀମାନଙ୍କ ସମସ୍ୟା ଦୂର ହୋଇପାରିବ ବୋଲି ଅନୁମାନ କରାଯାଉଛି। ଏହି ଶିଳାନ୍ୟାସ ଉତ୍ସବରେ କଲେଜ ଅଧ୍ୟକ୍ଷ ଦିଲିପ ଦାସ, ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀ ଅଚ୍ୟୁତ ମଲ୍ଲିକ, କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।


ଛାତ୍ରାବାସର ଶିଳାନ୍ୟାସ କରୁଛନ୍ତି ବିଧାୟକ।

# ଶିଳ୍ପୀଶ୍ରୀ ହରିଚନ୍ଦନ ପିସିସି ସମ୍ପାଦିକା

ଢେଙ୍କାନାଳ,୧୭।୫(ରତନ ନାୟାର)



ଢେଙ୍କାନାଳର କଂଗ୍ରେସ ନେତ୍ରୀ ଶିଳ୍ପୀଶ୍ରୀ ହରିଚନ୍ଦନ ପ୍ରଦେଶ କଂଗ୍ରେସ କମିଟିରେ ନୂତନ ସମ୍ପାଦିକା ଭାବେ ଶନିବାର ନିଯୁକ୍ତି ପାଇଛନ୍ତି । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପ୍ରସ୍ତାବ କ୍ରମେ ଶନିବାର ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ପ୍ରଦେଶ କଂଗ୍ରେସର ନୂତନ କମିଟି ଘୋଷଣା କରାଯାଇଛି। ଏଥିପୂର୍ବରୁ ମଧ୍ୟ ଶିଳ୍ପୀଶ୍ରୀ ପୂର୍ବ ପ୍ରଦେଶ କଂଗ୍ରେସ କମିଟିରେ ସମ୍ପାଦିକା ଭାବେ କାର୍ଯ୍ୟ କରିଥିଲେ। ଏହି ନିଯୁକ୍ତି ପାଇଁ ସେ ପିସିସି ସଭାପତି ଭକ୍ତ ଚରଣ ଦାସ, ଓଡିଶା ପ୍ରଭାରୀ ଅଜୟ କୁମାର ଲଲୁ ଓ ବରିଷ୍ଠ କଂଗ୍ରେସ ନେତା ମାନସ ଚୌଧୁରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିବା ଜଣାଇଛନ୍ତି।

# ରାଜସ୍ୱ ଅଧିକାରୀ ଓ କର୍ମଚାରୀଙ୍କ ପ୍ରଶିକ୍ଷଣ ଶିବିର

## ସାମଗ୍ରିକ ବିକାଶରେ ରାଜସ୍ୱ ହିଁ ମୁଖ୍ୟ ସ୍ରୋତ

ଢେଙ୍କାନାଳ,୧୭।୫(ରତନ ନାୟାର)



ଢେଙ୍କାନାଳ ପୁରୁଣା ଜିଲା ପରିଷଦ ସଭାଗୃହଠାରେ ରାଜସ୍ୱ ଅଧିକାରୀ ଓ କର୍ମଚାରୀ ମାନଙ୍କ ଶନିବାର ଓ ରବିବାର ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଛି । ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଶିବିରକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରି କହିଲେ ଯେ, ଏହି ପ୍ରଶିକ୍ଷଣ ଶିବିର ଯୋଗୁଁ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ନୂଆ ନୀତି ନିୟମର ବ୍ୟବହାରିକ ଜ୍ଞାନ ଆହରଣ କରି ରାଜସ୍ୱ ଅଧିକାରୀ ଓ କର୍ମଚାରୀମାନେ ସରକାରୀ କାର୍ଯ୍ୟ ଦକ୍ଷତାର ସହିତ ସଂପାଦନ କରିପାରିବେ ବୋଲି ଆଶାବ୍ୟକ୍ତ କରିଥିଲେ। ସାମଗ୍ରିକ ବିକାଶରେ ରାଜସ୍ୱ ହିଁ ମୂଖ୍ୟ ସ୍ରୋତ ବୋଲି ଜିଲାପାଳ କହିଥିଲେ। ରାଜସ୍ୱ ଅଧିକାରୀ ମାନେ ସବୁବେଳେ ସରକାରୀ ରୁଲ୍ସ ଏବଂ ରେଗୁଲେସନ୍ ସଂପର୍କରେ ଅବଗତ ହୋଇ ନିଜର ଦକ୍ଷତା ବୃଦ୍ଧି ସହିତ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଥିଲେ । ଏହି ଦୁଇ ଦିନିଆ ପ୍ରଶିକ୍ଷଣ ଶିବିରରେ ଅବସରପ୍ରାପ୍ତ ଆଇଏଏସ ଅଭୟ କୁମାର ନାୟକ ଏବଂ ଏସଆରସି ଅତିରିକ୍ତ ସଚିବ ସରୋଜ କୁମାର ସାହୁ ଉପସ୍ଥିତ ରହି ରାଜସ୍ୱ ଏବଂ ଜମି ଅଧିଗ୍ରହଣ ସଂପର୍କିତ ରୁଲ୍ସ ଓ ରେଗୁଲେସନ ଏବଂ ଏହାର କାର୍ଯ୍ୟକାରିତା ସଂପର୍କରେ ବିଭାଗୀୟ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ(ରାଜସ୍ୱ)ଲଳିତ ମୋହନ ବେହେରା ସ୍ୱାଗତ ଭାଷଣ ଦେଇ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଆୟୋଜନ ସଂପର୍କରେ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଉପ ଜିଲାପାଳ, ଡେପୁଟୀ କଲେକ୍ଟର, ଆସିଷ୍ଟାଂଟ କଲେକ୍ଟର, ତହସିଲଦାର, କନିଷ୍ଠ ଏବଂ ବରିଷ୍ଠ ରାଜସ୍ୱ ସହାୟକମାନେ ଯୋଗ ଦେଇଥିଲେ। ସଭାକାର୍ଯ୍ୟ ଶେଷରେ ଡେପୁଟି କଲେକ୍ଟର ସୌଦାମିନୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ରାଜସ୍ୱ ସହାୟିକା ଦେବଦର୍ଶିନୀ ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ଅଏଲ ପାମ୍ ସଚେତନତା, ତାଲିମ କାର୍ଯ୍ୟକ୍ରମ




କାମାକ୍ଷାନଗର, ୧୭।୫ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ପରିସରରେ ଶନିବାର ଅଏଲ ପାମ ଚାଷ ପାଇଁ ଏକ ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନ ସହକାରୀ କୃଷି ଅଧିକାରିଣୀ ମନୋରମା ମୁକୁଟଙ୍କ ସଂଯୋଜନା ଓ ଲିଭିପାମ ରିସର୍ଚ୍ଚ ପ୍ରାଇଭେଟ ଲିମିଟେଡ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଚିତ୍ତରଞ୍ଜନ ମଲ୍ଲିକ ମୁଖ୍ୟଅତିଥି ଓ ଓଡିଶା ଅଏଲ ପାମର ରାଜ୍ୟ ସଂଯୋଜକ ଜି. ରାମବାବୁ ଦୋରା ଅତିଥି ଭାବେ ଉପସ୍ଥିତ ରହି ଚାଷୀଙ୍କୁ ଅଏଲ ପାମ ଚାଷର ପ୍ରଣାଳୀ ସୁବିଧା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଏଥିରେ କାମାକ୍ଷାନଗରର ବିଭିନ୍ନ ବ୍ଲକରୁ ୪୦ ଜଣ ଚାଷୀ ଉପସ୍ଥିତ ରହି ତାଲିମ ଗ୍ରହଣ କରିଥିଲେ। କାମାକ୍ଷାନଗର ସହକାରୀ ଉଦ୍ୟାନ ଅଧିକାରୀ ଜଗମୋହନ ଦେବତା ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଙ୍କଡ଼ାହାଡ ସହକାରୀ ଉଦ୍ୟାନ ଅଧିକାରୀ ଅଳକା ନନ୍ଦା ସେଠୀ, ପରଜଙ୍ଗ ସହକାରୀ ଉଦ୍ୟାନ ଅଧିକାରୀ ଅମୀୟ କୁମାର ସାହୁ, ଓଭରସିଅର ମନୋଜ କୁମାର ଧଳ, ରାମକୃଷ୍ଣ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆର୍ଟ ଅଫ୍ ଗିଭିଙ୍ଗ୍ କାର୍ଯ୍ୟକ୍ରମ

## ପଡୋଶୀଙ୍କ ସହ ସୁସମ୍ପର୍କ ସ୍ଥାପନ ବାର୍ତ୍ତା ପ୍ରଦାନ

ଢେଙ୍କାନାଳ,୧୭।୫(ରତନ ନାୟାର)

ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲଠାରେ ଶନିବାର ସନ୍ଧ୍ୟାରେ ଆର୍ଟ ଅଫ୍ ଗିଭିଙ୍ଗର ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଡ. ପୁଷ୍ପଲତା ରଥ, ସମାଜସେବୀ ସୁକାନ୍ତ କୁମାର ମିଶ୍ର, ଶିକ୍ଷାବିତ୍ ଡ. ସମୀର କୁମାର ସାହୁ ଓ ଡ. ଦେବୀ ପ୍ରସାଦ ମିଶ୍ର, ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର ପ୍ରମୁଖ ଯୋଗଦେଇ ପଡୋଶୀଙ୍କ ସହ ସୁସମ୍ପର୍କ ସ୍ଥାପନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ସେହିଭଳି ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲା ଲେଖକ ସଂସଦ ସଭାପତି ବସନ୍ତ ପଟ୍ଟନାୟକ, ବରିଷ୍ଠ କବି ଓ ସାହିତ୍ୟିକ ବାହାଦୂର ପାଟ୍ଟସାହାଣୀ, ଥିଙ୍କର୍ସ ଫୋରମ୍‌ର ବରିଷ୍ଠ ସଦସ୍ୟ ସୁସିଲ କୁମାର ନନ୍ଦ, ସମାଜସେବୀ ଶୈଳବାଳା ମିଶ୍ର ଓ ଶେଷଦେବ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ କିଟ୍, କିସ୍, କିମ୍ସ ଓ କଳିଙ୍ଗ ଟିଭିର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ 'ପୁସ୍ତକ' ଆର୍ଟ ଅଫ୍ ଗିଭିଙ୍ଗ୍‌କୁ ଉନ୍ମୋଚିତ ହୋଇଥିଲା । ଆର୍ଟ ଅଫ ଗିଭିଙ୍ଗ ଓଡ଼ିଶା, ଭାରତ ସମେତ ବିଶ୍ୱର ୧୨୦ରୁ ଅଧିକ ଦେଶରେ ବାର୍ତ୍ତା ପହଞ୍ଚାଉଛି। ଚଳିତ ବର୍ଷ ଆର୍ଟ ଅଫ୍ ଗିଭିଙ୍ଗ୍ ବିଷୟ ବସ୍ତୁ ନେବରଗୁଡ୍ (ପଡୋଶୀଙ୍କ ସହ ସୁ-ସମ୍ପର୍କ ସ୍ଥାପନ କରିବା) ବାର୍ତ୍ତା ରହିଛି । ସେହିଭଳି ଶନିବାର ସକାଳେ ଗୋବିନ୍ଦପୁରସ୍ଥିତ ଦୟାନନ୍ଦ ଶର୍ଭିସ ମିଶନ ଶିଶୁଗୃହ, ଅନାଥ ଆଶ୍ରମ ଶିସୁଗୃହ, ବରିଷ୍ଠ ନାଗରିକ ଗୃହ, ଜରାଶ୍ରମ ଅନ୍ତେବାସୀ, ଶ୍ୟାମାଚରଣପୁରଠାରେ ଥିବା ଆଦୃତା ଶିଶୁ ଗୃହରେ ଅନ୍ତେବାସୀ ମାନଙ୍କୁ ନେଇ ଶ୍ରଦ୍ଧାର ସହ ଉପହାର ଦେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ କଳିଙ୍ଗ ଟିଭିର ଜିଲା ପ୍ରତିନିଧି ଅଥୟ କୁମାର ସାହୁ ପରିଚାଳନା କରିଥିଲେ ବେଳେ କିଟ୍‌ର ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନସ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିଳ୍ପ ତାଲିମ କେନ୍ଦ୍ରରେ ୧୮ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ


ଅତିଥିମାନଙ୍କ ସହିତ ନିଯୁକ୍ତି ପତ୍ର ପାଇଥିବା ପିଲାମାନେ।

କାମାକ୍ଷାନଗର,୧୭।୫ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଯନ୍ତାରୀବୋଲଠାରେ ଥିବା ସରକାରଙ୍କର ଶିଳ୍ପ ତାଲିମ କେନ୍ଦ୍ରରେ ଶନିବାର ୧୮ଜଣଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରାଯାଇଛି। ଏଠାରେ ତାଲିମ ନେଇଥିବା ୨୬ଜଣ ଛାତ୍ରମାନଙ୍କ ମଧ୍ୟରୁ ନିଯୁକ୍ତି ଦିଆଯାଇଛି। ଡାଇନୋଡଷ୍ଟ ଟେକ୍ ସଲ୍ୟୁସନ କମ୍ପାନୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ନିୟୋଜନ ଅଧିକାରିଣୀ କେ. ରୋଜା ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କାମାକ୍ଷାନଗର ବିଧାୟକ ଶତ୍ରୁଘନ ଜେନା ଯୋଗଦେଇ ନିଯୁକ୍ତିପତ୍ର ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ କାମାକ୍ଷାନଗର ବିଡ଼ିଓ ପ୍ରଭୁକଲ୍ୟାଣ ଦାସ, କାମାକ୍ଷାନଗର ବିକାଶ ପରିଷଦ ସଭାପତି ସଞ୍ଜୟ ରାଉତ, ବାଇସିଙ୍ଗା ସମିତି ସଭ୍ୟ ଜିତେନ୍ଦ୍ରିୟ ବିଶ୍ୱାଳ, ଶିଳ୍ପ ତାଲିମ କେନ୍ଦ୍ର ମ୍ୟାନେଜର ସତ୍ୟବ୍ରତ ମିଶ୍ର, କର୍ମ ସଂସ୍ଥାନ ସଂଯୋଜକ ହିମାଂଶୁ ଶେଖର ସାହୁ, ଟ୍ରେନର ଆର୍ଯ୍ୟନ ପାଣିଗ୍ରାହୀଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ ।

# ଏବିଭିପି ପକ୍ଷରୁ ବିଦ୍ୟାର୍ଥୀ ଅଭିନନ୍ଦନ

ଭୁବନ, ୧୭।୫ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏବିଭିପି ଶାଖା ପକ୍ଷରୁ ଶନିବାର ଭୁବନ ବ୍ଲକ ଓ ଏନଏସି ମଧ୍ୟରେ ଥିବା ସମସ୍ତ ଉଚ୍ଚ ବିଦ୍ୟାଳୟର ଚଳିତ ବର୍ଷ ୧୦ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଛି। ଭୁବନ ବ୍ଲକ ଓ ଏନଏସିର ୨୭ଟି ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେଥିରେ ଭୁବନ ଏନଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଗୁଣାତ୍ମକ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ଢେଙ୍କାନାଳ ଜିଲା ଏବିଭିପିର ସହ ଜିଲ୍ଲା ପ୍ରମୁଖ ଲଳିତ କୁମାର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂଗଠନର ଆଦର୍ଶ ଓ ଜ୍ଞାନ, ଚରିତ୍ର, ଏକତା କିପରି ଜଣେ ଛାତ୍ରୀଛାତ୍ରଙ୍କୁ ଆଗକୁ ଯିବାରେ ସହାୟକ ହୋଇଥାଏ ସେ ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ। ସେଥିରେ ଅଧ୍ୟାପିକା ଦିପ୍ତିମୟୀ ମହାନ୍ତି, ଜିଲା ସଂଯୋଜକ ଅରୂପ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣ କିପରି ବିକଶିତ ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ପୁରାତନ କାର୍ଯ୍ୟକର୍ତ୍ତା କମଳ ମହାରଣା ସଂଯୋଜନା କରିଥିବା ବେଳେ ଏବିଭିପିର ନଗର ସମ୍ପାଦକ ରୋହିତ କୁମାର ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।


ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟକୁ ନେଇ ଅଞ୍ଚଳବାସୀ ଆତଙ୍କିତ

## ଅଭିଯୋଗ ପଠାଇ ବିଦ୍ୟୁତ ବିଭାଗ ଜାଣି ଅଜଣା



ଢେଙ୍କାନାଳ,୧୭।୫(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳର ୭ନଂ ୱାର୍ଡ ଜୁବୁଲି ଟାଉନ ଅଞ୍ଚଳରେ ଆଜିକୁ ପ୍ରାୟ ୪ମାସ ହେବ ଏକ ବିଦ୍ୟୁତ ଖୁଣ୍ଟ ବିପଦସଙ୍କୁଳ ଭାବରେ ରହିଥିବାରୁ ବିଦ୍ୟୁତ ତାର ମଧ୍ୟ ଝୁଲିକି ରହିଛି । ଫଳରେ ଯେ କୌଣସି ମୁହୂର୍ତ୍ତରେ ଅଘଟଣ ଘଟିବାର ସମ୍ଭାବନା ସୃଷ୍ଟି କରିଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ହୋଇ ରହିଛନ୍ତି । ଅଂଚଳବାସୀଙ୍କ ପକ୍ଷରୁ ବାରମ୍ବାର ବିଦ୍ୟୁତ ବିଭାଗର ଦୃଷ୍ଟି ଆକର୍ଷଣ କରିବ ପରେ ମଧ୍ୟ ବିଦ୍ୟୁତ ବିଭାଗ ନିରବତା ଅବଲମ୍ବନ କରି ରହିବା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷକୁ ବୃଦ୍ଧି କରିଛି। ଏହାକୁ ଦେଖିଲେ ଢେଙ୍କାନାଳ ସହରରେ ବିଦ୍ୟୁତ ବ୍ୟବସ୍ଥା ଓ ସେବା କେତେ ସୁରକ୍ଷିତ ତାହା ସ୍ପଷ୍ଟ ଅନୁମେୟ। ବିଦ୍ୟୁତ ଖୁଣ୍ଟ ତଳୁ ମଧ୍ୟ କଂକ୍ରିଟ ଛାଡି ଯାଇଥିବାରୁ ଯେ କୌଣସି ମୁହୂର୍ତରେ ତାରସହ ତଳେ ପଡିବାର ସମ୍ଭାବନା ରହିଛି। ଫଳରେ ଏହି ବାଟଦେଇ ଯାନବାହାନ ଓ ବାଇକ ନେଇ ଯିବା ପାଇଁ ଲୋକମାନେ ସୁରକ୍ଷିତ ମଣୁନାହାନ୍ତି । ଏପରିକି ଛୋଟ ପିଲା ଓ ସ୍କୁଲ ଯାଉଥିବା ପିଲାମାନଙ୍କୁ ଏହି ବାଟରେ ଛାଡିବା ପାଇଁ ଅଭିଭାବକ ମାନେ ନିରାପଦ ମଣୁନାହାନ୍ତି। ଗତ କିଛିଦିନ ହେବ ଢେଙ୍କାନାଳରେ କାଳ ବୈଶାଖୀ ଲାଗି ରହିଥିବାରୁ ବିପଦ ସଙ୍କୁଳ ଖୁଂଟକୁ ନେଇ ଅଧିକ ବିପଦ ସମ୍ଭାବନା ସୃଷ୍ଟି ହୋଇଛି । ପ୍ରତିଦିନ ବିଦ୍ୟୁତ କର୍ମଚାରୀମାନେ ନିଜର ଗାଡିଧରି ଉକ୍ତ ଅଂଚଳ ଦେଇ ଯାଉଥିବା ବେଳେ ମଧ୍ୟ ଏଥିପ୍ରତି ଦୃଷ୍ଟି ନଦେବା ବିଦ୍ୟୁତ ବିଭାଗର କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ଉକ୍ତ ବିଦ୍ୟୁତ ଖୁଂଟକୁ ସ୍ଥାନାନ୍ତର କରାଯିବା ସହିତ ତାର ଗୁଡିକୁ ସୁରକ୍ଷିତ ଭାବେ ଟାଣିବା ପାଇଁ ଅଂଚଳବାସୀ ଦାବି କରିଛନ୍ତି । ଏପରିକି ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀ ନିବେଦନ କରିଛନ୍ତି । ଏ ସଂକ୍ରାନ୍ତରେ ବିଦ୍ୟୁତ ବିଭାଗ ଏସ୍‌ଡିଓ ନୀଳକଣ୍ଠ ସାହୁ କହିଛନ୍ତି, ରବିବାର ଘଟଣାସ୍ଥଳକୁ ଯାଇ ଦେଖିବା ପରେ ପଦକ୍ଷେପ ନେବୁ।

# ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ମହା ସମାବେଶ

## ଚାଷୀଙ୍କ ପାଇଁ ସରକାର ସମ୍ବେଦନଶୀଳ ହେବା ଉଚିତ

ଢେଙ୍କାନାଳ,୧୭।୫(ରତନ ନାୟାର)

ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜୟ ଯବାନ ଜୟ କିଷାନ ମହା ସମାବେଶ ଜିଲା ପ୍ରଭାରୀ ଅଶ୍ୱିନୀ କୁମାରଙ୍କ ନେତୃତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକ ବାରଦା ଛକ ମଙ୍ଗଳା ମନ୍ଦିରଠାରୁ ଏକ ବିଶାଳ ଶୋଭାଯାତରା ବାହାରି ଗେଙ୍ଗୁଟିଆ ଗ୍ରାମ ଶନି ମନ୍ଦିର ପ୍ରାଙ୍ଗଣରେ ନବନିର୍ମାଣ କୃଷକ ସଂଗଠନର ସଦସ୍ୟ ମାନେ ଏକତ୍ରିତ ହୋଇଥିଲେ। ସୀମାରେ ଯବାନ ମାନେ ଯୁଦ୍ଧ କରୁଥିବା ବେଳେ ଚାଷୀ ମାନେ ମଧ୍ୟ ଜମିରେ ଯୁଦ୍ଧ କରି ସାରା ଦେଶକୁ ଖାଦ୍ୟ ଯୋଗାଉଛନ୍ତି । କିନ୍ତୁ ସରକାର ଯବାନ ମାନଙ୍କ ପ୍ରତି ଯେତିକି ସମ୍ବେଦନଶୀଳ, ଚାଷୀଙ୍କ ପ୍ରତି ସେତିକି ସମ୍ବେଦନଶୀଳ ହେବା ଉଚିତ କହିଥିଲେ । ନବନିର୍ମାଣ କୃଷକ ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାର ଓ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ସମାବେଶରେ ଯୋଗଦେଇ ଚାଷୀଙ୍କୁ ସୁରକ୍ଷା ଭତା ଏବଂ ବୃଦ୍ଧ ବୃଦ୍ଧାଙ୍କ ବାର୍ଦ୍ଧକ୍ୟ ଭତା ୫୦୦୦ ଟଙ୍କା ଦେବା ପାଇଁ ଦାବୀ କରିବା ସହିତ ଚାଷୀ ମାନଙ୍କୁ ସଂଗଠିତ ହେବାପାଇଁ ଆହ୍ୱାନ ଦେଇଥିଲେ । ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତିକୁ କାର୍ଯ୍ୟକାରୀ କରି ପାରିଲେ ନାହିଁ । ସରକାର ପୁରୁଣା ବହିରେ ନୁଆ ମଲାଟ ଲଗେଇବା ବ୍ୟବସ୍ଥା କରୁଛନ୍ତି । କିନ୍ତୁ ଚାଷୀକୂଳର ଉଦ୍ଧାର ପାଇଁ ସ୍ଥାୟୀ ପ୍ରତିକାର କରିବା ପାଇଁ ସରକାରଙ୍କ ମନୋବୃତି ନାହିଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ସମାବେଶରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଉପକୁଳପତି ବିନାୟକ ରଥ, ସରୋଜ ଶତପଥୀ, ଡ. ତୁଷାରକାନ୍ତ ନାୟକ, ସ୍ମିତାରାଣୀ ସାମଲ, ଜିଲା ସଭାପତି ପ୍ରହଲ୍ଲାଦ ସାହୁ, ଆପ୍ ନେତା ପଙ୍କଜ ନାୟକ, ଶ୍ରୀଧର ରାଉତ, ରଘୁନାଥ ସିଂ, ବାସନ୍ତୀ ସ୍ୱାଇଁ, ଚନ୍ଦ୍ରଶେଖର ବରାଳ, ସମାଜସେବୀ ଅସତ୍ କୁମାର ରାଉତ ପ୍ରମୁଖ ବକ୍ତା ନିଜର ଅଭିଭାଷଣ ରଖିଥିଲେ । ଚନ୍ଦ୍ରଶେଖର ବରାଳ ଧନ୍ୟବାଦ ଦେଇଥିବା ବେଳେ ନୀଳମଣି ବରାଳ, କରୁଣାକର ମଲିକ, କୁମର ମଲିକ, ଅନିରୁଦ୍ଧ ସାହାଣୀ, କୃଷ୍ଣଚନ୍ଦ୍ର ସାହୁ, ଧରଣୀ ମଲିକ, ସୁରେଶ ମଲିକ, ଭୁବନ ଚାଷୀନେତା ରଥ ସେଠୀ, ହିନ୍ଦୋଳ ଚାଷୀନେତା ଦୁଷ୍ମନ୍ତ ଗଡନାୟକ୍, ଶ୍ରୀପତି ପ୍ରଧାନ, ଅନିତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।



# ଲୋକଙ୍କ କାମ କର ନଚେତ କାର୍ଯ୍ୟାନୁଷ୍ଠାନ




କିଶୋରନଗର ବ୍ଲକଠାରେ ସମୀକ୍ଷା ବୈଠକରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସମେତ ଅନ୍ୟ ଅଧିକାରୀମାନେ।



ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବୈଠକରେ ଅନ୍ୟ ଅଧିକାରୀମାନେ।

**ବଇଣ୍ଡା, ୧୭।୫ (ପରିକ୍ଷିତ ସାହୁ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)**

### କିଶୋରନଗର ବ୍ଲକରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସମୀକ୍ଷା

କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା ପ୍ରଚଳନ କରିଛନ୍ତି। ସେଗୁଡିକ କିଭଳି ଲୋକଙ୍କ ନିକଟରେ ପହଞ୍ଚିବ ତାହା ବ୍ଲକ ପ୍ରଶାସନର ଦାୟିତ୍ୱ। କିନ୍ତୁ କେତେକ ବ୍ଲକ ପ୍ରଶାସନ ପକ୍ଷରୁ ଏଥିରେ ଅବହେଳା କରାଯାଇଛି। ସମ୍ପୃକ୍ତ ଅଧିକାରୀମାନଙ୍କୁ ସରକାର ଚିହ୍ନଟ କରିଛନ୍ତି। ଯେଉଁମାନେ ଲୋକଙ୍କ କାମ ନ କରିବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନୁଗୋଳ ଜିଲା କିଶୋରନଗର ବ୍ଲକ ସଭାଗୃହ ପରିସରରେ ଶନିବାର ଅନୁଷ୍ଠିତ ବ୍ଲକ ପ୍ରଶାସନର ସମୀକ୍ଷା ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗଦେଇ ଏହି ଚେତାବନୀ ଦେଇଛନ୍ତି। ବ୍ଲକର ସମସ୍ତ ବିକାଶମୂଳକ ଯୋଜନା ସମ୍ପର୍କରେ ମନ୍ତ୍ରୀ ସମୀକ୍ଷା କରିଥିଲେ। ସରକାରଙ୍କ ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାରେ କିଭଳି ଗ୍ରାମାଞ୍ଚଳର ବିକାଶ ହୋଇପାରିବ ସେ ନେଇ ଅଧିକ ଧ୍ୟାନ ଦେବାକୁ ପ୍ରଶାସନିକ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପଞ୍ଚାୟତିରାଜ ବିଭାଗର ସବୁ ଯୋଜନା ଗାଁରେ କିପରି ପହଞ୍ଚିବ ସେଥିପାଇଁ ଅଧିକାରୀମାନେ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ପିଡି ଦେବଦତ୍ତ ମହନ୍ତ, କିଶୋରନଗର ବିଡିଓ ସୁବ୍ରତ ବେହେରା, ଆଠମଲ୍ଲିକ ଉପଜିଲାପାଳ ଉପେନ୍ଦ୍ର ଲୁହା, ଜଳ ଯୋଗାଣ ବିଭାଗ ନିର୍ବାହୀଯନ୍ତ୍ରୀ ସୁରେନ୍ଦ୍ର କୁମାର ବେହେରା, କିଶୋରନଗର ତହସିଲଦାର ବିକ୍ରମ ନାୟକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ସେହିପରି ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ସଭାଗୃହରେ ବ୍ଲକସ୍ତରୀୟ ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ନାଏକ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନାରେ ପ୍ରକୃତ ହିତାଧିକାରୀ ଚୟନ, ହିତାଧିକାରୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେବା, ପ୍ରତି ଗୃହକୁ ପାନୀୟ ଜଳ ଯୋଗାଇବା, ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳାରେ ପର୍ଯ୍ୟାୟକ୍ରମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀକୁ ସାମିଲ କରିବା, ବିଶେଷକରି ରାଶନକାର୍ଡ ହିତାଧିକାରୀ ଚୟନରେ ସ୍ୱଚ୍ଛତା ରଖିବା, କୃଷି ବିଭାଗ ଓ ଉଦ୍ୟାନ ବିଭାଗ ସରକାରଙ୍କ ଠାରୁ ମିଳୁଥିବା ଅନୁଦାନକୁ ଠିକ୍ ଢଙ୍ଗରେ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାନୀୟ ଜଳ ଯୋଗାଣ ବିଭାଗ ଅତିରିକ୍ତ ଚିଫ ଇଞ୍ଜିନିୟର ସୁରେନ୍ଦ୍ର ବେହେରା, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଉପଜିଲାପାଳ ଉପେନ୍ଦ୍ର ଲୁହା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟିଟୋସ ମହାନନ୍ଦିଆ, ଉପଖଣ୍ଡସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକରୀ ଯୋଗ ଦେଇଥିଲେ।

# ମହିଳାଙ୍କୁ ହତ୍ୟା, ପ୍ରେମିକ ଗିରଫ

**ଛେଣ୍ଡିପଦା,୧୭।୫(ଅଜିତ ଧଳ)**

ଅନୁଗୋଳ ଜିଲା ଜରପଡ଼ା ଥାନା ଅମାନ୍ତପୁର ଗ୍ରାମର ମହିଳା ଡଲି ନାଏକ(୨୮)ଙ୍କୁ ହତ୍ୟା କରାଯାଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଜରପଡ଼ା ଥାନାରେ ନମ୍ବର ୧୯୫/୨୫ରେ ଏକ ମାମଲା ରୁଜୁ କରିବା ସହ ଶୁକ୍ରବାର ମହିଳାଙ୍କ ପ୍ରେମିକ ଅମାନ୍ତପୁର ଗ୍ରାମର ଆଦିତ୍ୟ ନାଏକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ କହିଛି, ଦାମ୍ପତ୍ୟ କଳହରୁ ଡଲି ସ୍ୱାମୀ ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ସଞ୍ଜପଡ଼ା ଗ୍ରାମର ମନୋରଞ୍ଜନ ନାଏକଙ୍କ ନିକଟରେ ନ ରହି ୮ ବର୍ଷ ହେଲା ଝିଅକୁ ନେଇ ବାପଘରେ ରହୁଥିଲେ। ତେବେ ଅମାନ୍ତପୁର ଗ୍ରାମର ଆଦିତ୍ୟଙ୍କ ସହ ଡଲିଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହାକୁ ନେଇ ଆଦିତ୍ୟ ଓ ତାଙ୍କ ସ୍ତ୍ରୀ କାଜଲଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। କାଜଲ ଆଦିତ୍ୟଙ୍କୁ ଛାଡି ଅଲଗା ରହିଥିଲେ। ଆଦିତ୍ୟ ଅନୁଗୋଳର ଏକ ଲୁଗା ଦୋକାନରେ ଡଲିଙ୍କୁ ସେଲସ୍‌ମ୍ୟାନ ଭାବେ ରଖାଇଥିଲେ। ଡଲିଙ୍କ ମାସିକ ଦରମାରୁ କିଛି ଟଙ୍କା ନେଇ ଆଦିତ୍ୟ ଚଳୁଥିଲେ। ଗତ ୧୩ ତାରିଖରେ ଆଦିତ୍ୟଙ୍କ ମା' ନୟନୀ ନାଏକ ଡଲିଙ୍କୁ ଘରକୁ ଡକାଇଥିଲେ। ଡଲି ଆଦିତ୍ୟଙ୍କ ଘରେ ୨ଦିନ ଉଭୟ ରହିଥିଲେ। ଏହି ସମୟରେ ଆଦିତ୍ୟ ଖର୍ଚ୍ଚ ପାଇଁ ଡଲିଙ୍କୁ ଟଙ୍କା ମାଗିଥିଲେ। ଡଲି ୨୦ ହଜାର ଟଙ୍କା ଦେଇଥିଲେ। ଅଧିକ ଟଙ୍କା ମାଗିବାରୁ ୧୫ ତାରିଖରେ ଡଲି ମୋବାଇଲ ଲୁଚାଇବା ଓ ଟଙ୍କା ନ ଦେବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଆଦିତ୍ୟ ଡଲିଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ। ଏହାପରେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ଡଲିଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଡଲିଙ୍କ ଭଉଣୀ ମଲ୍ଲି ସାମଲ ଜରପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତ ଆଦିତ୍ୟଙ୍କୁ ଗିରଫ କରିଥିଲା।

# ଅନୁମତିକୁ ଅପେକ୍ଷା, ଅଧାରେ ଅଟକିଛି ରାସ୍ତା କାମ


**ପାଲଲହଡ଼ା,୧୭।୫(ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡର ନଗିରା ଓ ବରଡିହ ପଞ୍ଚାୟତବାସୀ ଅନେକ ମୌଳିକ ସୁବିଧାରୁ ବଞ୍ଚିତ ଥିବାବେଳେ ଖଡ଼କା କୁମ୍ଭାରମାଟି ଭାୟା ସଲେଇ ବରୁଣଡିହ ପର୍ଯ୍ୟନ୍ତ ୨୭ କିଲୋମିଟରି ରାସ୍ତା ନିର୍ମାଣ ଅଧାରେ ଅଟକିରହିଛି। ଏହି ରାସ୍ତା ପାଇଁ ୩୭ କୋଟି ୩୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଏହା ନିର୍ମାଣ ହେଲେ ଉପରୋକ୍ତ ୨ଟି ପଞ୍ଚାୟତର ପ୍ରାୟ ୧୩ଟି ଗ୍ରାମର ୫୦୦୦ରୁ ଅଧିକ ଲୋକ ସିଧାସଳଖ ଉପକୃତ ହେବା। ଆମ୍ବୁଲାନ୍ସ ସେବାଠାରୁ ଆମ ବସ୍ ପର୍ଯ୍ୟନ୍ତ ସମସ୍ତ ସରକାରୀ ସୁବିଧା ଲୋକଙ୍କ ପାଖରେ ପହଁଞ୍ଚିପାରିବ। ଏଥିପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ଏକ ଠିକା ସଂସ୍ଥାକୁ ଦାୟିତ୍ୱ ନିଆଯାଇଥିଲା। ଚୁକ୍ତି ମୁତାବକ ଠିକାସଂସ୍ଥା ଏହି ୨୭ କିଲୋମିଟର ରାସ୍ତାରେ ବର୍ତ୍ତମାନ ସୁଦ୍ଧା ୨୫ଟି କଲଭର୍ଟ ନିର୍ମାଣ ଶେଷ କରିଛି। କିନ୍ତୁ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ଜଙ୍ଗଲ ବିଭାଗର ଅନୁମତି ମିଳୁ ନ ଥିବାରୁ ପାଲଲହଡା ବନ ବିଭାଗ ପକ୍ଷରୁ କାର୍ଯ୍ୟ ବନ୍ଦ କରାଯାଇଥିଲା। ଆଗକୁ ବର୍ଷାଋତୁ ଆସିବାକୁଥିବାରୁ ଯଦି କାର୍ଯ୍ୟ ଶୀଘ୍ର ଶେଷ କରା ନ ଯାଏ ପୁଣି ଆଗାମୀ ୬ ମାସ ପର୍ଯ୍ୟନ୍ତ ଅଞ୍ଚଳବାସୀ ସମଦଶା ଭୋଗ କରିବେ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀ କହିଛନ୍ତି, ଜଙ୍ଗଲ ବିଭାଗ ସହ ବୈଠକ କରାଯାଇଛି। ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ତ୍ରିପାଠୀ କହିଛନ୍ତି, କାମ ୨୭ କିଲୋମିଟର ଥିବାବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ଅଧପନ୍ତରିଆ ଭାବେ ଅନୁମତି ମଗାଯାଉଛି। ତେଣୁ ଏଥିରେ ବିଳମ୍ବ ହେଉଛି।

# ପୋର୍ଟଫୋଲିଓ ଜଷ୍ଟିସ ଭି. ନରସିଂଘାଙ୍କୁ ସମ୍ବର୍ଦ୍ଧନା

**ଅନୁଗୋଳ,୧୭।୫(ମାନସ ବିଶ୍ୱାଳ)**

ଅନୁଗୋଳ ଓକିଲ ସଂଘ ପକ୍ଷରୁ ଶନିବାର ଜିଲା କୋର୍ଟସ୍ଥିତ ସଭାଗୃହଠାରେ ପୋର୍ଟଫୋଲିଓ ଜଷ୍ଟିସ ଭି. ନରସିଂଘାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଓକିଲ ସଂଘ ସଭାପତି ହିମାଂଶୁ ଭୂଷଣ ସାମଲ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଜଷ୍ଟିସ ନରସିଂଘାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜଷ୍ଟିସ ନରସିଂଘାଙ୍କ ସହିତ ହାଇକୋର୍ଟର ରେଜିଷ୍ଟ୍ରର (ସାଧାରଣ) ରାଧାକାନ୍ତ ପଟ୍ଟନାୟକ ଓ ଅନୁଗୋଳ ଜିଲାଜଜ୍ ଦାମୋଦର ରଥ ମଞ୍ଚାସୀନ ଥିଲେ। ଏହି ସଭାରେ ଓକିଲ ସଂଘ ସଭାପତି ସାମଲ ଜଷ୍ଟିସ ନରସିଂଘାଙ୍କୁ କୋର୍ଟ ପରିସରରେ ଏକ କ୍ୟାଣ୍ଟିନ ଗୃହ ନିର୍ମାଣ, କମର୍ସିଆଲ କୋର୍ଟ ଓ ଅନ୍ୟାନ୍ୟ ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜଷ୍ଟିସ ନରସିଂଘା ଏହାକୁ ଅତିଶୀଘ୍ର ପୂରଣ କରିବାକୁ ସହମତି ପ୍ରକାଶ କରିଥିଲେ।



କାର୍ଯ୍ୟକ୍ରମରେ ଜଷ୍ଟିସ ନରସିଂଘାଙ୍କ ସମେତ ଅନୁଗୋଳ ଓକିଲ ସଂଘର କର୍ମକର୍ତ୍ତାମାନେ।

ଓକିଲ ସଂଘ ପକ୍ଷରୁ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସଭାପତି ପ୍ରତାପ ନାଏକ, ସାଧାରଣ ସମ୍ପାଦକ ଧ୍ରୁବ ଚରଣ ସାହୁ, ସହସମ୍ପାଦକ ନରୋତ୍ତମ ନାୟକ, ସାଂସ୍କୃତିକ ସମ୍ପାଦକ ଜ୍ୟୋତ୍ସ୍ନାମୟୀ ସାହୁ, କୋଷାଧକ୍ଷ ପ୍ରଦୀପ ସେଠୀ, ବରିଷ୍ଠ ଆଇନଜୀବୀ ଭାସ୍କର ବେହେରା, ବସନ୍ତ ଦାସ, ସୁବାସ ସାହୁ, ରବୀନ୍ଦ୍ର ପଟ୍ଟନାୟକ, ଉଦୟ ଶଙ୍କର ମିଶ୍ର, ଦ୍ୱାରିକା ପ୍ରସାଦ ନନ୍ଦ, ହେମନ୍ତ ସାହୁ, ରମେଶ ସାହୁ, ଗୋପାଳ ନାଥ, ପ୍ରଦୀପ ପଣ୍ଡା, ଅର୍ଜୁନ ମୁଦୁଲି, ବିଜୟ ମହାରଣା, ବିପିନ ସାହୁ, ରଞ୍ଜନ ପାତ୍ର, ଅଶୋକ ପଟ୍ଟନାୟକ, ପାର୍ଥ ସାରଥୀ ପ୍ରଧାନ, ସୁନୀଲ ସାହୁ, କୁଶ ସାହୁ, ଅରବିନ୍ଦ ମିଶ୍ର, ସଞ୍ଜୟ ମହାପାତ୍ର, ପଦ୍ମ ଚରଣ ପ୍ରଧାନ, ସରିତା ରାଣୀ ମିଶ୍ରଙ୍କ ସମେତ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଶ୍ରମିକଙ୍କ ମୃତ୍ୟୁ

**ସନ୍ତ୍ରିଛକ,୧୭।୫(ସନ୍ତୋଷ ପରିଡ଼ା)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ କଂସରା ପଞ୍ଚାୟତ ଗୁଡ଼ିସାହି ଗ୍ରାମ ନିକଟରେ ଏକ ସ୍କର୍ପିଓ ସହ ବାଇକ୍ ଧକ୍କା ହେବାରୁ ଅନୁଗୋଳ ଜିଲା ବେଡାଶାସନ ପଞ୍ଚାୟତ ଖିଣ୍ଡା ଗୋବିନ୍ଦପୁର ଗ୍ରାମର ଶ୍ରୀକାନ୍ତ ନାଏକ(୨୫)ଙ୍କ ମୃତ୍ୟୁ ହୋଇଛି। ସୂଚନା ମୁତାବକ, ଶ୍ରୀକାନ୍ତ ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ସେ କାମକରି ବାଇକ୍‌ରେ ଘରକୁ ଫେରୁଥିଲାବେଳେ ବିପରୀତ ଦିଗରୁ ଆସୁଥିବା ଏକ ସ୍କର୍ପିଓ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଶ୍ରୀକାନ୍ତ ଛିଟିକି ପଡ଼ିଥିଲେ । ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ହିନ୍ଦୋଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଦୁର୍ଘଟଣା ଘଟାଇଥିବା ସ୍କର୍ପିଓ ଚାଳକ ଫେରାର୍ ଥିବା ସୂଚନା ମିଳିଛି। ପୋଲିସ ଗାଡ଼ି ୨ ଟିକୁ ଜବତ କରିଛି।

# ମଣ୍ଡଳ, ପଞ୍ଚାୟତରେ ହେବ ପରାକ୍ରମ ଶୋଭାଯାତ୍ରା



ବୈଠକରେ ଭାଜପା କର୍ମକର୍ତ୍ତାମାନେ।

**ଅନୁଗୋଳ,୧୭।୫(ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲା ସଭାପତି ଯଯାତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅପରେଶନ ସିନ୍ଦୂରରେ ଭାରତୀୟ ସେନାର ବୀରତ୍ୱକୁ ନେଇ ସମଗ୍ର ଦେଶରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହେଉଛି। ଅନୁଗୋଳ ଜିଲାରେ ସମସ୍ତ ବିଧାନସଭା, ମଣ୍ଡଳ ଓ ପଞ୍ଚାୟତରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏଥିରେ ଦଳମତ ନିର୍ବିଶେଷରେ ସମସ୍ତ ଭାରତୀୟ ଯୋଗଦେବାକୁ ଆହ୍ୱାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ବିସ୍ତୃତ ଭାବେ ପାଳନ କରିବା ଉପରେ ବୈଠକରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଏଥିସହ ଅନୁଗୋଳରେ ହେବାକୁ ଥିବା ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ଜିଲା ମୁଖ୍ୟାଳୟରେ ଅନୁଷ୍ଠିତ ହେବ। ଏଥିରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେବେ। ଜିଲାର ସମସ୍ତ କୃଷକ ଏଥିରେ ଯୋଗଦେବାକୁ ଅନୁରୋଧ କରାଯାଇଛି। କୃଷକମାନଙ୍କ ହିତରେ ଡବଲ ଇଞ୍ଜିନ ସରକାର କାର୍ଯ୍ୟ କରୁଛି। ଭାଜପା ନିର୍ବାଚନ ସମୟରେ ସଂକଳ୍ପ ପତ୍ରରେ ଚାଷୀଙ୍କ ଆୟ ଦୁଇଗୁଣିତ କରିବା ପାଇଁ ଯେଉଁ ପ୍ରତିଶ୍ରୁତି ଦେଇଥିଲା ଆଜି ଧାନରେ ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା କରି ତାହା ପ୍ରମାଣିତ କରାଯାଇଛି। ଏହି ବୈଠକରେ ଜିଲା ସଭାପତିଙ୍କ ସହ ପ୍ରାକ୍ତନ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, କୃଷକ ମୋର୍ଚ୍ଚା ଜିଲା ସଭାପତି ବିଜୟ ମାଝୀ, ଦିଲୀପ ପ୍ରଧାନ, ଚୌଧୁରୀ ପ୍ରଧାନ, ଜଗନ୍ନାଥ ଗଡ଼ନାୟକ, ଦିଲୀପ ଦାସ, ପ୍ରକାଶ ମହାରଣା, ଅକ୍ଷୟ ପାଦ ବେହେରା, ପ୍ରତ୍ୟୁଷ ପଣ୍ଡାଙ୍କ ସମେତ ବହୁ ପଦାଧିକାରୀ ଯୋଗ ଦେଇଥିଲେ।

# କୂଅକୁ ଖସିପଡ଼ିଥିବା ମହିଳା ଉଦ୍ଧାର

**ବଇଣ୍ଡା,୧୭।୫(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା କଣ୍ଟେଇକୋଳିଆ ଗ୍ରାମର ଗୁଲି ପ୍ରଧାନ (୩୫) ଶନିବାର ଏକ ଖୋଲା କୂଅ ଭିତରକୁ ଖସି ପଡ଼ିବାରୁ ଗୁରୁତର ହୋଇଥିଲେ। ତାଙ୍କୁ ବାମୁର ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରିବା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଗୁଲି ପୂର୍ବାହ୍ନରେ ପାଣି ଆଣିବା ପାଇଁ ଗ୍ରାମରେ ଥିବା କୂଅକୁ ଯାଇଥିଲେ। ଦଉଡ଼ି ସାହାଯ୍ୟରେ ପାଣି ଉଠାଉଥିବା ବେଳେ ଅଚାନକ କୂଅ ଭିତରକୁ ଖସି ପଡ଼ିଥିଲେ। ଅଞ୍ଚଳବାସୀ ତାଙ୍କୁ ଉଦ୍ଧାର ପାଇଁ ବାମୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ।

# ଶିକାରୀ ଗିରଫ, ବନ୍ଧୁକ ଜବତ




**ବଇଣ୍ଡା,୧୭।୫(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ବନ ବିଭାଗ ପକ୍ଷରୁ ହଣ୍ଡପା ଜଙ୍ଗଲରେ ଶନିବାର ଚଢ଼ାଉ କରାଯାଇ ଜଣେ ଶିକାରୀଙ୍କୁ ଗିରଫ କରାଯାଇଛି। ତାଙ୍କ ନାମ ବିରଞ୍ଚି ବେହେରା (୪୦) ଓ ଘର ମଧପୁର ଗ୍ରାମରେ। ତାଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ ସହ ଟାଙ୍ଗିଆ, ଛୁରି ଜବତ କରାଯାଇଛି। ବନ ବିଭାଗ ପକ୍ଷରୁ କୁହାଯାଇଛି, ବିରଞ୍ଚି ଏକ ବନ୍ଧୁକ ଧରି ହଣ୍ଡପା ଜଙ୍ଗଲରେ ଶିକାର କରିବା ପାଇଁ ବୁଲୁଥିଲେ। ଖବରପାଇ ଫରେଷ୍ଟର ସୁବ୍ରତ ଶତପଥୀ, ଗଜେନ୍ଦ୍ର ବେହେରା, ମହାବାହୁ ଛତ୍ରିଆ, ଚଢ଼ାଉ କରି ଶିକାରୀଙ୍କୁ ଗିରଫ କରିବା ସହ ବନ୍ଧୁକ ଜବତ କରିଛନ୍ତି।

# ବିଶ୍ୱଜିତ ନାଏକ ହତ୍ୟା ମାମଲା: ଦ୍ୱିତୀୟ ଅଭିଯୁକ୍ତ ଗିରଫ

**ତାଳଚେର,୧୭।୫(ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର ବ୍ଲକ କଳିୟାରୀ ଥାନା ଲାଙ୍ଗିଯୋଡ଼ା ଗ୍ରାମର ବିଶ୍ୱଜିତ ନାଏକ (୨୫)ଙ୍କୁ ଗତ ୨୭ ତାରିଖରେ ତାଳଚେର ଥାନା ଶିବରାମପୁର ଗ୍ରାମ ନିକଟ ରାସ୍ତାରେ ଶୁଆଇ ଟ୍ରକ୍ ଚଢ଼ାଇ ହତ୍ୟା କରାଯାଇଥିଲା। ଏହି ମାମଲାରେ ଦ୍ୱିତୀୟ ଅଭିଯୁକ୍ତ ବିକ୍ରମପୁର ଥାନା ଗୋବରା ଗ୍ରାମ ମଝିଡ଼ିପ ସାହିର ସତ୍ୟପ୍ରକାଶ ନାଏକଙ୍କୁ ତାଳଚେର ପୋଲିସ ଶନିବାର ଗିରଫ କରିଛି। ପୂର୍ବରୁ ପୋଲିସ ଅନ୍ୟ ଜଣେ ଅଭିଯୁକ୍ତ ବଁଅରପାଳ ଥାନା ଶାଳଗାଡ଼ିଆ ଗ୍ରାମର ଆନନ୍ଦ ନାଏକଙ୍କୁ ଗିରଫ କରିଥିବା ବେଳେ ଆଉ ୩ ଅଭିଯୁକ୍ତ ଫେରାର ରହିଛନ୍ତି। ତାଳଚେର ପୋଲିସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଭରତ ସାହୁ ଏ ନେଇ ସୂଚନା ଦେଇଛନ୍ତି। ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ କହିଛନ୍ତି, ପ୍ରେମ ସମ୍ପର୍କକୁ କେନ୍ଦ୍ରକରି ଅଭିଯୁକ୍ତ ଆନନ୍ଦ ଓ ସତ୍ୟପ୍ରକାଶଙ୍କ ସହିତ ବିଶ୍ୱଜିତଙ୍କ ପୂର୍ବ ଶତ୍ରୁତା ଥିଲା। ତେଣୁ ଆନନ୍ଦ ଓ ସତ୍ୟପ୍ରକାଶ ମିଶି ବିଶ୍ୱଜିତଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ସେମାନେ ଏପ୍ରିଲ ୨୭ ତାରିଖରେ ବିଶ୍ୱଜିତଙ୍କୁ ଫୋନ କରି ଦେଉଳବେଡ଼ା ଗ୍ରୀନ ଗ୍ରାସ୍ ଷ୍ଟାଡିୟମ ପାଖକୁ ଡାକିଥିଲେ। ସେଠାରୁ ଅନ୍ୟ ଜଣେ ଅଭିଯୁକ୍ତଙ୍କ ସହ ସେମାନେ ବିଶ୍ୱଜିତ ଓ ତାଙ୍କ ସ୍କୁଟିକୁ ନେଇ ଏକଡାଳ ଯାଇଥିଲେ। ଆଉ ୨ ଅଭିଯୁକ୍ତ ସେଠାରେ ପହଞ୍ଚିବା ପରେ ସମସ୍ତ ୫ ଜଣ ମିଶି ସନ୍ଧ୍ୟାରେ ବିଶ୍ୱଜିତଙ୍କୁ ଶିବରାମପୁର ଗ୍ରାମ ପାଖକୁ ନେଇ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଏକ କୋଇଲା ବୋଝେଇ ଟ୍ରକ୍ ପଛ ଚକା ତଳେ ଶୁଆଇ ଚାଳକଙ୍କୁ ଧମକ ଦେଇ ଗାଡ଼ି ନେଇ ପଳାଇବାକୁ କହିଥିଲେ। ଫଳରେ ଟ୍ରକ୍‌ର ପଛ ଚକା ବିଶ୍ୱଜିତଙ୍କ ଉପରେ ଚଢ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ଅଭିଯୁକ୍ତମାନେ ଏହାକୁ ଦୁର୍ଘଟଣା ରୂପ ଦେବାକୁ ରାସ୍ତାକଡ଼ ନାଳ ଭିତରକୁ ବିଶ୍ୱଜିତଙ୍କ ମୃତଦେହ ସହ ସ୍କୁଟି ଫୋପାଡ଼ି ଦେଇଥିଲେ। ଅନ୍ୟପକ୍ଷରେ ବିଶ୍ୱଜିତଙ୍କ ବାପା ବିମଳ ନାଏକ ପ୍ରଥମେ କୋଳିୟରୀ ଥାନାରେ ପୁଅ ନିଖୋଜ ଥିବା ଅଭିଯୋଗ କରିଥିଲେ। ତେବେ ବିଶ୍ୱଜିତଙ୍କ ମୃତଦେହ ମିଳିବା ପରେ ଏ ନେଇ ତାଳଚେର ଥାନାରେ ବିମଳ ଅଭିଯୋଗ କରିଥିଲେ। ତାଳଚେର ଆଇଆଇସି ଦିଗବିଜୟ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ବ୍ୟାପକ ତଦନ୍ତ ପରେ ପ୍ରଥମେ ଆନନ୍ଦ ଓ ପରେ ସତ୍ୟପ୍ରକାଶଙ୍କୁ ଗିରଫ କରାଯାଇଛି।



# ପାପସରାରେ ଚନ୍ଦନ ଯାତ୍ରା ପାଳିତ

**ବଇଣ୍ଡା,୧୭।୫(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତ ପାପସରା ଗ୍ରାମରେ ଶୁକ୍ରବାର ପବିତ୍ର ଚନ୍ଦନ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଯାତ୍ରା କମିଟି ପକ୍ଷରୁ ରାଧାକୃଷ୍ଣ ମନ୍ଦିରରୁ ପ୍ରଭୁଙ୍କୁ ଏକ ବିମାନରେ ଶୋଭାଯାତ୍ରାରେ ଅଣାଯାଇ ପ୍ରଥମେ ଗ୍ରାମ ପରିକ୍ରମା କରାଯାଇଥିଲା। ଏହାପରେ ଯାତ୍ରା ପଡ଼ିଆକୁ ନିଆଯାଇଥିଲା। ସେଠାରେ ମନ୍ଦିର ପୂଜକ ନୀତି ନିୟମ ଅନୁସାରେ ପୂଜା କରିଥିଲେ। ପରେ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଚାପ ଖେଳିବା ପାଇଁ ସ୍ଥାନୀୟ ପୋଖରୀକୁ ନିଆଯାଇଥିଲା। ଶୋଭାଯାତ୍ରାରେ ଲଉଡ଼ି ଖେଳ, ଘୋଡ଼ାନାଚ, ଘଣ୍ଟବାଦ୍ୟ ସହ ନୃତ୍ୟର ତାଳେତାଳେ ପ୍ରଭୁଙ୍କୁ ନଗର ପରିକ୍ରମା କରାଯାଇଥିଲା।



ଚନ୍ଦନଯାତ୍ରା ଅବସରରେ ଶୋଭାଯାତ୍ରା।

ପୋଖରୀରେ ପ୍ରଭୁଙ୍କୁ ନୌକା ବିହାର କରାଯାଇଥିଲା। ବିଭିନ୍ନ ପ୍ରକାରର ଆତସବାଜି ପ୍ରଦର୍ଶନ ଓ ଅପେରା ପରିବେଷଣ କରାଯାଇଥିଲା। ଗ୍ରାମର ପ୍ରସନ୍ନ କୁମାର ସାହୁ, ଦିବ୍ୟଲୋଚନ ସାହୁ, ଆନୁକୂଲ୍ୟ ବେହେରା, ଅଭୟ କୁମାର ପ୍ରଧାନ, ବିରେନ କୁମାର ସାହୁ, ବୁଦ୍ଧଦେବ ପ୍ରଧାନ, ଅଜୟ କୁମାର ପ୍ରଧାନ, ବାବୁଲି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ବଇଣ୍ଡା ଚନ୍ଦନ ଯାତ୍ରା ଆଜି

**ବଇଣ୍ଡା,୧୭।୫(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ପ୍ରସିଦ୍ଧ ବଇଣ୍ଡା ଚନ୍ଦନ ଯାତ୍ରା ରବିବାର ଅନୁଷ୍ଠିତ ହେବ। ଏ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବିଶେଷକରି, ବଇଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ଏହି ଯାତ୍ରା କରାଯାଉଥିବାରୁ ଯାତ୍ରା ପଡ଼ିଆକୁ ବ୍ୟାପକ ସାଜସଜ୍ଜା କରାଯାଇଛି। ଜନ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ବାଇପାସ୍‌ରେ ରାତି ୧୨ଟା ପରେ ଗାଡ଼ି ଛଡ଼ାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଚନ୍ଦନନଗରଠାରୁ ମେଡିକାଲ ପର୍ଯ୍ୟନ୍ତ ଆଲୋକୀକରଣ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୋଲିସ ମୁତୟନ କରାଯିବା ପାଇଁ ବ୍ୟବସ୍ଥା ହୋଇଛି। ଲୋକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମେଲୋଡି କାର୍ଯ୍ୟକ୍ରମ ରହିଛି। ଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ସଭାପତି ଜିତେନ୍ଦ୍ର ବେହେରା ଅନୁରୋଧ କରିଛନ୍ତି।

# କିଆଫୁଲ ତୋଳାକୁ ନେଇ ୨ଗାଁ ମଧ୍ୟରେ ସଂଘର୍ଷ

## ଆକ୍ରମଣ ପ୍ରତି ଆକ୍ରମଣରେ ୧୦ରୁ ଉର୍ଦ୍ଧ୍ୱ ଆହତ, ୧୭ ଗିରଫ



ଛତ୍ରପୁର,୧୭।୫(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଥାନା ଅନ୍ତର୍ଗତ ଯଜ୍ଞଶାଳ ଗ୍ରାମ ନିକଟ ଏକ ବିବାଦୀୟ ଜମିରୁ ଶନିବାର କିଆଫୁଲ ତୋଳିବାକୁ ନେଇ ୨ଗାଁ ମଧ୍ୟରେ ସଂଘର୍ଷ ହୋଇଛି। ସିନ୍ଦୁରାପିଲ୍ଲୀ ଓ ଯଜ୍ଞଶାଳ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ଆକ୍ରମଣ ପ୍ରତିଆକ୍ରମଣରେ ଉଭୟ ପକ୍ଷର ୧୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଉଭୟ ପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରାଯାଇ ପ୍ରାଥମିକ ପର୍ଯ୍ୟାୟରେ ୧୭ ଜଣଙ୍କୁ ଗିରଫ କରାଯାଇଛି। ଗଣ୍ଡଗୋଳରେ ଆଉ କେହି ସମ୍ପୃକ୍ତ ଥିଲେ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇ କହିଛନ୍ତି।

ଦୀର୍ଘଦିନ ହେଲା କିଆତୋଟାକୁ ନେଇ ସିନ୍ଦୁରାପିଲ୍ଲୀ ଓ ଯଜ୍ଞଶାଳ ଗ୍ରାମର ୨ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ଶନିବାର କିଆଫୁଲ ତୋଳାକୁ କେନ୍ଦ୍ର କରି ଯୁକ୍ତିତର୍କ ହୋଇଥିଲା। ପରେ ଏହା ଉଗ୍ରରୂପ ନେଇ ଠେଙ୍ଗା ଓ ଖଣ୍ଡା ବୁଲିଥିଲା। ଖବରପାଇ ଚମାଖଣ୍ଡି ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ସିନ୍ଦୁରାପିଲ୍ଲୀର ପିଣ୍ଟୁ ନାୟକ ଥାନାରେ ଅଭିଯୋଗ କରିଛନ୍ତି ଯେ, ଯଜ୍ଞଶାଳରେ ଆମ ଜାଗାରେ ଥିବା କିଆଗଛରୁ ଫୁଲ ତୋଳିବା ବେଳେ ସେଠାର କେତେଜଣ ଆସି ଆକ୍ରମଣ କରିଥିଲେ। ସେହିପରି ଯଜ୍ଞଶାଳର କେତେଜଣ ମଧ୍ୟ ଥାନାରେ ଅନୁରୂପ ଅଭିଯୋଗ କରିଛନ୍ତି। ଉଭୟ ପକ୍ଷରୁ ଦିଆଯାଇଥିବା ଏତଲାକୁ ଭିତ୍ତି କରି ପୋଲିସ ୨ ମାମଲା (ନଂ.୨୦୯ ଓ ୨୧୧/୨୫) ରୁଜୁ କରିଥିବା ଚମାଖଣ୍ଡି ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ କହିଛନ୍ତି। ଉଭୟ ପକ୍ଷ ଉକ୍ତ କିଆତୋଟା ସେମାନଙ୍କର ବୋଲି ଦାବି କରୁଛନ୍ତି। ପ୍ରକୃତରେ କାହାର ଉକ୍ତ ଜମି ସେ ସମ୍ପର୍କରେ ଜାଣିବା ପାଇଁ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଏସ୍‌ଡିପିଓ ଘଡେଇ କହିଛନ୍ତି ।

# ନର୍ସଙ୍କୁ ବଦଳି, ମାଟ୍ରନ୍‌ଙ୍କୁ କାର୍ଯ୍ୟରୁ ଅନ୍ତର

## ଷ୍ଟାଫ୍‌ନର୍ସ ଟ୍ରେନ୍ ଆଗକୁ ଡେଇଁବା ଘଟଣା

ଭଦ୍ରକ,୧୭।୫(ସନାତନ ରାଉତ)

ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ଲାକ୍‌ମେଲ୍ ଯୋଗୁ ଜଣେ ଷ୍ଟାଫନର୍ସ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣାରେ ପ୍ରାଥମିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଷ୍ଟାଫନର୍ସଙ୍କୁ ବ୍ଲାକମେଲିଂ କରିଥିବା ନର୍ସ କୁସୁମ ପାଢ଼ୀଙ୍କୁ ଶନିବାର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବଦଳି କରିଥିବା ବେଳେ ମାଟ୍ରନ୍ ସୌଦାମିନୀ ଦାସଙ୍କୁ କାର୍ଯ୍ୟରୁ ଅନ୍ତର କରିଛନ୍ତି। ପ୍ରକାଶ ଯେ, ଷ୍ଟାଫନର୍ସଙ୍କୁ ତାଙ୍କର କିଛି ବ୍ୟକ୍ତିଗତ ଫଟୋକୁ ନେଇ ଜଣେ ଡାକ୍ତର, ନର୍ସ ଓ ମାଟ୍ରନ୍ ଗତ କିଛିଦିନ ଧରି ବ୍ଲାକ୍‌ମେଲ୍ କରିଆସୁଥିଲେ। ଶୁକ୍ରବାର ତାଙ୍କୁ ଶୌଚାଳୟକୁ ଯିବା ପାଇଁ ନର୍ସ ଓ ମାଟ୍ରନ୍ ବନ୍ଦ କରିବାରୁ ଏଥିରେ ଅତିଷ୍ଠ ହୋଇ ସେ ଭଦ୍ରକ ଚରମ୍ପା ରେଳ ଷ୍ଟେଶନରେ ଆତ୍ମହତ୍ୟା କରିବା ପାଇଁ ଟ୍ରେନ୍ ଆଗକୁ ଡେଇଁ ପଡ଼ିଥିଲେ। ସୌଭାଗ୍ୟବଶତଃ ସେ ବଞ୍ଚିଯାଇଥିବା ବେଳେ ରେଳଧାରଣାରେ ପଡ଼ି ଗୁରୁତର ହୋଇଥିଲେ। ଆର୍‌ପିଏଫ୍ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ କହିଛନ୍ତି, ପୂର୍ବରୁ ଏହି ଘଟଣା ନେଇ ନର୍ସ ଜଣକ କୌଣସି ଅଭିଯୋଗ କରି ନ ଥିଲେ। ଶୁକ୍ରବାର ଏହି ଦୁର୍ଘଟଣା ପରେ ଅଭିଯୋଗ ହୋଇଥିବା ନର୍ସଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ବେଳେ ମାଟ୍ରନ୍‌ଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ଏହା ପ୍ରାଥମିକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ତଦନ୍ତ ପରେ ଯେଉଁମାନେ ଏଥିରେ ସମ୍ପୃକ୍ତ ଥିବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅତିରିକ୍ତ ଜିଲାପାଳ ସରୋଜ ଦତ୍ତ କହିଛନ୍ତି, ଏହି ଘଟଣାର ଠିକ୍ ତଦନ୍ତ ପାଇଁ ଏକ ଇନ୍‌କ୍ୱାରୀ ଟିମ୍ ଗଠନ କରାଯିବ। ସେକ୍ସୁଆଲ ହାରାସ୍‌ମେଣ୍ଟ କମିଟି ଦ୍ୱାରା ଘଟଣାର ନିରପେକ୍ଷ ତଦନ୍ତ କରାଯିବ। ଅପରପକ୍ଷେ ଷ୍ଟାଫନର୍ସଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେ ସୁସ୍ଥ ହୋଇ ଆସିବା ପରେ ତାଙ୍କ ବୟାନ ଓ ତଦନ୍ତର ତଥ୍ୟ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଭିଜିଲାନ୍ସ ଜାଲରେ ବ୍ଲକ୍ କନିଷ୍ଠ ଯନ୍ତ୍ରୀ

## ବିଲ୍ କରାଇଦେବାକୁ ନେଉଥିଲେ ୧୦ହଜାର ଲାଞ୍ଚ

ବାସୁଦେବପୁର,୧୭।୫ (ନାରାୟଣ ପ୍ରସାଦ ବାରିକ୍/ କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ କନିଷ୍ଠ ଯନ୍ତ୍ରୀ ଅଶୋକ ଦାସ ଶନିବାର ଜଣେ ଠିକାଦାରଙ୍କଠାରୁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି। ଭଦ୍ରକ ଓ ବାଲେଶ୍ୱର ଭିଜିଲାନ୍ସ ଟିମ୍ ଯନ୍ତ୍ରୀଙ୍କୁ ନିଉ ଇଣ୍ଡିଆ ସାହିସ୍ଥିତ ଭଡ଼ାଘର ଓ ବ୍ଲକ ଅଫିସ୍ ପରିସରରେ ତାଙ୍କ କାର୍ଯ୍ୟାଳୟକୁ ନେଇ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଛି।



ଭିଜିଲାନ୍ସ ଅଧିକାରୀଙ୍କ ସହ କନିଷ୍ଠ ଯନ୍ତ୍ରୀ ଅଶୋକ ଦାସ।

ସୂଚନା ଅନୁଯାୟୀ, ଏକ ମାର୍କେଟ କମ୍ପ୍ଲେକ୍ସ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ବକେୟା ବିଲ୍ କରାଇଦେବା ପାଇଁ ଏଡ଼ତାଳ ଗ୍ରାମର ଠିକାଦାର ଅକ୍ଷୟ ନାୟକଙ୍କୁ ଯନ୍ତ୍ରୀ ଲାଞ୍ଚ ମାଗିଥିଲେ। ଏନେଇ ଅକ୍ଷୟ ଭିଜିଲାନ୍ସ ଟିମ୍‌କୁ ଜଣାଇଥିଲେ। ଯୋଜନା ଅନୁଯାୟୀ ଭିଜିଲାନ୍ସ ଟିମ୍ ଜଗି ରହିଥିଲା। ଅପରାହ୍ନ ପ୍ରାୟ ୨ଟା ବେଳେ ବ୍ରାହ୍ମଣଗାଁ ରାସ୍ତାରେ ଅକ୍ଷୟଙ୍କଠାରୁ ଯନ୍ତ୍ରୀ ଅଶୋକ ଲାଞ୍ଚ ଟଙ୍କା ଗ୍ରହଣ କରୁଥିଲେ। ଏହି ସମୟରେ ଭଦ୍ରକ ଭିଜିଲାନ୍ସ ଡିଏସ୍‌ପି ଦୁଷ୍ମନ୍ତ ନାୟକ, ଇନ୍ସପେକ୍ଟର ବଙ୍କିମ ବୋବାଲି ପ୍ରମୁଖ ସଦଳବଳ ଚଢ଼ାଉ କରି ଯନ୍ତ୍ରୀଙ୍କୁ ଧରିଥିଲେ। ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ବେଳେ ଅକ୍ଷୟ ଭିଜିଲାନ୍ସ ବିଭାଗ ହେପାଜତରେ ଅଛନ୍ତି। ପ୍ରକାଶଥାଉ କି, ଉକ୍ତ କନିଷ୍ଠ ଯନ୍ତ୍ରୀ ଗତ ୬/୭ ବର୍ଷ ଧରି ଏହି ବ୍ଲକ୍‌ରେ କାର୍ଯ୍ୟରତ ଅଛନ୍ତି।

# ନକଲି ପାଣି ପାଉଚ୍ ପ୍ଲାଣ୍ଟରେ ଚଢ଼ାଉ

## ୧୦ ହଜାର ଟଙ୍କା ଜରିମାନା ଆଦାୟ

**ଟାଙ୍ଗୀ,୧୭।୫(ରଘୁନାଥ ସାହୁ):** ଖୋର୍ଦ୍ଧା ଜିଲା ନାରୁଣୀ ଥାନା ଅଧୀନ ଗୋରଡ଼ାଝରି ଗ୍ରାମରେ ଥିବା ଏକ ନକଲି ପାଣି ପାଉଚ ପ୍ଲାଣ୍ଟରେ ଶନିବାର ଟାଙ୍ଗୀ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ବହୁ ପାଣି ପାଉଚ୍ ଜବତ କରାଯାଇ ନଷ୍ଟ କରାଯିବା ସହ ୧୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

ପ୍ରକାଶ ଯେ, ଅଞ୍ଚଳର ବିଭିନ୍ନ ସ୍ଥାନରେ ନକଲି ପାଣି ଫ୍ୟାକ୍ଟ୍ରିକରାଯାଇ ବଜାରକୁ ସ୍ୱଳ୍ପ ମୂଲ୍ୟରେ ପାଣି ପାଉଚ ଓ ବୋତଲ ବିକ୍ରି ପାଇଁ ଆସୁଛି। ଟାଙ୍ଗୀ, ଚାନ୍ଦପୁର, କାଲୁପଡ଼ା, ଚଣ୍ଡେଶ୍ୱର, କୁହୁଡ଼ି, ସୋରଣ, ନାରୁଣୀ ଆଦି ଅଞ୍ଚଳରେ ଥିବା ବିଭିନ୍ନ ଦୋକାନରେ ଏହି ପାଣି ପାଉଚ ଓ ବୋତଲ ବିକ୍ରି ହେଉଛି। ଏହି ପାଣିର ମାନ ପରୀକ୍ଷା କରାଯାଉ ନାହିଁ। ଫଳରେ ଲୋକେ ଏହି ପାଣି ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅନ୍ୟପଟେ ବଜାରରେ ଥିବା ଦୋକାନରେ ଯାଞ୍ଚ ସମୟରେ ଧରାପଡ଼ିଲେ କେବଳ ଜରିମାନା ଆଦାୟ କରାଯାଉଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ନକଲି ପାଣି ବୋତଲ ଏବଂ ପାଉଚ୍ ବିକ୍ରି ବଢ଼ିଚାଲିଛି। ଗୋରଡ଼ାଝରି ଗ୍ରାମରେ ଥିବା ନକଲି ପାଣି ପାଉଚ ପ୍ଲାଣ୍ଟରେ ହୋଇଥିବା ଚଢ଼ାଉରେ ଖାଦ୍ୟ ସୁରକ୍ଷା ଅଧିକାରୀ ଦେବାଶିଷ ବଳଙ୍କ ସମେତ ୩ଜଣ କର୍ମଚାରୀ ସାମିଲ ଥିଲେ। ଖାଦ୍ୟ ସୁରକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହ ନକଲି ପାଣି ପାଉଚ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଆଣ୍ଡାମାନ-ନିକୋବରରୁ ଆଉ ଜଣେ ନୌସେନା ଅଧିକାରୀ ଗିରଫ

## ଅଗ୍ନିବୀର ନିଯୁକ୍ତିରେ ଦୁର୍ନୀତି ମାମଲା

ବାଲୁଗାଁ,୧୭।୫(ସଂଗ୍ରାମ ପାଇକରାୟ)

ଭାରତୀୟ ନୌସେନାର ଚିଲିକା ଶାଖା ପ୍ରଶିକ୍ଷଣ କେନ୍ଦ୍ରରେ ଅଗ୍ନିବୀର ପଦବୀ ନିଯୁକ୍ତି ଦୁର୍ନୀତି ମାମଲାରେ ବାଲୁଗାଁ ପୋଲିସ ଆଣ୍ଡାମାନ ଓ ନିକୋବରସ୍ଥିତ ଆଇଏନ୍‌ଏସ୍ କେଶରୀରୁ ଆଉ ଜଣେ ନୌସେନା ଅଧିକାରୀଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବିହାର ରେଭେଲଗଞ୍ଜ ଥାନା ଅଧୀନ ପାହିୟାନ ଗ୍ରାମର ଗୁଞ୍ଜୁ କୁମାର(୨୩)। ପୂର୍ବରୁ ପୋଲିସ ଏହି ମାମଲାରେ ଜଣେ ପୂର୍ବତନ ସେନା ଅଧିକାରୀଙ୍କ ସମେତ ୪ଜଣଙ୍କୁ ଗିରଫ କରିଥିଲା।



ସୂଚନାଥାଉ କି, ୨୦୨୪ ନଭେମ୍ବରରେ ଆଇଏନ୍‌ଏସ୍ ଚିଲିକାରେ ଅଗ୍ନିବୀର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଅଗ୍ନିବୀର ପଦବୀରେ ନିଯୁକ୍ତି ପାଇଁ ଅଭିଯୁକ୍ତମାନେ ପ୍ରଶିକ୍ଷାର୍ଥୀଙ୍କଠାରୁ ସହାୟତା ଆଳରେ ଟଙ୍କା ଆଦାୟ କରୁଥିଲେ। ଯିଏ ଟଙ୍କା ଦେବା ପାଇଁ ଅକ୍ଷମତା ପ୍ରକାଶ କରୁଥିଲେ, ତାଙ୍କୁ ଫେଲ୍ କରିଦେବା ଲାଗି ଧମକ ଦେଉଥିଲେ। ଜଣକ ପିଛା ୩୦ ହଜାରରୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅଭିଯୁକ୍ତମାନେ ଆଦାୟ କରୁଥିଲେ। ଏନେଇ ଅଭିଯୋଗ ପରେ ବାଲୁଗାଁ ଥାନାରେ ଏକ ମାମଲା (ନଂ.୧୧୮/୨୫) ରୁଜୁ ହୋଇଥିଲା। ଏହା ପରେ ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ତଦନ୍ତ କରି ଜଣେ ପୂର୍ବତନ ସେନା ଅଧିକାରୀଙ୍କ ସମେତ ୩ ଜଣଙ୍କୁ ଗିରଫ କରିଥିଲା। ତେବେ ଏହି ମାମଲାରେ ଆଣ୍ଡାମାନ ଓ ନିକୋବର ଆଇଏନ୍‌ଏସ୍ କେଶରୀରେ କାର୍ଯ୍ୟରତ ଆଉ ଦୁଇଜଣ ସେନା ଅଧିକାରୀ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡିଥିଲା। ଅଭିଯୁକ୍ତ କ୍ରିଷ୍ଣାକାନ୍ତ ସାଇନି ଛୁଟିରେ ଘର ରାଜସ୍ଥାନକୁ ଯାଇଥିବା ବେଳେ ଗତ ୧ତାରିଖରେ ବାଲୁଗାଁ ପୋଲିସର ଏକ ଟିମ୍ ଯାଇ ସେଠାରୁ ତାଙ୍କୁ ଗିରଫ କରିଥିଲା। ସେହିପରି ଅନ୍ୟତମ ଅଭିଯୁକ୍ତ ଗୁଞ୍ଜୁ କୁମାରଙ୍କୁ ଗିରଫ କରିବା ପାଇଁ ଆଇଆଇସି ପରିଡ଼ା ଏବଂ ଟିମ୍ ସପ୍ତାହେ ତଳେ ଆଣ୍ଡାମାନ ଓ ନିକୋବର ଯାଇ ସେଠାରୁ ତାଙ୍କୁ ଗିରଫ କରିଛି।

BUSINESS

# ଘରୋଇ ସୋଲାର ଉତ୍ପାଦନରେ ନୂତନ ମାନଦଣ୍ଡ ନିର୍ଦ୍ଧାରଣ

ଭୁବନେଶ୍ୱର,୧୭।୫

ବର୍ତ୍ତମାନ ସମୟରେ ଉଭୟ ସରକାରୀ ଓ ଘରୋଇ ଭାବେ ସୋଲାରର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି। ଏପରିକି ଘରୋଇ ସୋଲାର ସେଲ୍ ଓ ମଡ୍ୟୁଲ ଉତ୍ପାଦନରେ ଟାଟା ପାୱାରର ସୋଲାର ଉତ୍ପାଦନ ଶାଖା ନୂତନ ମାନଦଣ୍ଡ ନିର୍ଦ୍ଧାରଣ କରିଛି। ଅପରପକ୍ଷରେ ଟାଟା ପାୱାରର ସୋଲାର ଉତ୍ପାଦନ ଶାଖା ଟିପି ସୋଲାର କମ୍ପାନୀ ଅକ୍ଷୟ ଶକ୍ତି ଅଭିବୃଦ୍ଧି ରଣନୀତିରେ ଏକ ପ୍ରମୁଖ ସ୍ତମ୍ଭ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ସେହିଭଳି ତାମିଲନାଡୁର ତିରୁନେଲଭେଲିରେ ଥିବା ଟାଟା ସୋଲାରର ଅତ୍ୟାଧୁନିକ ଉତ୍ପାଦନ ୟୁନିଟ୍(କାରଖାନା)କୁ ନିକଟରେ ଆଉ ଏକ ସଫଳତା ମିଳିଛି। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ ୩୨୯୧ ମେଗାୱାଟ୍‌ର ସୋଲାର ମଡ୍ୟୁଲ ଓ ୮୪୬ ମେଗାୱାଟ୍‌ର ସୋଲାର ସେଲ୍ ଉତ୍ପାଦନ କରିବାର ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏହି କାରଖାନା ଭାରତରେ ଅନ୍ୟତମ। ସବୁଠୁ ଉନ୍ନତ ସମନ୍ୱିତ ସୋଲାର ଉତ୍ପାଦନ କାରଖାନା ଏବଂ ଆମଦାନୀ ନିର୍ଭରଶୀଳତା କମ୍ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାବେଳେ ଘରୋଇ ସୋଲାର ମୂଲ୍ୟ ଶୃଙ୍ଖଳାକୁ ମଧ୍ୟ ସୁଦୃଢ଼ କରୁଛି। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ ୪୨୨କୋଟି ଟଙ୍କାର ଉଲ୍ଲେଖନୀୟ ଟିକସ ପରବର୍ତ୍ତୀ ଲାଭ ହାସଲ କରିଛି। ସେହିପରି ଏହି କାରଖାନାରେ ଅତ୍ୟାଧୁନିକ ଟପ୍‌କନ୍ (ଟନେଲ୍ ଅକ୍ସାଇଡ୍ ପାସିଭେଟେଡ୍ କଣ୍ଟାକ୍ଟ) ଏବଂ ମୋନୋ ପିଇଆର୍‌ସି (ପାସିଭେଟେଡ୍ ଏମିଟର ଆଣ୍ଡ ରିଅଲ୍‌ସେଲ) ପ୍ରଯୁକ୍ତି ରହିଛି, ଯାହା ଉଚ୍ଚ ଦକ୍ଷତାସମ୍ପନ୍ନ ସୋଲାର ସେଲ୍ ଉତ୍ପାଦନକୁ ସକ୍ଷମ କରୁଛି। ଏଥିରେ ସମନ୍ୱିତ ହୋଇଥିବା ବାଇଫାସିଆଲ୍ ମଡ୍ୟୁଲ୍ ପ୍ରଯୁକ୍ତି ଶକ୍ତି ଉତ୍ପାଦକତାରେ ଉନ୍ନତି ଆଣୁଥିବାବେଳେ ପ୍ୟାନେଲର ଉଭୟ ସାମ୍ନା ଓ ପଛ ପାର୍ଶ୍ୱରୁ ଶକ୍ତି ଉତ୍ପନ୍ନ କରିବାରେ ମଧ୍ୟ ବେଶ୍ ସହାୟକ ହୋଇ ଜମି ବ୍ୟବହାର ଓ ଦକ୍ଷତା ବ୍ୟବସ୍ଥାକୁ ସର୍ବାଧିକ କରିପାରୁଛି। ଏହି କାରଖାନାରେ ଉତ୍ପାଦନ କରାଯାଉଥିବା ମଡ୍ୟୁଲ ଘରୋଇ ବିଷୟବସ୍ତୁ (କଣ୍ଟେଣ୍ଟ) ଆବଶ୍ୟକତା (ଡିସିଆର୍) ନିୟମକୁ ସମ୍ପୂର୍ଣ୍ଣ ପାଳନ କରି ଭାରତୀୟ ସୋଲାର ଡେଭେଲପରଙ୍କ ୟୁଟିଲିଟି ଓ ରୁଫ୍‌ଟପ୍ ସୋଲାର ଆବଶ୍ୟକତା ପୂରଣ କରୁଥିବାବେଳେ ସ୍ୱଚ୍ଛଶକ୍ତି ଉତ୍ପାଦନରେ ଆତ୍ମନିର୍ଭର ହେବାର ଜାତୀୟ ଆବଶ୍ୟକତାକୁ ସମର୍ଥନ କରୁଛି। ୟୁଏସ୍ ଇଣ୍ଟରନ୍ୟାଶନାଲ ଡେଭେଲପ୍‌ମେଣ୍ଟ ଫାଇନାନ୍ସ କର୍ପୋରେଶନ (ଡିଏଫ୍‌ସି) ଠାରୁ ୪୨୫ ନିୟୁତ ଡଲାର ନିବେଶ ହାସଲ ସହ ତିରୁନେଲଭେଲି କାରଖାନା ଏହାର ଅନ୍ତର୍ଭୁକ୍ତୀକରଣ ଶ୍ରମଶକ୍ତି ମଡେଲ ପାଇଁ ବେଶ୍ ପରିଚିତ ରହିଛି।



# ଆଇକ୍ୟୁର ନୂତନ ଉତ୍ପାଦ

ଭୁବନେଶ୍ୱର,୧୭।୫

ଆଇକ୍ୟୁର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଆଇକ୍ୟୁ ନିଓ ୧୦ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଭାରତର ଏହା ପ୍ରଥମ ସ୍ମାର୍ଟଫୋନ୍ ସ୍ମାର୍ଟଫୋନ, ଯେଉଁଥିରେ ସ୍ନାପଡ୍ରାଗନ ୮ଏସ ଜେନ୪ ପ୍ରୋସେସର୍ ରହିଛି, ଯାହା ଫ୍ଲାଗସିପ୍-ଗ୍ରେଡ୍ ଗତି ଏବଂ ଦକ୍ଷତା ପ୍ରଦାନ କରୁଛି। ସେହିଭଳି ନିଓ୧୦ ହେଉଛି ଭାରତର ସବୁଠାରୁ ପତଳା ସ୍ମାର୍ଟଫୋନ୍ ଯାହାର ୭୦୦୦ଏମଏଏଚ ବ୍ୟାଟେରୀ ଅଛି, ଯାହାର ମୋଟେଇ ମାତ୍ର ୦.୮୦୯ ସେମି ବୋଲି କୁହାଯାଉଛି। ୧୨୦ ୱଟ ଫ୍ଲାସ ଚାର୍ଜର ସହିତ ମିଳିତ ଭାବେ ଏହା କାମ ଏବଂ ଦୈନନ୍ଦିନ ଜୀବନକୁ ନିରନ୍ତର ଭାବେ ନେଭିଗେଟ୍ କରୁଥିବା ବ୍ୟବହାରକାରୀଙ୍କୁ ସମର୍ଥନ କରିଥାଏ। ଏକ ନିମଜ୍ଜିତ ଅଭିଜ୍ଞତା ପାଇଁ ଏଥିରେ ସେଗମେଣ୍ଟର ସବୁଠାରୁ ଉଜ୍ଜ୍ୱଳ ୧.୫କେ ୧୪୪ ଆମୋଲେଡ ଡିସପ୍ଲେ ସ୍ମାର୍ଟଫୋନ୍ ରହିଛି।

# ତ୍ରିଶୂଳିଆ ଅଞ୍ଚଳରେ ବଢ଼ୁଛି ବାସଗୃହ ଚାହିଦା

ଭୁବନେଶ୍ୱର, ୧୭।୫ (ଅନୁରାଧା ମହାରଣା)

କଟକ ଓ ଭୁବନେଶ୍ୱର ମଧ୍ୟରେ କାଠଯୋଡି ଓ କୁଆଖାଇ ନଦୀ ତଟରେ ଅବସ୍ଥିତ ତ୍ରିଶୁଳିଆ ଅଞ୍ଚଳ ରହିବା ପାଇଁ ଏବେ ଲୋକମାନଙ୍କର ପ୍ରଥମ ପସନ୍ଦ ପାଲଟିଛି। ମାତ୍ର ଦଶରୁ ବାରବର୍ଷ ମଧ୍ୟରେ ଏହି ଅଞ୍ଚଳରେ ଅନେକ ଉନ୍ନତି ଦେଖିବାକୁ ମିଳିଛି। କଟକ ଏବଂ ଭୁବନେଶ୍ୱରରୁ ସିଧାସଳଖ ଗମନାଗମନ ଲାଗି ୪ ଥାକିଆ ରାସ୍ତା ତ୍ରିଶୁଳିଆ ଦେଇ ଯାଉଛି। ଏହା ମଧ୍ୟରେ ରାଜ୍ୟ ସରକାର ତ୍ରିଶୁଳିଆ ଛକରେ ମେଟ୍ରୋ ଷ୍ଟେଶନର ନିର୍ମାଣ କରିବା ପାଇଁ ସ୍ଥିର କରିଛନ୍ତି। ରାଜ୍ୟରେ ରିଅଲଇଷ୍ଟେଟ୍ କ୍ଷେତ୍ରରେ ତ୍ରିଶୁଳିଆ ଅଞ୍ଚଳ ଏକ ନୂଆ ହବ୍ ପାଲଟିଛି। ଯେଉଁଥିରେ ରାଜ୍ୟ ଏବଂ ରାଜ୍ୟ ବାହାରର ବହୁ ନାମିଦାମି ରିଅଲଇଷ୍ଟେଟ୍ ଡେଭଲପର୍‌ମାନେ ପ୍ରକଳ୍ପ ତିଆରି କରିଛନ୍ତି। ଏହିସବୁ ସୁବିଧା ଉପଲବ୍ଧ ହେଇଥିବା ହେତୁ ତ୍ରିଶୁଳିଆରେ ନିର୍ମିତ ଫ୍ଲାଟ୍ ଗୁଡିକର ଦର ଗ୍ରାହକ ଉପଯୋଗୀ ହୋଇଥିବାରୁ ନିବେଶକାରୀ ମାନେ ଏହି ସ୍ଥାନରେ ରିଅଲଇଷ୍ଟେଟ୍ ରେ ଅର୍ଥ ନିବେଶ କରିବା ପାଇଁ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। ରିଅଲଇଷ୍ଟେଟ୍ କ୍ଷେତ୍ରରେ ରାଜ୍ୟର ଏକ ଅଗ୍ରଣୀ ସଂସ୍ଥା ଡିଅନ୍ ଗ୍ରୁପ୍ କାଠଯୋଡି ଏବଂ କୁଆଖାଇ ନଦୀ ତଟରେ ତାର ୩ଟି ରିଭର ଫ୍ରଣ୍ଟ ପ୍ରକଳ୍ପର କାର୍ଯ୍ୟ ସମାପନ କରି ଲୋକମାନଙ୍କୁ ହସ୍ତାନ୍ତର କରିଛି। ଏହି ପ୍ରକଳ୍ପ ଗୁଡିକରେ ୫୦୦ ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ବର୍ତ୍ତମାନ ଡ଼ିଅନ୍ ତାର ଇଣ୍ଟିଗ୍ରେଟେଟ୍ ଟାଉନସିପ୍ ପ୍ରକଳ୍ପର ପ୍ରି ବୁକିଂ ଆରମ୍ଭ କରିଅଛି। ଏହି ପ୍ରକଳ୍ପ ୧୨ ଏକରରୁ ଉର୍ଦ୍ଧ୍ୱ ସ୍ଥାନରେ କରାଯାଉଛି। ଏହି ପ୍ରକଳ୍ପ ପାଇଁ ସିଡିଏ ଓରେରାର ଅନୁମତି ମିଳିଥିବା ଡିଅନ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଜୁନ୍ ୬ ରୁ ୱଣ୍ଡର ଫେଷ୍ଟ ୨ୟ ସଂସ୍କରଣ

ଭୁବନେଶ୍ୱର,୧୭।୫

ଓଡ଼ିଶା ଆସେମ୍ବ୍ଲି ଅଫ୍ ସ୍ମଲ୍ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ୍ (ଓସ୍‌ମେ) ମହିଳା ଶାଖାର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ୩ ଦିନିଆ ପ୍ରଦର୍ଶନୀ 'ୱଣ୍ଡର ଫେଷ୍ଟ-୨୦୨୫'ର ଦ୍ୱିତୀୟ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମ ୨୦୨୫ ଜୁନ୍ ୬ ରୁ ୮ ପର୍ଯ୍ୟନ୍ତ ଭୁବନେଶ୍ୱରର ପଟିଆସ୍ଥିତ କ୍ରିଷ୍ଟାଲ୍ କ୍ରାଉନ୍ କନ୍‌ଭେନସନ୍‌ଠାରେ ଆୟୋଜନ ହେବ। ଏ ନେଇ ଓସ୍‌ମେ ମହିଳା ଶାଖା ପକ୍ଷରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଭୁବନେଶ୍ୱରର ଓଡ଼ିଶା ପ୍ରେସ୍ କ୍ଲବ୍‌ଠାରେ ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୱଣ୍ଡର ଫେଷ୍ଟ ୨୦୨୫ର ଦ୍ୱିତୀୟ ସଂସ୍କରଣ ବିବରଣୀ ପୁସ୍ତିକା ଓ ପୋଷ୍ଟର ଉନ୍ମୋଚନ କରାଯାଇଛି। ଯାହା ନାରୀତ୍ୱ, ଉଦ୍ୟୋଗିତା ଏବଂ ଓଡ଼ିଆ କଳା ଓ ସଂସ୍କୃତିକୁ ପାଳନ କରୁଥିବା ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ କାର୍ଯ୍ୟକ୍ରମ ହେବ। ଓସ୍‌ମେର ଅଧ୍ୟକ୍ଷ ଗୌରୀ ଶଙ୍କର ଦାଶ ଆୟୋଜିତ ହେବାକୁ ଥିବା ପ୍ରଦର୍ଶନୀର ବୃହତ ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ। ଓସ୍‌ମେର ମହାସଚିବ ସାତ୍ୱିକ ସ୍ୱାଇଁ କହିଛନ୍ତି, ଏହି ପ୍ରଦର୍ଶନୀରେ ୧୨୦ ରୁ ଅଧିକ ଉଦ୍ୟୋଗୀ ଅଂଶଗ୍ରହଣ କରିବେ ଏବଂ ଫ୍ୟାଶନ ପୋଷାକ, ଆସେସୋରିଜ୍, ସାଧାରଣ ପୋଷାକ, ହସ୍ତତନ୍ତ, ହସ୍ତଶିଳ୍ପ, ଖଦି ଉତ୍ପାଦ, କଏର ସାମଗ୍ରୀ, ଅଳଙ୍କାର, ବ୍ୟାଗ୍, ସୌନ୍ଦର୍ଯ୍ୟ ଯତ୍ନ ସାମଗ୍ରୀ ଏବଂ ପ୍ୟାକେଜିଂ ସାମଗ୍ରୀ ସମେତ ବିଭିନ୍ନ ଖାଦ୍ୟ ଏବଂ ପାନୀୟ ଏହି ପ୍ରଦର୍ଶନୀର ଅଂଶ ବିଶେଷ ହେବ। ନାରୀତ୍ୱର ଏହି ବିଶାଳ ମହୋତ୍ସବରେ ବୈଷୟିକ ଅଧିବେଶନ, ଏମ୍‌ଏସ୍‌ଏମ୍‌ଇ ପାଇଁ ପ୍ୟାନେଲ ଆଲୋଚନା ଏବଂ ମହିଳା ସଶକ୍ତୀକରଣ ଏବଂ କନ୍ୟା ସନ୍ତାନ ଶିକ୍ଷା ଉପରେ ସେମିନାର ଅନୁଷ୍ଠିତ ହେବ। ପାରମ୍ପରିକ ଏବଂ ସମସାମୟିକ ଓଡ଼ିଆ କଳା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଡିଜାଇନ କରାଯାଇଥିବା ଏକ ଫ୍ୟାଶନ ଶୋ ମାଧ୍ୟମରେ ଓଡ଼ିଶାର କିଛି ସ୍ୱତନ୍ତ୍ର ଉତ୍ପାଦ ଲଞ୍ଚ ଏକ ପ୍ରମୁଖ ଆକର୍ଷଣ ହେବ। ସେହିପରି ଓସ୍‌ମେ ମହିଳା ଶାଖାର କେନ୍ଦ୍ରୀୟ କାର୍ଯ୍ୟାଳୟ ସଚିବ ଅନ୍ୱେଷା ରାଉତ କହିଛନ୍ତି, ଏହି କାର୍ଯ୍ୟକ୍ରମ ବ୍ୟବସାୟ, ସଂସ୍କୃତି ଏବଂ ଉତ୍ସବର ମିଶ୍ରଣ ସହିତ ଏକ ଗତିଶୀଳ ଏବଂ ସମୃଦ୍ଧ ଅଭିଜ୍ଞତାର ପ୍ରତିଶ୍ରୁତି ଦେବ।

# ବେଷ୍ଟ ସେଣ୍ଟର ଜରିଆରେ ଦକ୍ଷତା ପ୍ରଶିକ୍ଷଣ

## ସିଜିୟୁରେ ଦିନିକିଆ ସିମ୍ପୋଜିୟମ ଉଦ୍‌ଘାଟିତ

ଭୁବନେଶ୍ୱର,୧୭।୫ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରସ୍ଥିତ ସି.ଭି.ରମଣ ଗ୍ଲୋବାଲ ୟୁନିର୍ଭସିଟି (ସିଜିୟୁ)ରେ ଏକ ଦିନିକିଆ ସିମ୍ପୋଜିୟମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସିଜିୟୁ ଓଡ଼ିଶା ଏବଂ ବଜାଜ ଅଟୋ ଲିମିଟେଡ୍‌ର ମିଳିତ ସହଯୋଗରେ 'ଉନ୍ନତ ଉତ୍ପାଦନ ଦକ୍ଷତା ପାଇଁ ଯୁବପିଢ଼ିଙ୍କ ସଶକ୍ତୀକରଣ'ଶୀର୍ଷକ ବିଷୟବସ୍ତୁ ଉପରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।। ଉଲ୍ଲେଖଯୋଗ୍ୟ, ବଜାଜ ଇଞ୍ଜିନିୟରିଂ ସ୍କିଲ୍‌ସ ଟ୍ରେନିଂ (ବେଷ୍ଟ) ହେଉଛି ବଜାଜ ଅଟୋ ଲିମିଟେଡ୍‌ର ଏକ ପ୍ରମୁଖ ସିଏସ୍‌ଆର୍ ପଦକ୍ଷେପ, ଯାହା ମାଧ୍ୟମରେ ଡିପ୍ଲୋମା ଏବଂ ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କୁ ଉନ୍ନତ ଉତ୍ପାଦନ ଦକ୍ଷତାରେ ପ୍ରଶିକ୍ଷଣ ଦିଆଯିବ। ଏହି ତାଲିମ କେନ୍ଦ୍ରରେ ମେକାଟ୍ରୋନିକ୍ସ, ରୋବୋଟିକ୍ସ ଏବଂ ଅଟୋମେସନ, ମୋସନ କଣ୍ଟ୍ରୋଲ୍, ସେନସର ପ୍ରଯୁକ୍ତିବିଦ୍ୟା, ସ୍ମାର୍ଟ ମାନୁଫାକଚରିଂ ଏବଂ ଇଣ୍ଡଷ୍ଟ୍ରି ୪.୦ ରେ ଶିଳ୍ପ-ଅନୁପ୍ରେରିତ ତାଲିମ ପ୍ରଦାନ କରାଯିବ, ଯେଉଁଥିରେ ମହିଳା ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗକୁ ଅଗ୍ରାଧିକାର ଦିଆଯିବ। ସେହିଭଳି ଛାତ୍ରୀଛାତ୍ରୀମାନଙ୍କ ନିଯୁକ୍ତି ଏବଂ ଦକ୍ଷତା ବିକାଶକୁ ଗୁରୁତ୍ୱ ଦେଇ ଏଥିରେ ପରିଚାଳିତ ହେବାକୁ ଥିବା ପାଠ୍ୟକ୍ରମକୁ ବରିଷ୍ଠ ଶିଳ୍ପ ବିଶେଷଜ୍ଞ ଏବଂ ବଜାଜ ଅଟୋ ଲିମିଟେଡ୍‌ର ଇଞ୍ଜିନିୟରମାନେ ପ୍ରସ୍ତୁତ କରିଛନ୍ତି। ଏଆଇସିଟିଇ ଛାତ୍ରବୃତ୍ତି ଏବଂ ଅନୁଦାନ ବ୍ୟୁରୋର ପରାମର୍ଶଦାତା ଡ. ଏନ୍.ଏଚ୍. ସିଦ୍ଧଲିଙ୍ଗସ୍ୱାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇଞ୍ଜିନିୟରିଂ ଶିକ୍ଷାର ପ୍ରଥମ ବର୍ଷରୁ ଦକ୍ଷତା ଆଧାରିତ ତାଲିମ ଅନୁଷ୍ଠିତ ହେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବଜାଜ ଅଟୋ ଲିମିଟେଡ୍‌ର ଭିପି (ସିଏସ୍‌ଆର୍) ସୁଧାକର ଗୁଡିପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଧୁନିକ ଲାବ୍ ଏବଂ ବ୍ୟବହାରିକ ତାଲିମ ମାଧ୍ୟମରେ ଯୁବପିଢ଼ି ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ। ସିଜିୟୁର ପ୍ରତିଷ୍ଠାତା ଏବଂ ସଭାପତି ସଞ୍ଜୀବ କୁମାର ରାଉତ, ବୈଷୟିକ ଶିକ୍ଷାକୁ ବୃଦ୍ଧି କରିବା ଏବଂ ନିଯୁକ୍ତି ସୁଯୋଗର ବ୍ୟବଧାନ ପୂରଣ କରିବା ପାଇଁ ଶିକ୍ଷାନୁଷ୍ଠାନ, ଶିଳ୍ପ ଏବଂ ନୀତି ନିର୍ଦ୍ଧାରକମାନଙ୍କ ମଧ୍ୟରେ ଦୃଢ଼ ସହଯୋଗର ଆବଶ୍ୟକତା ରହିଛି ବୋଲି ସେ ଦର୍ଶାଇଥିଲେ।




# ରୁଚି ଅନ୍ନପୂର୍ଣ୍ଣା କୁକ୍ ମିଟ୍

ଭୁବନେଶ୍ୱର,୧୭।୫

ରୁଚି ଫୁଡ୍‌ଲାଇନର ସୁବର୍ଣ୍ଣ ଜୟନ୍ତୀ ବର୍ଷ ପୂର୍ତ୍ତି ଉତ୍ସବର ପ୍ରାକ୍ ପ୍ରସ୍ତୁତି ଅବସରରେ ଏକ ବିଶେଷ କାର୍ଯ୍ୟକ୍ରମ 'ରୁଚି ଅନ୍ନପୂର୍ଣ୍ଣା କୁକ୍ ମିଟ୍' ଭୁବନେଶ୍ୱରର ଚତୁର୍ଭୁଜ ଲିଗାସି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ୧୦୦ ରୁ ଅଧିକ ବିଭିନ୍ନ ରନ୍ଧନ ବିଶେଷଜ୍ଞ ଓ ହୋଟେଲ ପ୍ରତିଷ୍ଠାନଗୁଡ଼ିକରେ କାର୍ଯ୍ୟ କରୁଥିବା ସେଫ୍‌ମାନେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ରୁଚିର ନିର୍ଦ୍ଦେଶକ ଅରବିନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନ୍ଧନ ବିଶେଷଜ୍ଞମାନଙ୍କ ପାଇଁ ଏକ ବିଶେଷ ପ୍ରୋତ୍ସାହନର ଘୋଷଣା କରିଥିଲେ। ଏହି ଅବସରରେ ଅଲ୍ ଓଡ଼ିଶା କ୍ୟାଟରସ୍ ଆସୋସିଏସନ୍‌ର ବରିଷ୍ଠ ଉପଦେଷ୍ଟା ପ୍ରବୋଧ ଦାସ, ରୁଚିର ପ୍ରାଧିକୃତ ବିକ୍ରେତା ଆଦିତ୍ୟ କୁମାର ଗଜେନ୍ଦ୍ର, ଅଲେଖ ଚନ୍ଦ୍ର ସାହୁ, କିଶୋର ଚନ୍ଦ୍ର ପାତ୍ର ଏବଂ ପ୍ରମୋଦ କୁମାର ସାହୁଙ୍କୁ ବିଶେଷ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ବର୍ଷୀୟାନ ରନ୍ଧନ ବିଶେଷଜ୍ଞ ଶିବରାମ ମଳିଆ, ସୁକାନ୍ତ ଦୀକ୍ଷିତ୍, କମଳଲୋଚନ ମଳିଆ, ଅକ୍ଷୟ କୁମାର ମହାରଣା ପ୍ରମୁଖ ଯୋଗଦେଇ ରୁଚି ମସଲାର ଗୁଣବତ୍ତା ଓ ଶୁଦ୍ଧତା ବିଷୟରେ ଆଲୋଚନା କରିଥିଲାବେଳେ ଓଡ଼ିଶାର ଏହା ୧ ନମ୍ବର ବ୍ରାଣ୍ଡ ଭାବେ ପରିଚୟ ଅର୍ଜନ କରିଛି ବୋଲି କହିଥିଲେ। ସେହିପରି କମ୍ପାନୀର ସେଲ୍‌ସ ବିଭାଗ ମୁଖ୍ୟ ଦିଲୀପ ସାହୁ, କ୍ୱାଲିଟି ବିଭାଗର ମୁଖ୍ୟ ଅଶୋକ କୁମାର ନାୟକ ପ୍ରମୁଖ 'ରୁଚି'ର ବିଭିନ୍ନ କାର୍ଯ୍ୟକ୍ରମ ଓ ରନ୍ଧନ ବିଶେଷଜ୍ଞମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ସହଯୋଗ ଓ ସହଭାଗିତା ପାଇଁ କୃତଜ୍ଞତା ଜଣାଇଥିଲେ। ରୁଚି ଲୋକ ସମ୍ପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ଅନୁଷ୍ଠାନର ଆଗାମୀ ସୁବର୍ଣ୍ଣ ଜୟନ୍ତୀ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମାର୍କେଟିଂ ବିଭାଗର ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର, ସୋନାଲି ସାହୁ, ନେହା ରାଓ, ପ୍ରଦୀପ କୁମାର ପ୍ରଧାନ, ଶୁଭାଶିଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ। 'ରୁଚି' କର୍ପୋରେଟ ସେଲ୍‌ର ମୁଖ୍ୟ ସାଇସମ୍ମିତା ନାୟକ ଧନ୍ୟବାଦ ଜଣାଇଥିଲେ।



# ଧନ୍ୟବାଦ ଭାରତୀୟ ସେନା



ଗତ ଏପ୍ରିଲ ୨୨ରେ କଶ୍ମୀରର ପହଲଗାମ୍‌ରେ ୨୬ ପର୍ଯ୍ୟଟକଙ୍କୁ ହତ୍ୟା ପରେ ଭାରତ ପକ୍ଷରୁ ଚଳିତମାସ ୬ ତାରିଖ ବିଳମ୍ବିତ ରାତିରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀଙ୍କ ୯ ଶିବିର ଉପରକୁ ଏୟାରଷ୍ଟ୍ରାଇକ୍ କରାଯାଇଥିଲା। ଏହି ଅପରେଶନର ନାମ ରଖାଯାଇଥିଲା 'ଅପରେଶନ ସିନ୍ଦୂର'। ଏହାପରେ ଭାରତ–ପାକିସ୍ତାନ ମଧ୍ୟରେ ଘଟିଥିଲା ସଶସ୍ତ୍ର ସଂଘର୍ଷ। ମେ' ୭, ୮ ଓ ୯ ତାରିଖ ରାତିରେ ପାକିସ୍ତାନ ପକ୍ଷରୁ ଭାରତର କଶ୍ମୀରଠାରୁ ଗୁଜରାଟ ପର୍ଯ୍ୟନ୍ତ ଅନେକ ସୀମାବର୍ତ୍ତୀ ଅଞ୍ଚଳକୁ ଟାର୍ଗେଟ କରାଯାଇ ମିଶାଇଲ ଏବଂ ଡ୍ରୋନ୍ ଛଡ଼ାଯାଇଥିଲା। ସେସବୁକୁ ଧ୍ୱସ୍ତ କରିଦେଇଥିଲା ଭାରତର ଏୟାର ଡିଫେନ୍ସ ସିଷ୍ଟମ୍। ସେଥିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ରୁଷିଆ ନିର୍ମିତ ମିଶାଇଲ ଡିଫେନ୍ସ ସିଷ୍ଟମ୍ 'ଏସ୍–୪୦୦', ଯାହାର ନାଁ 'ସୁଦର୍ଶନ ଚକ୍ର' ରଖାଯାଇଛି। ଏୟାର ଡିଫେନ୍ସ ସିଷ୍ଟମ୍ 'ଆକାଶ' ଏବଂ 'ହାର୍ଡ କିଲ୍' ମଧ୍ୟ ପାକ୍ ପ୍ରହାରକୁ ନିଷ୍ପ୍ରଭ କରିଦେଇଥିଲା। ପାକିସ୍ତାନର ଏହି ଦୁଃସାହସକୁ ଭାରତ ତୁରନ୍ତ ଜଳ, ସ୍ଥଳ ଓ ଆକାଶରୁ ଦୃଢ଼ ଜବାବ ଦେଇଥିଲା। ଭାରତୀୟ ସଶସ୍ତ୍ର ବଳ ପାକିସ୍ତାନର ଏୟାର ଡିଫେନ୍ସ ସିଷ୍ଟମ୍‌କୁ ଧ୍ୱଂସ କରିବା ସହ ୫ଟି ଏୟାର ବେସ୍ ଏବଂ ୩ଟି ଅନ୍ୟ ସାମରିକ ଠିକଣା ଉପରେ ଆକ୍ରମଣ କରିଥିଲା। ଭାରତର ୩ ସେନାର ସଂହାର ରୂପ ଦେଖି ପାକିସ୍ତାନ ସେନା ଓ ସରକାର ତ୍ରାହି ତ୍ରାହି ଡାକି ୧୦ ତାରିଖ ଅପରାହ୍ନରେ ଅସ୍ତ୍ରବିରତି ପାଇଁ ଭାରତକୁ ଅନୁରୋଧ କରିଥିଲେ। ବିଶ୍ୱଶାନ୍ତିକୁ ଗୁରୁତ୍ୱ ଦେଉଥିବା ଭାରତ ସେହି ପ୍ରସ୍ତାବରେ ରାଜି ହୋଇ ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧୀ କାର୍ଯ୍ୟାନୁଷ୍ଠାନକୁ ସ୍ଥଗିତ ରଖିଛି। ଭାରତର ସଶସ୍ତ୍ର ବଳର ବୀରତ୍ୱକୁ ଦେଶର କୋଣ ଅନୁକୋଣରୁ ପ୍ରଶଂସାର ସୁଅ ଛୁଟୁଛି। ଯବାନମାନଙ୍କ ପରାକ୍ରମକୁ ସାରା ବିଶ୍ୱ ଦେଖିଥିବାବେଳେ ଧନ୍ୟବାଦ ଓ କୃତଜ୍ଞତା ଜଣାଉଛନ୍ତି ଦେଶବାସୀ।

# ପାକ୍‌କୁ ମୁହଁତୋଡ଼ ଜବାବ

## ସେହି ୨୫ ମିନିଟ୍....

ପହଲଗାମ୍ ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ସ୍ଥଳସେନା, ବାୟୁସେନା ଓ ନୌସେନାର ମିଳିତ ଅଭିଯାନ 'ଅପରେଶନ ସିନ୍ଦୂର' ପାକିସ୍ତାନୀ ପ୍ରାୟୋଜିତ ଆତଙ୍କକୁ ପ୍ରଚଣ୍ଡ ପ୍ରହାର ଦେଇଛି। ମେ ୬ ତାରିଖ ରାତି ଗୋଟେ ୫ ମିନିଟ୍‌ରୁ ଗୋଟେ ୩୦ ମିନିଟ୍ ଯାଏ ମାତ୍ର ୨୫ ମିନିଟ୍‌ର ମିଶାଇଲ ମାଡ଼ରେ ପାକିସ୍ତାନ ଏବଂ ପିଓକେସ୍ଥିତ ଆତଙ୍କବାଦୀଙ୍କ ଅଫିସ୍ ଓ ଶିବିରଗୁଡ଼ିକ ଧ୍ୱସ୍ତ ହୋଇଯାଇଛି, ଯେଉଁଥିରେ ମୃତ୍ୟୁର ସୌଦାଗରମାନଙ୍କ ଅଣ୍ଟା ଭାଙ୍ଗିଯାଇଛି। ଏହି ଅଭିଯାନରେ ଜୈଶ–ଇ–ମହମ୍ମଦ(ଜେଇଏମ୍) ମୁଖ୍ୟ ମୌଲାନା ମାସୁଦ୍ ଅଜହରଙ୍କ ପରିବାରର ୧୧ ସଦସ୍ୟ ଓ ୪ ଘନିଷ୍ଠ ସହଯୋଗୀ ନିହତ ହୋଇଛନ୍ତି। ପ୍ରାଣ ହରାଇଥିବା ଅଜହର ପରିବାର ସଦସ୍ୟଙ୍କ ମଧ୍ୟରେ ରହିଛନ୍ତି ତାଙ୍କ ସାନଭାଇ ଅବଦୁଲ ରୌଫ୍, ଯିଏକି ୧୯୯୯ କାନ୍ଦାହାରରେ ଇଣ୍ଡିଆନ୍ ଏୟାରଲାଇନ୍ସ ଆଇସି–୮୧୪ ଅପହରଣର ମାଷ୍ଟରମାଇଣ୍ଡ ଥିଲେ।




## ଆତଙ୍କବାଦ ବିରୋଧରେ ନୂଆ ନୀତି

# 'ଅପରେଶନ ସିନ୍ଦୂର'




ଜମ୍ମୁ–କଶ୍ମୀରର ପହଲଗାମ୍‌ରେ ଏପ୍ରିଲ ୨୨ରେ ହୋଇଥିବା ସୀମାପାର ଆତଙ୍କବାଦୀ ଆକ୍ରମଣର ଠିକଣା ଜବାବ ଦେଇଛି ଭାରତ। ଭାରତୀୟ ସେନାର 'ଅପରେଶନ ସିନ୍ଦୂର' କେବଳ ଏକ ନାମ ନୁହେଁ, ଏହା ନ୍ୟାୟର ଅଖଣ୍ଡ ପ୍ରତିଜ୍ଞା। ଆତଙ୍କବାଦ ବିରୋଧରେ ଭାରତର ନୂଆ ନୀତି ହେଉଛି ଅପରେଶନ ସିନ୍ଦୂର। ଏହା ଦେଶବାସୀଙ୍କ ଭାବାବେଗର ପ୍ରତିଫଳନ। ଆତଙ୍କବାଦୀମାନେ ଆମ ମହିଳାମାନଙ୍କ କପାଳରୁ ସିନ୍ଦୂର ଉଜାଡ଼ିଥିଲେ। ଆମେ ସେମାନଙ୍କ ଠିକଣାକୁ କେବଳ ମାଟିରେ ମିଶାଇ ଦେଇନାହୁଁ, ବରଂ ସେମାନଙ୍କ ମନୋବଳକୁ ଭାଙ୍ଗିଦେଇଛୁ। ଆତଙ୍କବାଦ ଏବଂ ଆଲୋଚନା ଏକାଠି ଚାଲିପାରିବ ନାହିଁ। ସେହିପରି ଜଳ ଏବଂ ରକ୍ତ ଏକାଠି ବହିପାରିବ ନାହିଁ। ପାକିସ୍ତାନ ସହ ଯଦି ଆଲୋଚନା ହୁଏ, କେବଳ ଆତଙ୍କବାଦର ମୂଳୋତ୍ପାଟନ ଏବଂ ପାକ୍ ଅଧିକୃତ କଶ୍ମୀର (ପିଓକେ) ଫେରାଇବାକୁ ନେଇ ହେବ।


–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


ମୁଁ ମୋ ଦେଶର ପୁରୁଷ ଓ ମହିଳା ସୈନିକଙ୍କ ସାହସିକତାକୁ ପ୍ରଶଂସା କରିବା ସହ ଅପରେସନ ସିନ୍ଦୂର ଦ୍ୱାରା ପାକିସ୍ତାନକୁ ଯେଉଁ କଡ଼ା ଜବାବ ଦେଇଛନ୍ତି ଭାରତବାସୀ ସେଥିପାଇଁ ଗର୍ବିତ । ଦେଶର ସମସ୍ତ ଛାତ୍ରୀଛାତ୍ର ଆଗାମୀ ଦିନରେ ସୈନିକ ହୋଇ ଦେଶ ମାତୃକାର ବନ୍ଦନା ଗାଇବା ସହ ଦେଶ ସୁରକ୍ଷାରେ ନିୟୋଜିତ ହେବା ପାଇଁ ମୁଁ ଆଶା କରୁଛି।



**ଡି. କଲ୍ୟାଣୀ**
ଛାତ୍ରୀ, ଘଡେଇ ବିଜ୍ଞାନ ମହାବିଦ୍ୟାଳୟ, ମାଲକାନଗିରି
















**କେନ୍ଦୁପଲିରୁ ଯୁବତୀଙ୍କ ମୃତଦେହ ଜବତ ଘଟଣା**

# ବଳାତ୍କାର ପରେ ଛୁରିରେ ଗଳାକାଟି କରାଯାଇଥିଲା ହତ୍ୟା

■୧୭ ଦିନ ପରେ ଅନୁଗୋଳ ଜିଲ୍ଲା ପୋଲିସକୁ ସଫଳତା

■ମହାରାଷ୍ଟ୍ରରୁ ଗିରଫ ହେଲେ ଅଭିଯୁକ୍ତ ବିଶ୍ୱ ଗୋଛାୟତ

ଅନୁଗୋଳ,୧୭।୫ (ମାନସ ବିଶ୍ୱାଳ)

କର୍ମକ୍ଷେତ୍ର ଭୁବନେଶ୍ୱର ଯିବାକୁ ଘରୁ ବାହାରିଥିଲେ ଯୁବତୀ। ଅନୁଗୋଳ ଜିଲ୍ଲା ତାଳଚେର ଷ୍ଟେଶନରୁ ଟ୍ରେନ୍ ଧରିବାକୁ କରିଥିଲେ ଯୋଜନା। ହେଲେ ସେଠାରେ ଟ୍ରେନ୍ ନ ପାଇ ଅଟୋ ଯୋଗେ ତାଳଚେର ରୋଡ୍ ଷ୍ଟେଶନ ଯାଏ ଯାଉଥିଲେ। କିନ୍ତୁ ଏକା ଥିବାର ସୁଯୋଗ ନେଇ ସମ୍ପୃକ୍ତ ଅଟୋ ଚାଳକ ତାଙ୍କ ସହ କରିଥିଲେ ବଳାତ୍କାର। ଏହାପରେ ତଣ୍ଟିକାଟି ଯୁବତୀଙ୍କ ଜୀବନ ନେବା ପରେ ବଅଁରପାଳ ଥାନା ଭୋଗବେରଣି ପଞ୍ଚାୟତ କେନ୍ଦୁପଲି କେନାଲ ପାର୍ଶ୍ୱରେ ପକାଇ ଫେରାର ହୋଇଯାଇଥିଲେ। ଘଟଣାର ୧୭ ଦିନ ପରେ ଏହି ହତ୍ୟାକାଣ୍ଡର ରହସ୍ୟ ଉପରୁ ଶନିବାର ପରଦା ହଟାଇଛି ପୋଲିସ। ଏଥିସହ ମୁଖ୍ୟ ଅଭିଯୁକ୍ତ ଅନୁଗୋଳ ସଦର ଥାନା ସାକୋସିଙ୍ଗା ଗ୍ରାମର ବିଶ୍ୱ ଗୋଛାୟତ (୨୮)ଙ୍କୁ ଗିରଫ କରାଯାଇଥିବା ଅନୁଗୋଳ ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାହୁଲ ଜୈନ ଏହି ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅଞ୍ଚଳର ସମ୍ପୃକ୍ତା ଯୁବତୀ ଭୁବନେଶ୍ୱରର ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ଏପ୍ରିଲ ୨୬ ତାରିଖରେ ସେ ଟ୍ରେନ୍ ଯୋଗେ ଭୁବନେଶ୍ୱର ଯିବାକୁ ତାଳଚେର ଷ୍ଟେଶନକୁ ଯାଇଥିଲେ। ପରେ ସେଠାରୁ ଅଭିଯୁକ୍ତ ବିଶ୍ୱଙ୍କ ଅଟୋରେ ତାଳଚେର ରୋଡ୍ ଷ୍ଟେଶନକୁ ଯାଉଥିଲେ। ଅଭିଯୁକ୍ତ ବିଶ୍ୱ ତାଙ୍କୁ ଷ୍ଟେଶନରେ ପହଞ୍ଚାଇବା ପରିବର୍ତ୍ତେ ବଅଁରପାଳ ଥାନା ଅଞ୍ଚଳକୁ ନେଇ ବଳାତ୍କାର କରିବା ପରେ ଛୁରିରେ ତଣ୍ଟିକାଟି ହତ୍ୟା କରି ଫୋପାଡ଼ି ଦେଇ ଫେରାର ହୋଇଯାଇଥିଲେ। ଅନ୍ୟପଟେ ଯୁବତୀଙ୍କ ଫୋନ ବନ୍ଦ ଥିବା ଓ ଯୋଗାଯୋଗ ହୋଇ ନ ପାରିବାରୁ ପରିବାର ଲୋକେ ବ୍ୟସ୍ତ ହୋଇପଡ଼ିଥିଲେ। ବହୁ ଖୋଜାଖୋଜି ପରେ ସନ୍ଧାନ ନ ମିଳିବାରୁ ପରିବାର ପକ୍ଷରୁ ତାଳଚେର ରେଳବାଇ ଫାଣ୍ଡି ଓ ବଅଁରପାଳ ଥାନାରେ ଅଭିଯୋଗ କରାଯାଇଥିଲା।



ଅଭିଯୁକ୍ତ ବିଶ୍ୱ ଗୋଛାୟତ।

ଘଟଣା ପରଦିନ ବଅଁରପାଳ ଥାନା କେନ୍ଦୁପଲି ଗ୍ରାମ କେନାଲ ପାଖରୁ ଯୁବତୀଙ୍କ ମୃତଦେହ ପୋଲିସ ଜବତ କରିଥିଲା। ପରିବାର ଲୋକେ ମୃତଦେହ ଚିହ୍ନଟ କରିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୮୩/୨୦୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଉକ୍ତ ଅଟୋକୁ ଜବତ କରିଥିଲେ ହେଁ ଚାଳକ ତଥା ମୁଖ୍ୟ ଅଭିଯୁକ୍ତ ବିଶ୍ୱ ଫେରାର ହୋଇଯାଇଥିବାରୁ ତାଙ୍କର ସନ୍ଧାନ ପାଇପାରି ନ ଥିଲା। ଘଟଣାକୁ ନେଇ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ କରାଯାଉଥିବା ବେଳେ ପୋଲିସ ମଧ୍ୟ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତକୁ ଜୋରଦାର କରିଥିଲା। ଶେଷରେ ମୁଖ୍ୟ ଅଭିଯୁକ୍ତଙ୍କୁ ମହାରାଷ୍ଟ୍ରରୁ ଧରି ଶନିବାର ପୋଲିସ ଅନୁଗୋଳରେ ପହଞ୍ଚିଥିଲା। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ରାଜୀବ ପଣ୍ଡା ଉପସ୍ଥିତ ଥିଲେ।

## ପୋଲିସକୁ ଚକ୍ମା ଦେବାକୁ ସ୍ଥାନ ପରିବର୍ତ୍ତନ

ବଳାତ୍କାର ଓ ହତ୍ୟାକାଣ୍ଡ ଘଟାଇବା ପରେ ଅଭିଯୁକ୍ତ ଅଟୋ ଚାଳକ ବିଶ୍ୱ ପୋଲିସ ଆଖିରୁ ବର୍ତ୍ତିବା ପାଇଁ ଯୋଜନା ପରେ ଯୋଜନା କରୁଥିଲେ। ମୋବାଇଲ ବ୍ୟବହାର କରୁ ନ ଥିବା ବେଳେ ପରିଚୟ ଲୁଚାଇବା ପାଇଁ ଯଥେଷ୍ଟ ସତର୍କତା ଅବଲମ୍ବନ କରି ନିୟମିତ ଭାବେ ସ୍ଥାନ ପରିବର୍ତ୍ତନ କରୁଥିଲେ। ଏପରି କି ଗୋଟିଏ ରାଜ୍ୟରୁ ଆଉ ଏକ ରାଜ୍ୟକୁ ଚାଲିଯାଉଥିଲେ। ସମ୍ପର୍କୀୟ, ବନ୍ଧୁମାନଙ୍କ ସହିତ ମଧ୍ୟ କମ୍ ଯୋଗାଯୋଗ କରୁଥିଲେ। ସେ ପ୍ରଥମେ ନାସିକ, ପରେ ଗୁଜରାଟର ବିଭିନ୍ନ ଜିଲ୍ଲା ଏବଂ ଶେଷରେ ମହାରାଷ୍ଟ୍ର ଯାଇ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ।

# ଅପରେଶନ କୋକୁନ



ଖବରଦାତା ସମ୍ମିଳନୀରେ ଏସ୍‌ପି ଓ ଅତିରିକ୍ତ ଏସ୍‌ପି।

ଅନୁଗୋଳ,୧୭।୫ (ମାନସ ବିଶ୍ୱାଳ)

ଘଟଣାର ମୁଖ୍ୟ ଅଭିଯୁକ୍ତ ବିଶ୍ୱଙ୍କୁ ଧରିବାକୁ ପୋଲିସ ପକ୍ଷରୁ ଅପରେଶନ କୋକୁନ ନାମରେ ଅଭିଯାନ ଆରମ୍ଭ କରାଯାଇଥିଲା। ଏହାକୁ ଗମ୍ଭୀରତାର ସହ ନିଆଯାଇଥିଲା। ଏସ୍‌ପି ରାହୁଲ ଜୈନ ଏହି ଅପରେଶନ କୋକୁନର ଯୋଜନା କରିଥିଲେ। ଏଥିରେ ୨ ଜଣ ଅତିରିକ୍ତ ଏସ୍‌ପି, ଜଣେ ଡିଏସ୍‌ପି, ୪ ଇନ୍ସପେକ୍ଟର, ୫ ଏସ୍‌ଆଇ, ୫ ଏଏସ୍‌ଆଇ, ୨୦ କନଷ୍ଟେବଲ ସାମିଲ ଥିଲେ। ଏସ୍‌ପିଙ୍କ ତତ୍ତ୍ୱାବଧାନରେ ୬ଟି ଟିମ୍ ଗଠନ କରାଯାଇଥିଲା। ବିଭିନ୍ନ ରାଜ୍ୟକୁ ଏହି ଟିମ୍ ଯିବା ସହ ପ୍ରାୟ ୧୦୦୦ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ଏଥିସହ ବିଭିନ୍ନ ଜ୍ଞାନକୌଶଳର ଉପଯୋଗ କରାଯାଇ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିଥିଲା। ଗତ ୧୫ ତାରିଖରେ ୩ଟି ଟିମ୍ ମହାରାଷ୍ଟ୍ରରେ ଏକାଠି ହୋଇଥିଲେ। ୧୬ ତାରିଖ ଭୋର ସମୟରେ ମହାରାଷ୍ଟ୍ର ରାୟଗଡ଼ ପୋଲିସ ସହାୟତାରେ ଅଭିଯୁକ୍ତ ବିଶ୍ୱଙ୍କୁ ଏକ କାରଖାନାରୁ ଗିରଫ କରାଯାଇଥିଲା।

# ହତ୍ୟା ଅଭିଯୁକ୍ତଙ୍କ ମାମଲା ଲଢ଼ିବେନି

**ବଅଁରପାଳ ଓକିଲ ସଂଘର ନିଷ୍ପତ୍ତି**

ବଅଁରପାଳ,୧୭।୫(ସୁବାସ ସାହୁ)

ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅଞ୍ଚଳର ଜଣେ ଯୁବତୀଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ପାଇଁ ମାମଲା ଲଢ଼ିବେନି ବଅଁରପାଳ ଓକିଲ ସଂଘର କୌଣସି ସଦସ୍ୟ। ସଂଘ ପକ୍ଷରୁ ଶନିବାର ଅନୁଷ୍ଠିତ ଏକ ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଛି। ବଅଁରପାଳ ଥାନା ଭୋଗିବେରଣି ପଞ୍ଚାୟତ କେନ୍ଦୁପଲି ନିକଟ କେନାଲ ପାଖରୁ ଯୁବତୀଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଥିଲା ବେଳେ ଏ ନେଇ ଥାନାରେ ନଂ. ୧୮୩/୨୫ରେ ମାମଲା ରୁଜୁ କରାଯାଇଥିଲା। ଇତିମଧ୍ୟରେ ପୋଲିସ ଉକ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିବାରୁ ଓକିଲ ସଂଘର କୌଣସି ସଦସ୍ୟ ଅଭିଯୁକ୍ତଙ୍କ ପାଇଁ ମାମଲା ନ ଲଢ଼ିବାକୁ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିସହ ଅନ୍ୟ କୌଣସି ଓକିଲ ମାମଲା ନ ଲଢ଼ିବାକୁ ଅନୁରୋଧ କରାଯିବ ବୋଲି ସଂଘ ତରଫରୁ ସୂଚନା ଦିଆଯାଇଛି।

# ୩ ମାମଲା, ୩ ସହାୟତାକାରୀ

ଅନୁଗୋଳ,୧୭।୫ (ମାନସ ବିଶ୍ୱାଳ)

ଯୁବତୀଙ୍କୁ ବଳାତ୍କାର ଓ ହତ୍ୟା କରିଥିବା ବିଶ୍ୱ ପୂର୍ବରୁ ମଧ୍ୟ କେତେକ ଅପରାଧ ସହିତ ଜଡ଼ିତ ରହିଛନ୍ତି। ତାଙ୍କ ନାମରେ ରହିଛି ୩ଟି ମାମଲା। ଏଥିରୁ ଅନୁଗୋଳ ଥାନାରେ ୨ଟି ମାମଲା ଥିବାବେଳେ ଗୋଟିଏ ମାମଲା ତାଳଚେର ବିକ୍ରମପୁର ଥାନାରେ ରହିଛି। ସେହିପରି ବଳାତ୍କାର ଓ ହତ୍ୟାକାଣ୍ଡ ପରେ ବିଶ୍ୱଙ୍କୁ ପୋଲିସ ହାତରୁ ରକ୍ଷା କରିବା ପାଇଁ ତାଙ୍କ ବାପା ଜୀବନ ଗୋଛାୟତ, ସମ୍ପର୍କୀୟ ଜେଜେ ତ୍ରିପୁରା ଗୋଛାୟତ ଓ ମାମୁ ବିପିନ ଗୋଛାୟତ ଉଦ୍ୟମ କରିଥିଲେ। ସେମାନଙ୍କୁ ପୋଲିସ ଗିରଫ କରିଛି।


## DIRECTORATE OF AVIATION, ODISHA
## BPI AIRPORT, BHUBANESWAR

No.JJ-11: **ବିଜ୍ଞାପନ**

ଚୌକିଦାର-ଲିଙ୍ଗରାଜ ଭୂୟାଁ, କ୍ୱାର୍ଟର ନମ୍ବର ଏଫ୍-୮୩/୨, ଗ୍ରାମ/ପୋଷ୍ଟ-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା।

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆପଣ ତା.୨୬.୦୮.୨୦୧୯ ଠାରୁ ବେସାମୟିକ ଛୁଟିରେ ଅଛନ୍ତି । ଆପଣ ନିଜ କାର୍ଯ୍ୟରେ ଯୋଗ ନଦେଇ କର୍ତ୍ତବ୍ୟରୁ ଅନଧିକାର ଭାବରେ ଅନୁପସ୍ଥିତ ରହିଅଛନ୍ତି । ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ ଏପର୍ଯ୍ୟନ୍ତ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି କି କୌଣସି ପ୍ରକାର ସ୍ପଷ୍ଟୀକରଣ ଦେଉନାହାନ୍ତି । ଆପଣଙ୍କ ଏତାଦୃଶ୍ୟ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଅଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ଓଡ଼ିଶା ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟରେ ନିଯୁକ୍ତି କରାଯାଇଥିଲା ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ, ବରଂ ଏହା ଚାକିରି ସର୍ତ୍ତାବଳୀର ବିରୁଦ୍ଧାଚରଣ କରୁଅଛି ।

ଏଣୁ ଏହି ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି ସମ୍ବାଦ ପ୍ରକାଶର ପନ୍ଦର ଦିନ (୧୫ ଦିନ) ମଧ୍ୟରେ ଆପଣ ନିଜ କାର୍ଯ୍ୟରେ ଅର୍ଥାତ୍ ବିଜୁ ପଟ୍ଟନାୟକ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ, ଭୁବନେଶ୍ୱରସ୍ଥିତ ଓଡ଼ିଶା ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟରେ ଯୋଗଦାନ କରିବେ, ଏଥିରେ ତ୍ରୁଟି କଲେ ଆପଣଙ୍କ ବିରୁଦ୍ଧରେ ଏକତରଫା ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସ୍ୱା./- ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶକ
ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ,ଓଡ଼ିଶା
OIPR-38001/11/0030/2526 ବି.ପି.ଆଇ. ଏୟାର୍‌ପୋର୍ଟ, ଭୁବନେଶ୍ୱର

## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

No.T-22:ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା ୧୯.୦୫.୨୦୨୫ ରିଖ (ସୋମବାର) ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ତା.୧୬.୦୫.୨୦୨୫ ରିଖ ଦିବା ୧୧ ଘଟିକା ଠାରୁ ଆରମ୍ଭ ହେବ । ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ** (https://janasunani.odisha.gov.in/) ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ । ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ ।

ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0119/2526

## OFFICE OF THE DIVISIONAL FOREST OFFICER (T), BARGARH FOREST DIVISION

Near Gandhi Chowk, PO/Dist.-Bargarh, Pin-768028
email id : dfo.Bargarh@odisha.gov.in

Notice No. 02 Dt. 09.05.2025

### TENDER CALL NOTICE

**No.MM-37** : Sealed tenders are invited from registered agencies for providing manpower services of various categories of trained/experienced persons to work under Bargarh Forest Division, Bargarh for implementation of CAMPA, AJY & Other Schemes on outsourcing basis.

The tender documents (Application form with term & conditions) can be obtained in person from the Section Officer of this Division on working hours from 15 May 2025 to 29 May 2025 or can be downloaded from www.Bargarh.nic.in on payment of Rs. 500/- (Rupees Five Hundred) only non- refundable Demand Draft drawn in favour of the Divisional Forest Officer, Bargarh Forest Division, Bargarh. The application should reach in the O/o the Divisional Forest Officer, Bargarh Forest Division, Bargarh on or before 29.05.2025 upto 1.00 P.M. through Registered Post/Speed Post/Courier Service/ by Person and can also be dropped in the “Tender Box” placed in the office of the Divisional Forest Officer, Bargarh Forest Division, Bargarh. The tender will be opened on 30th May 2025 at 10.00 A.M. in the office of the Divisional Forest Officer (T), Bargarh Forest Division, in the presence of the tenderer or their authorised representative if any. The tender document received beyond the schedule date and time will not be considered at all. Details of personnel to be provided to this Division under CAMPA, AJY & Other Schemes of this Division. (Manpower for other scheme as and when required).

| Sl. No. | Name of the Position | Tentative No. of Personnel |
|---|---|---|
| 1. | **Campa & State Plan** Forest Protection Squad/Wildlife Protection-Cum-Anti-Depredation Squad / Elephant Squad / Afforestation Monitor / GIS Expert / IPCEA Squad | 92 |
| 2 | **AJY** AJY Co-ordinator/DEO Accountant/DEO | 06 |

The undersigned reserves the right to accept or reject any or all the tenders without assigning any reason thereof. The number of personnel’s may vary as per requirement.

Sd./- Divisional Forest Officer
OIPR-08057/11/0008/2526 Bargarh Forest Division

## OFFICE OF THE NOTIFIED AREA COUNCIL : CHANDBALI

E.Mail : chandbali.nac@gmail.com, Pin : 756133 (Odisha)

**E-Procurement Notice**

Tender Call Notice No. : 1143/CNB-SAN-01/2025-26/
No.C-324 Date : 15.05.2025

| | | |
|---|---|---|
| 1. | Name of the Work | Manpower supply for Sanitation Work |
| 2. | No. of works put to Tender | 01 No. individual works |
| 3. | Estimated Cost | **Rs.1,91,17,191.00** |
| 4. | Period of completion | 365 Days |
| 5. | Date and time of availability | from 10:00 hours of Dt.17.05.2025 to 17.00 hours of Dt.31.05.2025 bid document in the portal |
| 6. | Last date/Time for receipt bids | 17:00 hours of Dt.31.05.2025 |
| 7. | Date and time of opening of bid | 11:00 hours of Dt.02.06.2025 |
| 8. | Name and address of the Officer Inviting Bid | Executive Officer, Chandbali NAC, Chandbali |

Further details can be seen from the e-procurement portal https://tendersodisha.gov.in

Sd./- Executive Officer
OIPR-13129/11/0005/2526 Chandbali NAC

## OFFICE OF THE EXECUTIVE ENGINEER RURAL WORKS DIVISION, PADAMPUR

No.O-163 **1st Corrigendum to Tender call notice No. Online 02 of 2025-26**

A. Due to some unavoidable circumstances the critical dates have been changed as given below.

| Sl. No. | Schedule of dates | As per the Tender call Notice | As per 1st corrigendum |
|---|---|---|---|
| 1 | 2 | 3 | 4 |
| 1. | Date & Time of availability of bid document in the portal | 08.05.2025 at 10.00 A.M. | **16.05.2025 at 03.00 P.M.** |
| 2. | Last date & Time for receipt of bids in the portal | 17.05.2025 upto 05.00 P.M. | **26.05.2025 upto 05.00 P.M.** |
| 3. | Last date of seeking clarification | 16.05.2025 upto 0.00 P.M. | **23.05.2025 upto 5.00 P.M.** |
| 4. | date & Time of bid opening | 19.05.2025 at 10.00 A.M. | **28.05.2025 at 10.00 A.M.** |

B. Due to some administrative reasons the tenders for Sl. no. 5, 6, 7, 8, 9 are hereby cancelled.

All other terms and conditions remains unchanged.

Sd./- Executive Engineer,
OIPR-25069/11/0028/2526 Rural Works Division, Padampur

No.C-329

## CUTTACK MUNICIPAL CORPORATION

### “e” PROCUREMENT NOTICE

Tender Call Notice No. 6031 (PW) Date : 15.05.2025
Tender ID : 2025_ORULB_113117 (Two Bid)
Civil work - 1 No.
Date and Time schedule :

| Start | End | Opening |
|---|---|---|
| 5.00 P.M. on dt.18.05.2025 | 5.00 P.M. on dt.04.06.2025 | 12:00 P.M. on dt.06.06.2025 |

Tender Details : Can be seen from the procurement portal : www.tendersorissa.gov.in

Sd./- Executive Engineer
City Division-III, CMC
OIPR-13031/11/0181/2526

## ZILLA SWASTHYA SAMITI, BHADRAK DISTRICT PROGRAMME MANAGEMENT UNIT, NHM O/O - CDM&PHO, DIST.-BHADRAK

**NOTICE**

Advt. No. 07/2025 Date : 16.05.2025

**No.E-93** : In Pursuance to the Advertisement No. 15/2024 Dated 14.11.2024 of CDM & PHO, Bhadrak, the date of document verification & detailed for the selection through In-house process has been uploaded in the district website i.e https://bhadrak.odisha.gov.in/. **Interested Candidates may visit in the district website for details.**

Sd./- CDM & Public Health Officer-cum-DMD, Bhadrak
OIPR-10123/11/0012/2526

## GOVERNMENT OF ODISHA DEPARTMENT OF WATER RESOURCES

Office of the Additional Chief Engineer, Drainage Circle, Balasore

No.A-177 Email id : sedebls@yahoo.com

“e” PROCUREMENT NOTICE NO. ACEDCBLS-05/2025-26

| | | |
|---|---|---|
| 1 | Name of work | Drainage works (Under D.I.P. Scheme) |
| 2 | Total No. of Project | 2 Nos. of Individual work |
| 3 | Estimated cost of individual works | Varies from Rs.2,93,61,803/- to Rs.3,49,66,194/- (Excluding G.S.T.) |
| 4 | Period of completion | 11 (Eleven) Calendar months |
| 5 | Bid Identification Number | ACEDCBLS/DDJPR-01-05/2025-26 ACEDCBLS/DDJPR-02-05/2025-26 |
| 6 | Date & Time of availability of Bid document in the Portal | From Dt.19.05.2025 at 10.00 hours to Dt.02.06.2025 at 17.00 hours |
| 7 | Date of Opening of technical bid | Dt.03.06.2025 at 11.30 hours in the Office of the Additional Chief Engineering, Drainage Circle, Balasore |
| 8 | Date of Opening of Financial bid | To be uploaded in portal |
| 9 | Class of Contractor | Sl. No.-1 : ‘B’ & ‘A’ Class Sl. No.-2 : ‘A’ Class |
| 10 | Bid Security/EMD | Sl No. : Rs.2,93,619.00 Sl. No.-2 : Rs.3,49,662.00 |
| 11 | Date of Lottery (if required) | To be notified |
| 12 | Procurement Officer/ Name & address of the officer inviting Bids | Additional Chief Engineer, Drainage Circle, Balasore |

Further details can be seen from the Govt. Website www.tendersorissa.gov.in

Sd./- Additional Chief Engineer
OIPR-32190/11/0017/2526 Drainage Circle, Balasore

## DISTRICT EDUCATION OFFICE, KENDRAPARA, PM POSHAN-MDM

At-Pandiri, Po-Thakurpatna, Dist-Kendrapara, State-Odisha, Pin-754250
Email-mdmkendrapara17@gmail.com

Order No. : 3758/M Date : 15.05.2025

**SHORT TENDER CALL NOTICE FOR ENGAGEMENT OF TRANSPORTING AGENT UNDER PRADHAN MANTRI POSHAN AND MUKSHYA MANTRI POSHAN YOJANA - MDM PROGRAMME OF KENDRAPARA DISTRICT FOR THE YEAR 2025-26**

**No.n-47** : Sealed tenders in prescribed format under two bid system are invited from intending registered firms/authorized licensed Transport Contractor/Agents having valid TIN, PAN, GST clearance for undertaking transportation of rice under PM Poshan (MDM) feeding programme in Kendrapara district from 01.05.25 to 31.03.26 for the year 2025-26. The cost of tender paper is **Rs.15,000/-** which can be deposited in shape of Banker cheque or Bank Draft drawn in favour of DPMU MDM Kendrapara. The Banker Cheque or Bank Draft should be enclosed with the technical bids. Last date and time for receipt of tender paper is 04.06.25 by 1.00 P.M. positively. The quotations must be sent **through Registered Post/ Speed Post only** addressed to District Education Officer Cum District Nodal Officer (MDM) At- Duhuria, Po-Pandiri, Dist : Kendrapara, PIN-754250. Sending of quotations through couriers or by hand is not allowed. **This office will not be responsible for any postal delay**. The tender paper should be submitted in sealed cover superscribing as “TENDER FOR UNDERTAKING TRANSPORTATION WORK UNDER MDM FEEDING PROGRAMME IN KENDRAPARA DISTRICT 2025-26”.

The authority reserves the right to reject any or all the tenders without assigning any reason thereof. For the details of the tender call notice and downloading the tender paper (bid documents) containing detailed specification with terms and conditions please visit Kendrapara district website https://.kendrapara.odisha.gov.in

*By Order of Collector Cum Chairman, PM Poshan-MDM, Kendrapara*
District Education Officer-Cum-District Nodal Officer, PM Poshan-MDM, Kendrapara
OIPR-27017/11/0004/2526

## OFFICE OF THE MUNICIPAL COUNCIL : KEONJHARGARH

email - keonjharm.hud@rediffmail.com

**Invitation for Bids (IFB) ‘e’ Procurement NOTICE**
**Bid Identification No. ODULB_KGM-03/2025-26**
**Letter No.3336/KGM/Date.14.05.2025**

**No.C-327** : On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in **Double cover system,** through e-Procurement.

1. Nature of work : **Civil Work**
2. No. of Work : **1 No.**
3. Value of works : **Rs.96,44,000/-**
4. Date & Time of availability of Bid document in the portal : From **16.05.2025** at 11.00 A.M. up to **04.06.2025** at 5.30 P.M.
5. Date of Opening of bid in portal : **09.06.2025** at 11.00 A.M.
6. Name & address of the officer Inviting Bid : EO, Keonjhargarh Municipality

Further details can be seen from Website : www.tendersodisha.gov.in

Sd./- Executive Officer
OIPR-13115/11/0027/2526 Keonjhargarh Municipality

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ର ସଂଖ୍ୟା ୮୪ ତା.୯.୫.୨୫

**ବିଜ୍ଞାପନ**

**No.CAD-434**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତା ତିଳୋତମା ମିଶ୍ରଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ-୰ ତିଳୋତମା ମିଶ୍ର ସ୍ୱାମୀ-୰ ଲୋକନାଥ ମିଶ୍ର ୨. ଘନଶ୍ୟାମ ମିଶ୍ର ପିତା-୰ ଲୋକନାଥ ମିଶ୍ର ସା/ପୋ/ଥାନା/ଜିଲ୍ଲା-ନୟାଗଡ଼ | ଘର ନଂ.ଏଚ.ଆଇ.ଜି (ଡି) ୨୧୩, (HIG-D-213) ଧର୍ମବିହାର, କାଳମରା, ଭୁବନେଶ୍ୱର,ଜିଲ୍ଲା-ଖୋର୍ଦ୍ଧା | ୧.ଘନଶ୍ୟାମ ମିଶ୍ର (ପୁତ୍ର) ୨.ସରୋଜିନୀ ଦାସ (ବି.କନ୍ୟା) ୩.ସନ୍ଧ୍ୟାରାଣୀ ପଣ୍ଡା (ବି.କନ୍ୟା) |

ସ୍ୱା./- ପ୍ରଶାସନିକ ଅଧିକାରୀ
OIPR-13030/11/0616/2526 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ର ସଂଖ୍ୟା ୮୦ ତା.୧.୫.୨୦୨୫

**ବିଜ୍ଞାପନ**

**No.CAD-430**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ-୰ ଦିଲ୍ଲୀପ କୁମାର ବେହେରା ପିତା-୰ ଶାନ୍ତି ନିଧି ବେହେରା ସା-ମଣ୍ଡାପଡା ପୋ-ଦୌଲତାବାଦ, ଥାନା-ଚୌଦ୍ୱାର, ଜିଲ୍ଲା-କଟକ | ଘର ନଂ.ଭି.ଆଇ.ଏମ-୪୨୧ (VIM-421), ଚନ୍ଦ୍ରଶେଖରପୁର ଷଷ୍ଠ ପର୍ଯ୍ୟାୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା | ୧.ଦୀପକ କୁମାର ବେହେରା (ପୁତ୍ର) ୨.ବନ୍ଦିତା ବେହେରା (ସ୍ତ୍ରୀ) |

ସ୍ୱା./- ପ୍ରଶାସନିକ ଅଧିକାରୀ
OIPR-13030/11/0612/2526 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

ପତ୍ରସଂଖ୍ୟା ୭୮ ତା.୨୮.୪.୨୫

**ବିଜ୍ଞାପନ**

**No.CAD-432**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଫ୍ଲାଟ ନଂ.-ଏମ୍‌ଆଇଜି-୭୯/୧ (MIG-79/1), ଚନ୍ଦ୍ରଶେଖରପୁର ଫେଜ୍-୧, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ କବିତା ସିଂ, ସ୍ୱାମୀ-ଦୁର୍ଗାପ୍ରସାଦ ସିଂ, ସା-ଗୁଣ୍ଡି, ପୋ-ସଂସାରଫକ, ଥାନା-ପଟ୍ଟାମୁଣ୍ଡାଇ, ଜିଲ୍ଲା-କେନ୍ଦ୍ରାପଡାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା କବିତା ସିଂ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଜିତେନ୍ଦ୍ର କୁମାର ରାଉଳ, ପିତା-ରବିନାରାୟଣ ରାଉଳ, ସା-ବଡ଼ବନ୍ଧ ସାହି, ନୂଆ ଆଳିତୁମା, ଥାନା-କାମାକ୍ଷାନଗର, ଜିଲ୍ଲା-ଢେଙ୍କାନାଳଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ପ୍ରଶାସନିକ ଅଧିକାରୀ
OIPR-13030/11/0614/2526 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

idco Your power to grow | ODISHA NEW OPPORTUNITIES No.CAD-425

## OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR-751022

Tender Call Notice No. H.O./P&C/EST-E-2189/01/2023/ 13803 Dated:13.05.2025

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

| Sl. No. | Name of Work | Estimated Cost (Approx.) | EMD | Cost of Bid document | Period of Completion | Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | “Design, Supply, Installation, Testing and Commissioning of Common Effluent Treatment Plant (CETP) alongwith 5 (Five) years of Operation and Maintenance period for Food Processing Industries in MITS FOOD Park in Rayagada in Odisha on turn key basis.” | Rs.6.03 Cr. (Excluding GST) | @1% of the estimate cost put to tender | Rs.11,800/- (On-Line including GST) | 06 (Six) Calendar Months | Experienced Agencies/ Firms/ Companies or “A” Class & “Special” Class Contractors of PWD & Equivalent Class of other Departments |

The Bid document comprising of detailed eligibility criteria, scope of the work, land details, Instruction to bidders etc. can be downloaded from the website www.tendersodisha.gov.in from 5 PM of Dt.20.05.2025 to 5 PM of Dt.09.06.2025. Corrigendum or addendum if any will not be published in newspapers and can only be seen in the e-Procurement portal www.tenderodisha.gov.in as well as IDCO website www.idco.in.

OIPR-14003/11/0157/2526 Sd./- Chief General Manager (P&C)

## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, କଳାହାଣ୍ଡି
## OFFICE OF THE SUPERINTENDING ENGINEER, MINOR IRRIGATION DIVISION, KALAHANDI

BHAWANIPATNA, PIN-766001, email: eemikldbpt@gmail.com

Letter No.1939 Date:16.5.2025

### 1st Corrigendum Notice Vide TCN No.01/2025-26

No.A-192:There are some changes in date and time of publication, Opening & Lottery for Tender Call Notice No. TCN No.01 of 2025-26 for 2 Nos. of works as details below due to some unavoidable circumstances.

| | Old Date & Time as per Notice | New/Modified Date & Time |
|---|---|---|
| Last date/Time of receipt bids in the portal | 25.05.2025, 5.00 PM | 26.05.2025, 5.00 PM |
| Date of Opening of Bids | 28.05.2025, 11.00 AM onwards | 28.05.2025, 11.00 AM onwards |
| Date of Transparent Lottery | 08.06.2025, 11.00 AM or Onward | 10.06.2025, 10.30 AM or Onwards |

** Other Terms & Condition remain unchanged.

OIPR-32035/11/0021/2526 Sd./-Superintending Engineer, M.I. Division, Kalahandi





# ନିଷ୍କ୍ରିୟ ହୋଇଥିଲା ପାକ୍‌ର ୬୦୦ ଡ୍ରୋନ୍

ମେ' ୮ ଓ ୯ ତାରିଖ ରାତିରେ ପାକିସ୍ତାନ ୪୦୦ ତୁର୍କୀ ନିର୍ମିତ ଡ୍ରୋନ୍‌ସମେତ ପ୍ରାୟ ୬୦୦ ଡ୍ରୋନ ଭାରତୀୟ ସାମରିକ ପ୍ରତିଷ୍ଠାନଗୁଡ଼ିକ ସମେତ ଜମ୍ମୁ-କଶ୍ମୀର, ରାଜସ୍ଥାନ ଏବଂ ପଞ୍ଜାବର ୩୬ ସହର ଉପରେ ଛାଡ଼ିଥିଲା। ତେବେ ଭାରତୀୟ ସଶସ୍ତ୍ର ବଳର ଏୟାର ଡିଫେନ୍ସ ସିଷ୍ଟମ୍ ଶ୍ରୀନଗରଠାରୁ ନେଇ ଜୈସାଲମେର ଓ ପଠାନ୍‌କୋଟ୍ ପର୍ଯ୍ୟନ୍ତ ସବୁଠୁ ସେଗୁଡ଼ିକୁ ନିଷ୍କ୍ରିୟ କରିଦେଇଥିଲା। ସେହିପରି ୮ ମିଶାଇଲ ଓ ୩ ଫାଇଟର ଜେଟ୍‌କୁ ମଧ ଏସ୍-୪୦୦ 'ସୁଦର୍ଶନ ଚକ୍ର' ଦ୍ୱାରା ଖସାଇଦେଇଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମେ' ୬ ବିଳମ୍ବିତ ରାତିରେ ଭାରତୀୟ ସଶସ୍ତ୍ର ବଳର 'ଅପରେଶନ୍ ସିନ୍ଦୂର' ଏବଂ ତତ୍ ପରବର୍ତ୍ତୀ ସାମରିକ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ଅନେକ ସହରର ପ୍ରଭୂତ କ୍ଷତି ସାଧିତ ହୋଇଛି। ପାକିସ୍ତାନୀ ସେନା ଏଥିରେ ଆହୁରି ଉତ୍‌କ୍ଷିପ୍ତ ହୋଇ ଭାରତକୁ ତୁହାକୁ ତୁହା ଯୁଦ୍ଧାସ୍ତ୍ର ନିକ୍ଷେପ କରିଚାଲିଥିଲା। ଶତ୍ରୁପକ୍ଷର ଟାର୍ଗେଟରେ ରହିଥିଲା ଅବନ୍ତିପୁରା, ଶ୍ରୀନଗର, ଜମ୍ମୁ-ପଠାନ୍‌କୋଟ୍, ଅମୃତସର, କପୁରଥାଲା, ଜଳନ୍ଧର, ଲୁଧିଆନା, ଆଦମ୍‌ପୁର, ବଠିଣ୍ଡା, ଚଣ୍ଡିଗଡ଼, ନାଲ୍, ଫଲୋଡ଼ି, ଉତ୍ତରଲାଇ ଓ ଭୁଜ୍। ଏହି ସହରଗୁଡ଼ିକୁ ଆକ୍ରମଣ କରିବାକୁ ଯାଇ ପାକିସ୍ତାନ ଆସିଗାର୍ଡ ସୋନାର ଡ୍ରୋନ୍ ବ୍ୟବହାର କରିଥିଲା। ୫ କି.ମି. ରେଞ୍ଜ ବିଶିଷ୍ଟ ଏହି ଡ୍ରୋନ୍‌କୁ ସାମରିକ ଓ ସୁରକ୍ଷା ଅପରେଶନ୍ ସମୟରେ ଉଭୟ ଦିନ ଓ ରାତି ବେଳେ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟରେ ନିୟୋଜିତ କରାଯାଇଥାଏ। ଶତ୍ରୁପକ୍ଷର ଯୁଦ୍ଧାସ୍ତ୍ରକୁ ପ୍ରତିହତ କରିବା ପାଇଁ ଭାରତ ଏସ୍-୪୦୦ ଟ୍ରିଉମ୍ଫ ମିଶାଇଲ ସିଷ୍ଟମ, ବାରାକ୍-୮ ମିଶାଇଲ, ଆକାଶ ସେର୍ଫେସ-ଟୁ-ଏୟାର ମିଶାଇଲ ଏବଂ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ପ୍ରତିଷ୍ଠାନ (ଡିଆର୍‌ଡିଓ) ଦ୍ୱାରା ବିକଶିତ ଆଣ୍ଟି-ଡ୍ରୋନ୍ ଟେକ୍ନୋଲୋଜିର ଉପଯୋଗ କରିଥିଲା।



## ଏସ୍-୪୦୦: ସୁଦର୍ଶନ ଚକ୍ର

ଜମ୍ମୁ-କଶ୍ମୀର, ପଞ୍ଜାବ, ରାଜସ୍ଥାନ ଓ ଗୁଜରାଟର ସହରଗୁଡ଼ିକ ଆଡ଼କୁ ମେ ୮ ତାରିଖ ଭୋର ସମୟରେ ମୁହାଁଉଥିବା ପାକିସ୍ତାନୀ ଯୁଦ୍ଧାସ୍ତ୍ରଗୁଡ଼ିକୁ ପ୍ରତିହତ କରିବା ପାଇଁ ଭାରତୀୟ ବାୟୁସେନା ରୁଷିଆ ନିର୍ମିତ ଏସ୍-୪୦୦ ମିଶାଇଲ୍ ସିଷ୍ଟମ୍ ବା 'ସୁଦର୍ଶନ ଚକ୍ର' ବ୍ୟବହାର କରିଥିଲା। ଏହା ବଳରେ ପାକିସ୍ତାନୀ ମିଶାଇଲକୁ ଖସାଇ ଦିଆଯାଇଥିଲା।

## ୧୪୦ ଆତଙ୍କବାଦୀ ସଫା

ପହଲ୍‌ଗାମ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ମେ ୬ ତାରିଖ ମଙ୍ଗଳବାର ବିଳମ୍ବିତ ରାତିରେ ଭାରତୀୟ ସେନା ପକ୍ଷରୁ କରାଯାଇଥିବା 'ଅପରେଶନ ସିନ୍ଦୂର'ରେ କାନ୍ଦାହାର ବିମାନ ଅପହରଣର ମାଷ୍ଟର ମାଇଣ୍ଡ୍ ୟୁସୁଫ୍ ଅଜହର, ଲଶ୍କର-ଇ-ତୋଇବାର ମୁରିଦକେ ହେଡ୍‌କ୍ୱାର୍ଟର୍ସର ମୁଖ୍ୟ ଅବୁ ଜୁନ୍ଦଲ ଓରଫ ମୁଦାସାରଙ୍କ ସମେତ ପ୍ରାୟ ୧୪୦ ଆତଙ୍କବାଦୀ ନିହତ ହୋଇଛନ୍ତି। ଭାରତ ଉପରେ ଆକ୍ରମଣରେ ସମ୍ପୃକ୍ତ ଥିବା ଶତାଧିକ ଦୁର୍ଦ୍ଧର୍ଷ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି ଓ ସେମାନଙ୍କ ଭିତ୍ତିଭୂମି ମାଟିରେ ମିଶିଯାଇଛି। ଏହାସହ ଜିହାଦି କମାଣ୍ଡରମାନଙ୍କ ମୃତ୍ୟୁ ପାକିସ୍ତାନର ସେନା-ଆତଙ୍କବାଦୀ ମଧୁଚନ୍ଦ୍ରିକାକୁ ଶକ୍ତ ଧକ୍କା ହୋଇଛି।

## ଝଲକଦେଖାଇଛୁ, ସିନେମା ବାକି ଅଛି: ରାଜନାଥ




ଅପରେଶନ ସିନ୍ଦୂରରେ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ବ୍ୟବହାର ପାକିସ୍ତାନକୁ ଅନ୍ଧାର ରାତିରେ ଦିନର ଆଲୋକ ଦେଖାଇଥିଲା। ଅସ୍ତ୍ରବିରତି ଅର୍ଥ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ ନୁହେଁ। 'ଅପରେଶନ ସିନ୍ଦୂର' ଏବେ ମଧ ଜାରି ରହିଛି। ଯଦି ପାକ୍ ଆଚରଣରେ ଉନ୍ନତି ନ ଆସେ ତେବେ କଠୋରତମ ଦଣ୍ଡ ଦିଆଯିବ। ଆମ କାର୍ଯ୍ୟାନୁଷ୍ଠାନ କେବଳ ଏକ ଟ୍ରେଲର ଥିଲା। ଆବଶ୍ୟକ ପଡ଼ିଲେ ପୂରା ସିନେମା ଦେଖାଇବୁ ବୋଲି ଗୁଜରାଟର ଭୁଜ୍ ବାୟୁସେନା ଷ୍ଟେଶନରେ ବାୟୁବୀରଙ୍କୁ ଉଦ୍‌ବୋଧନ ଦେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ଆକ୍ରମଣ କରି ଆତଙ୍କବାଦର ମୂଳୋତ୍ପାଟନ କରିବା ନୂଆ ଭାରତର ନୂଆ ନୀତି ବୋଲି ସେ ସ୍ପଷ୍ଟ କରିଛନ୍ତି।

## ଆତଙ୍କବାଦ ବିରୋଧରେ ପାକିସ୍ତାନକୁ ସ୍ପଷ୍ଟ ସନ୍ଦେଶ: ଜୟଶଙ୍କର





'ଅପରେଶନ୍ ସିନ୍ଦୂର' ହେଉଛି ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାକିସ୍ତାନକୁ ଆତଙ୍କବାଦ ବିରୋଧରେ ଭାରତର ସ୍ପଷ୍ଟ ସନ୍ଦେଶ। ଭାରତୀୟ ସଶସ୍ତ୍ର ବଳ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପୂର୍ବରୁ ପାକିସ୍ତାନ ଏବଂ ପିଓକେରେ ଆତଙ୍କବାଦୀଙ୍କ ଭିତ୍ତିଭୂମିଗୁଡ଼ିକୁ ଧ୍ୱସ୍ତବିଧ୍ୱସ୍ତ କରାଯାଉଥିବା ବିଷୟ ଇସ୍‌ଲାବାଦକୁ ଜଣାଇ ଦିଆଯାଇଥିଲା ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। ସେହିପରି ରକ୍ତପାତ ଓ ଆଲୋଚନା ଏକସଙ୍ଗେ ଚାଲିପାରିବ ନାହିଁ ବୋଲି ମଧ ଜୟଶଙ୍କର ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି) ପ୍ରସଙ୍ଗରେ ରୋକ୍‌ଠୋକ୍ ଶୁଣାଇଦେଇଛନ୍ତି।

































# ବିଦେଶରେ ପାଠପଢ଼ା



**ଏକ ସଫଳ କ୍ୟାରିୟର ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଲକ୍ଷ୍ୟରେ ବିଦେଶରେ ପାଠ ପଢ଼ିବା ଅନେକ ଛାତ୍ରୀଛାତ୍ରଙ୍କ ସ୍ୱପ୍ନ ଯଦିଓ ଏହା କେତେଜଣଙ୍କ ପାଇଁ ରୋମାଞ୍ଚକ ହେଲେ ଏଥିରେ ଅନେକ ଚ୍ୟାଲେଞ୍ଜ ମଧ୍ୟ ରହିଥାଏ...**

ହାୟର ଷ୍ଟଡି କରି ଜବ୍ ପାଇଁ ଗ୍ଲୋବାଲ୍ ଏକ୍ସପୋଜର୍ ପାଇବା ଲକ୍ଷ୍ୟରେ ଏବେ ଅନେକ ଛାତ୍ରୀଛାତ୍ର ବିଦେଶରେ ପଢିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ଆବ୍ରାଜନ୍ ବ୍ୟୁରୋ ଦ୍ୱାରା ହୋଇଥିବା ଏକ ରିସର୍ଚ୍ଚ ରିପୋର୍ଟ ମୁତାବକ ୨୦୨୪ରେ ଭାରତରୁ ପାଠ ପଢା ପାଇଁ ବିଦେଶ ଯାଇଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ପ୍ରାୟ ୧୩ ଲକ୍ଷ। ହେଲେ ବାହାର ଦେଶକୁ ଯାଇ ପାଠ ପଢିବା ସମସ୍ତଙ୍କ ପାଇଁ ସହଜ ନୁହେଁ। ଏଥିପାଇଁ ଅନେକ ଚ୍ୟାଲେଞ୍ଜ ରହିଥାଏ। ତେଣୁ ଠିକ୍ ଭାବେ ପୂର୍ବପ୍ରସ୍ତୁତି କରିଥିଲେ ଏହି କାର୍ଯ୍ୟ ମଧ୍ୟ ସହଜ ହୋଇପାରେ।

– ଏଥିପାଇଁ ପ୍ରଥମେ କେଉଁ ଦେଶରେ ଏବଂ କେଉଁ କ୍ଷେତ୍ରରେ ଅଧ୍ୟୟନ କରିବାକୁ ଚାହୁଁଛନ୍ତି ନିର୍ଦ୍ଧାରୀତ କରିବା ଦରକାର।

– ଭିଜା ମଧ୍ୟ ଯଥେଷ୍ଟ ପୂର୍ବରୁ ପ୍ରସ୍ତୁତ କରି ରଖିବା ଜରୁରୀ।

– ଠିକ୍ ୟୁନିଭର୍ସିଟି ଚୟନ କରିବା ମଧ୍ୟ ସବୁଠୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଉକ୍ତ ଶିକ୍ଷାନୁଷ୍ଠାନରେ ଆଡ୍‌ମିଶନ୍ ପାଇଁ ସମସ୍ତ ଏଲିଜିବିଲିଟି କ୍ରାଇଟେରିଆ ଏବଂ ଆବଶ୍ୟକ ଡକ୍ୟୁମେଣ୍ଟ ସମ୍ପର୍କରେ ପୂର୍ବରୁ ଭଲ ଭାବେ ଜାଣିବା ଦରକାର। ଏଥିପାଇଁ କ୍ୟାରିୟର କାଉନ୍ସିଲର କିମ୍ବା ଏକ୍ସପର୍ଟଙ୍କ ସହାୟତା ନେଲେ ଅଧିକ ଉପକୃତ ହୋଇପାରିବେ।

**କ'ଣ ରହିଛି ଚ୍ୟାଲେଞ୍ଜ:** ନିଜ ଘରଠାରୁ ପାଖରେ ପାଠ ପଢ଼ିବା ସବୁଠୁ ସହଜ। ହେଲେ ଘରଠାରୁ ଦୂରରେ, ବିଶେଷକରି ବିଦେଶରେ ରହି ପାଠ ପଢ଼ିବାରେ ଅନେକ ବାଧାବିଘ୍ନ ବା ଚ୍ୟାଲେଞ୍ଜ ଆସିପାରେ। ଜାଣନ୍ତୁ ଏଥିରେ କ'ଣ ସବୁ ଚ୍ୟାଲେଞ୍ଜ ରହିଛି ଏବଂ ଏହାକୁ ଦୂର କରି ନିଜ ଲକ୍ଷ୍ୟ ହାସଲ କରିବାର ସହଜ ଉପାୟ...

**ଭାଷା:** ଇଂଲିଶ୍‌ରେ ଦକ୍ଷତା ଥିଲେ ଯେକୌଣସି ଦେଶରେ ପାଠ ପଢ଼ିବା କଷ୍ଟ ନୁହେଁ। ତଥାପି ବାହାର ଦେଶକୁ ଗଲେ ସେଠାକାର ଲୋକାଲ୍ ଲାଙ୍ଗୁଏଜ୍ ନ ଜାଣିଲେ ରହିବା, ଅନ୍ୟମାନଙ୍କ ସହ କଥା ହେବା, ଯୋଗାଯୋଗ କରିବା କଷ୍ଟ ହୋଇଥାଏ। ତେଣୁ ବିଦେଶରେ ପଢ଼ିବା ବେଳେ ଏହା ଏକ ବଡ଼ ଚ୍ୟାଲେଞ୍ଜ ହୋଇପାରେ।

**ଅର୍ଥ:** ବିଦେଶରେ ପଢୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ କେତେଜଣଙ୍କୁ ସରକାରଙ୍କ ପକ୍ଷରୁ ଛାତ୍ରବୃତ୍ତି ବା ସ୍କଲାରଶିପ୍ ମିଳିଥାଏ। ହେଲେ ଅନେକେ ବିନା ଛାତ୍ରବୃତ୍ତିରେ ହାୟରଷ୍ଟଡି ପାଇଁ ବିଦେଶ ଯାଇଥାନ୍ତି ; ଯାହାଙ୍କ ମଧ୍ୟରୁ ଅନେକଙ୍କୁ କାହାଠାରୁ ଉଧାର ଆଣିବାକୁ ପଡ଼ିଥାଏ କିମ୍ବା ଷ୍ଟଡିଲୋନ୍ ମଧ୍ୟ କରିବାକୁ ପଡ଼ିଥାଏ। ଏମିତିରେ କେତେକଙ୍କ ପାଇଁ ଅର୍ଥ ଅଭାବ ଏକ ବଡ଼ ଚ୍ୟାଲେଞ୍ଜ ହୋଇପାରେ।

**ଏକଲାପଣ:** ବିଦେଶରେ ପାଠ ପଢ଼ିବା ପାଇଁ ଅନେକ ଯୁବତୀ ଯୁବକଙ୍କୁ ପରିବାରଠାରୁ ଦୂରରେ ରହିବାକୁ ହୋଇଥାଏ। ହେଲେ ଅନେକ ଏମିତି ଅଛନ୍ତି, ଯେଉଁମାନେ ବାହାରେ ରହିଲେ ମଧ୍ୟ ଘରଲୋକ ଏବଂ ସାଙ୍ଗସାଥୀଙ୍କୁ ମିସ୍ କରିଥାନ୍ତି। ଫଳରେ ସେମାନେ ସବୁବେଳେ ଏକୁଟିଆ ଅନୁଭବ କରିଥା'ନ୍ତି, ଯଦ୍ୱାରା ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଥାଏ।

**ଆଡ୍‌ଜଷ୍ଟମେଣ୍ଟ:** ସମସ୍ତଙ୍କୁ ସବୁବେଳେ ଯେ ଅନୁକୂଳ ପରିବେଶ ମିଳିବ ତାହା କହିବା ସହଜ ନୁହେଁ। ତେଣୁ ବାହାରେ ପଢ଼ିବା ବେଳେ ଯଦି ସେଠାକାର ପରିବେଶ ଏବଂ ପରିସ୍ଥିତି ପ୍ରତିକୂଳ ହୁଏ, ତେବେ ସେଠାରେ ନିଜକୁ ଆଡ୍‌ଜଷ୍ଟ କରି ପଢ଼ିବା ସବୁଠୁ ବଡ଼ ଚ୍ୟାଲେଞ୍ଜ ହୋଇପାରେ।

**ଏମିତି କରନ୍ତୁ ସମାଧାନ:**

– ଯେହେତୁ ବାହାରେ ରହି ପଢ଼ିବାବେଳେ ଭାଷାଗତ ବିବିଧତା ଏକ ବଡ଼ ଚ୍ୟାଲେଞ୍ଜ ହୋଇପାରେ, ତେଣୁ ଯେଉଁ ଦେଶରେ ପଢ଼ିବା ପାଇଁ ପ୍ରସ୍ତୁତ ହେଉଛନ୍ତି, ଯେପରି ସେଠାରେ ପହଞ୍ଚିବା ପରେ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ; ସେଥିପାଇଁ ପୂର୍ବରୁ ଭାଷା ଶିଖିବା ଦରକାର। ସେହିପରି ସେଠାକାର ସଂସ୍କୃତି ଓ ପରମ୍ପରା ବିଷୟରେ ମଧ୍ୟ ପୂର୍ବରୁ କିଛି କିଛି ଜାଣିଥିଲେ ଭଲ।

– ବାହାରେ ପାଠ ପଢ଼ିବା ଅପେକ୍ଷାକୃତ ମହଙ୍ଗା ହୋଇଥିବାରୁ ସମସ୍ତଙ୍କ ଘରେ ଆବଶ୍ୟକ ଅର୍ଥ ଯୋଗାଇ ଦେବାର ସାମର୍ଥ୍ୟ ନ ଥାଏ। ତେଣୁ ଯଦି ଛାତ୍ରବୃତ୍ତିରେ ହେଉ କିମ୍ବା ଷ୍ଟଡିଲୋନ୍ କରି ବାହାର ଦେଶରେ ପଢୁଛନ୍ତି, ତେବେ କେବଳ ପଢ଼ାଖର୍ଚ୍ଚ ଏବଂ ରହିବା, ଖାଇବା ଖର୍ଚ୍ଚକୁ ହିଁ ଗୁରୁତ୍ୱ ଦିଅନ୍ତୁ। ଏହା ବାଦ୍ ଅନ୍ୟ ଯେଉଁ ଖର୍ଚ୍ଚ ଅତ୍ୟାବଶ୍ୟକ ନ ଥାଏ, ତାହାକୁ କାଟ କରିବା ନିହାତି ଆବଶ୍ୟକ।

– ଅନେକଙ୍କ ପାଇଁ ହୋମ୍‌ସିକ୍‌ନେସ୍ ଏବଂ ଏକଲାପଣ ବାହାରେ ରହି ପଢ଼ିବାରେ ଏକ ବଡ଼ ଚ୍ୟାଲେଞ୍ଜ ହୋଇଥାଏ। ଏମିତିକି ଏଥିପାଇଁ କେହି କେହି ଅଧାରୁ ପାଠ ଛାଡି ଫେରିଆସୁଥିବା ନଜିର ରହିଛି। ହେଲେ ଏପରି ନ ହେବା ଲାଗି ପ୍ରଥମେ ବାହାରେ ରହିବା ଲାଗି ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରନ୍ତୁ। ନିଜର ଲକ୍ଷ୍ୟ ହାସଲ କରି ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏହା ଜରୁରୀ ବୋଲି ହୃଦୟଙ୍ଗମ କରନ୍ତୁ, ଦେଖିବେ ଧୀରେ ଧୀରେ ଏକଲାପଣ ଦୂର ହୋଇଯିବ ଏବଂ ବାହାରେ ରହିବା ମଧ୍ୟ ସହଜ ଲାଗିବ। ତେବେ ବିଦେଶରେ ଏସବୁ ସମସ୍ୟା ଦୂର କରିବା ସହ ସୁରକ୍ଷିତ ରହିବା ଲାଗି ପ୍ରଥମ ବର୍ଷ ଅନ୍ କ୍ୟାମ୍ପସ୍ ହଷ୍ଟେଲ୍ ସବୁଠୁ ଭଲ ସ୍ଥାନ। ପରେ ଚାହିଁଲେ ହାଉସିଂ ସର୍ଚ୍ଚ ୱେବ୍‌ସାଇଟ୍, ରିଲୋକେଶନ୍ ଏକ୍ସପର୍ଟ, ୟୁନିଭର୍ସିଟିର ହାଉସିଂ ଅଫିସ୍ ସହାୟତାରେ ଅଫ୍ କ୍ୟାମ୍ପସ୍ ରହିବା ବ୍ୟବସ୍ଥା କରିପାରିବେ। ସବୁଠୁ ଜରୁରୀ ହେଉଛି ସେଠାରେ ସାଙ୍ଗସାଥି ଏବଂ ଲୋକସମ୍ପର୍କ ବୃଦ୍ଧି କରିବା ବି ଦରକାର।

– ଏକ ଲକ୍ଷ୍ୟ ନେଇ ବାହାର ଦେଶକୁ ପଢ଼ିବାକୁ ଯାଉଥିଲେ ସମସ୍ତ ପରିସ୍ଥିତି ସହ ଖାପଖୁଆଇ ରହିବାକୁ ଚେଷ୍ଟା କରିବା ଆବଶ୍ୟକ। ଅନେକେ ସାମାନ୍ୟ ପ୍ରତିକୂଳ ପରିସ୍ଥିତି ଉପୁଜିଲେ ହାର୍ ମାନିଯାଆନ୍ତି ଏବଂ ନିଜ ଲକ୍ଷ୍ୟ ହାସଲରୁ ବଞ୍ଚିତ ହୁଅନ୍ତୁ। ତେଣୁ ମାନସିକ ସ୍ତରରେ ନିଜକୁ ଦୃଢ଼ କରିପାରିଲେ ଏଭଳି ପରିସ୍ଥିତିରେ ନିଜକୁ ଆଡ୍‌ଜଷ୍ଟ କରିବା କଷ୍ଟ ହୋଇପାରେ, ହେଲେ ଅସମ୍ଭବ ନୁହେଁ। ତେଣୁ ହାର୍ ନ ମାନି ନିଜକୁ ହିଁ ଖାପଖୁଆଇ ଚଳିବା ବୁଦ୍ଧିମାନ୍‌ର କାର୍ଯ୍ୟ।

### ମିଳେ ବିଭିନ୍ନ ଉପକାର

**ଅନ୍ତଃରାଷ୍ଟ୍ରୀୟ ଅନୁଭବ:** ବିଦେଶରେ ପଢ଼ିବା ଦ୍ୱାରା ବିଭିନ୍ନ ଦେଶର ସଂସ୍କୃତି ଓ ପରମ୍ପରା ବିଷୟରେ ଜାଣିବାର ସୁଯୋଗ ମିଳିପାରିବ।

**ରୋଜଗାରର ଭଲ ସୁଯୋଗ:** ବାହାର ଦେଶରେ ପାଠ ପଢ଼ିଲେ ବିଭିନ୍ନ ଅନ୍ତଃରାଷ୍ଟ୍ରୀୟ କମ୍ପାନୀରେ ଜବ୍ ସୁଯୋଗ ମିଳିଥାଏ।

**ବ୍ୟକ୍ତିଗତ ବିକାଶ:** ବିଦେଶରେ ପାଠ ପଢ଼ିଲେ ଛାତ୍ରୀଛାତ୍ରମାନଙ୍କୁ ବ୍ୟକ୍ତିଗତ ବିକାଶର ଢେର ସୁଯୋଗ ମିଳିଥାଏ। ତା'ଛଡ଼ା ଏହାଦ୍ୱାରା ସେମାନେ ଆତ୍ମନିର୍ଭର ହେବାର କଳା ମଧ୍ୟ ଶିଖିପାରନ୍ତି।



## ଏ ସପ୍ତାହର ପ୍ରଶ୍ନ

୧– ହ୍ୟୁମାନ୍ ଡେଭେଲପ୍‌ମେଣ୍ଟ ଇଣ୍ଡେକ୍ସ–୨୦୨୫ରେ ଭାରତର ର୍‍ୟାଙ୍କ୍ .... ?
୨– ଭିମଗଡ଼ ଲାଇଫ୍ ୱାଇଲ୍ଡ ସାଙ୍କ୍‌ଚୁଆରୀ .......... ରାଜ୍ୟରେ ଅବସ୍ଥିତ ?
୩– ଆଷ୍ଟେରଏଡ୍ ୨୦୨୪ ୱାଇଆର୍ ୪କୁ ଆବିଷ୍କାର କରିଥିବା ଟେଲିସ୍କୋପ ....... ?
୪– ବାଗ୍ଲିହାର୍ ହାଇଡ୍ରୋଇଲେକ୍ଟ୍ରିକ୍ ପାୱାର୍ ପ୍ରୋଜେକ୍ଟ ଡ୍ୟାମ୍ ......... ନଦୀରେ ନିର୍ମିତ ହୋଇଛି ?
୫– ନ୍ୟାୟ ସୂତ୍ର ........... ଲେଖିଛନ୍ତି ?

## ଗତ ଥରର ଉତ୍ତର

୧ ମନ୍ଦିର କର୍ଣ୍ଣାଟକ
୨ ନ୍ୟୁ ଇଣ୍ଡିଆ ଲିଟେରାସି ପ୍ରୋଗ୍ରାମ
୩ ୱିଲିୟମ୍ ସେକ୍ସପିୟର
୪ ଅଗଷ୍ଟ ୨୯
୫ ବୈଶାଳୀ

## ଉତ୍ତରଦାତା



ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର



ପ୍ରଦୀପ କୁମାର ନାଏକ
ବଲାଙ୍ଗୀର

## ଟପ୍ ୧୦

### ସର୍ବାଧିକ ଜନସଂଖ୍ୟା ଥିବା ଦେଶ–୨୦୨୫



| | |
|---|---|
| ୧. ଭାରତ | ୧,୪୬୩,୮୬୫,୫୨୫ |
| ୨. ଚାଇନା | ୧, ୪୧୬,୦୯୬,୦୯୪ |
| ୩. ଆମେରିକା | ୩୪୭, ୨୭୫,୮୦୭ |
| ୪. ଇଣ୍ଡୋନେସିଆ | ୨୮୫, ୭୨୧, ୨୩୬ |
| ୫. ପାକିସ୍ତାନ | ୨୫୫, ୨୧୯, ୫୫୪ |
| ୬. ନାଇଜେରିଆ | ୨୩୭, ୫୨୭, ୭୮୨ |
| ୭. ବ୍ରାଜିଲ | ୨୧୨, ୮୧୨,୪୦୫ |
| ୮. ବାଂଲାଦେଶ | ୧୭୫, ୬୮୬, ୮୯୯ |
| ୯. ରୁଷିଆ | ୧୪୩, ୯୯୭, ୩୯୩ |
| ୧୦. ଇଥିଓପିଆ | ୧୩୫,୪୭୨,୦୫୧ |

# ସ୍ୱାସ୍ଥ୍ୟୋପକାରୀ ଜାମୁରୋଳ



**ଜାମୁରୋଳ ଏକ ଏମିତି ଫଳ ଯାହାକି ବର୍ଷରେ ମାତ୍ର ଦୁଇ ତିନି ମାସ ପାଇଁ ମିଳିଥାଏ। ହେଲେ ଜାଣନ୍ତିକି ଏହାକୁ ଖାଇଲେ ଅନେକ ପ୍ରକାରର ସ୍ୱାସ୍ଥ୍ୟ ଉପକାରିତା ମିଳିଥାଏ...**

⏭ ଏହି ଫଳରେ ପ୍ରାୟ ୯୦% ପାଣି ଥିବାରୁ ଏହାକୁ ଖାଇଲେ ଶରୀରରେ ପାଣିର ମାତ୍ରା ଠିକ୍ ରହିଥାଏ। ଖରାଦିନେ ଏହାକୁ ଖାଇବା ଦ୍ୱାରା ଶରୀର ହାଇଡ୍ରେଟ୍ ରହିଥାଏ।

⏭ ଏଥିରେ ପ୍ରଚୁର ପରିମାଣରେ ଫାଇବର ଥିବାରୁ ଏହାକୁ ଖାଇଲେ ଅଧିକ ସମୟ ପେଟ ଭର୍ତ୍ତି ରହିଥାଏ। ଏହା ହଜମକ୍ରିୟାକୁ ମଜଭୁତ କରିବାରେ ବି ସାହାଯ୍ୟ କରିଥାଏ। ଏହାକୁ ଖାଦ୍ୟ ତାଲିକାରେ ସାମିଲ କଲେ ଗ୍ୟାସ୍, ବଦହଜମି, ବ୍ଲୋଟିଂ, କନ୍‌ଷ୍ଟିପେଶନ୍ ଭଳି ସମସ୍ୟାଠୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ।

⏭ ଏହା ଭିଟାମିନ ଏ' ଏବଂ ସି'ର ମଧ୍ୟ ଏକ ପ୍ରମୁଖ ସ୍ରୋତ। ତେଣୁ ଏହାକୁ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏହାକୁ ଖାଇଲେ ତ୍ୱଚାର ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧି ପାଇଥାଏ।

⏭ ବ୍ଲଡ୍ ସୁଗାର ବା ରକ୍ତରେ ଶର୍କରାର ପରିମାଣ ନିୟନ୍ତ୍ରଣରେ ରଖିବାରେ ଏହା ଖୁବ୍ ସାହାଯ୍ୟ କରିଥାଏ। ତେଣୁ ଡାଇବେଟିସ୍ ରୋଗୀଙ୍କ ପାଇଁ ଏହି ଫଳ ବେଶ୍ ଉପକାରୀ।

⏭ ଖରାଦିନେ ବାୟୁମଣ୍ଡଳ ସହ ଶରୀରର ତାପମାତ୍ରା ମଧ୍ୟ ବୃଦ୍ଧି ପାଇଥାଏ। ଏମିତିରେ ଜାମୁରୋଳ ଖାଇବାଦ୍ୱାରା ଶରୀରରେ ପାଣିର ମାତ୍ରା ଠିକ୍ ରହିବା ଯୋଗୁ ଏହା ଶରୀରକୁ ପ୍ରାକୃତିକ ଶୀତଳତା ପ୍ରଦାନ କରିଥାଏ।



## ୟୁଥ୍ ଆଲର୍ଟ

# ରେଟିଂ ଦେଖି ଜିନିଷ କିଣୁଥିଲେ

**ଅନ୍‌ଲାଇନ୍ ଶପିଂ କଲାବେଳେ ଆମେ ସାଧାରଣତଃ କୌଣସି ଜିନିଷ ଭଲ କି ନୁହେଁ ଜାଣିବା ଲାଗି କଷ୍ଟୋମରଙ୍କ ରିଭ୍ୟୁ ରେଟିଂ ଦେଖିବା ଉପରେ ଅଧିକ ଗୁରୁତ୍ୱ ଦେଇଥାଉ। ହେଲେ ଏପରି କରୁଥିଲେ କେତୋଟି କଥା ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ...**

⏩ ୫ ଷ୍ଟାର ରେଟିଂ ଦେଖିବାମାତ୍ରେ ତାହା ସବୁଠୁ ଭଲ ପ୍ରଡକ୍ଟ ହୋଇଥିବ ବୋଲି ପ୍ରାୟ ସମସ୍ତେ ଭାବନ୍ତି। ହେଲେ କେବେ କେବେ ଅନେକ କମ୍ପାନୀ ବିଭିନ୍ନ ୱେବ୍‌ସାଇଟ୍‌ରେ ନିଜ ପ୍ରଡକ୍ଟଗୁଡ଼ିକର ପ୍ରମୋଶନ ସହ ଗ୍ରାହକଙ୍କୁ ଭ୍ରମରେ ପକାଇବା ପାଇଁ ରିଭ୍ୟୁରେ ଖୁବ୍ ଭଲ ଭଲ କମେଣ୍ଟ ଦେବା ସହ ୫ ଷ୍ଟାର ରେଟିଂ ଦେବାକୁ ରାଇଟରମାନଙ୍କୁ ଟଙ୍କା ଦେଇଥା'ନ୍ତି। କେବଳ ଏତିକି ନୁହେଁ, ଅନେକ କମ୍ପାନୀ ନିଜ ପ୍ରଡକ୍ଟ ବିଷୟରେ ଭଲ କମେଣ୍ଟ ଦେବା ବଦଳରେ ଗିଫ୍ଟ, ରିୱାର୍ଡ, ଫ୍ରି ପ୍ରଡକ୍ଟ ଆଦି ଅଫର ମଧ୍ୟ କରିଥା'ନ୍ତି। ତେଣୁ କେବଳ ରେଟିଂ ନ ଦେଖି କମେଣ୍ଟ ଦେଖନ୍ତୁ, ଯଦି କିଛି ନେଗେଟିଭ୍ କମେଣ୍ଟ ଅଛି, ତେବେ ପ୍ରଡକ୍ଟ ବିଷୟରେ ଗ୍ରାହକଙ୍କ ମତାମତ କ'ଣ ଭଲ ଭାବେ ପଢ଼ିବା ପରେ କିଣନ୍ତୁ। ତେଣୁ ଅନ୍‌ଲାଇନ୍ ରିଭ୍ୟୁ ଚେକ୍ କରିବାର ବେଷ୍ଟ ଉପାୟ ହେଉଛି ସର୍ବଦା ଅତିକମ୍‌ରେ ୩୦ ୟୁଜର ରିଭ୍ୟୁ ଥିଲେ ହିଁ ଏହା ବିଶ୍ୱାସଯୋଗ୍ୟ।

⏩ ଯଦି ରିଭ୍ୟୁ, ରେଟିଂ ଦେଖି ଅନ୍‌ଲାଇନ୍ ଶପିଂ କରିବା ଭଲ ; କିନ୍ତୁ ଏଥିପାଇଁ ସର୍ବଦା ଅଧିକ ବ୍ୟବହୃତ ବିଶ୍ୱସ୍ତ ଶପିଂ ସାଇଟ୍ ହିଁ ବ୍ୟବହାର କଲେ ଠକାମିର ଶିକାର ହେବାରୁ ରକ୍ଷାପାଇପାରିବେ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କିଛି ନୂଆ ପ୍ରକାରର ପ୍ରଡକ୍ଟ ପ୍ରଥମଥର କିଣୁଥିଲେ ଏଥିରେ ଏକ୍ସଚେଞ୍ଜ ଏବଂ ରିଟର୍ନକୁ ନେଇ କ'ଣ ବ୍ୟବସ୍ଥା ରହିଛି ଏବଂ ଗ୍ରାହକ ଏହା ସମ୍ବନ୍ଧରେ କ'ଣ କମେଣ୍ଟ ଦେଇଛନ୍ତି ପଢ଼ିବାକୁ ଆଦୌ ଭୁଲନ୍ତୁ ନାହିଁ।

⏩ ବେଳେବେଳେ ବିରୋଧୀ କମ୍ପାନୀଗୁଡ଼ିକ ନିଜ ପ୍ରଡକ୍ଟ ବିକ୍ରି ପାଇଁ ଅନ୍ୟ ପ୍ରଡକ୍ଟ ଉପରେ ଖରାପ କମେଣ୍ଟ ଓ ରେଟିଂ ଦେବାକୁ ଲୋକଙ୍କୁ ଟଙ୍କା ଦେଇଥା'ନ୍ତି। ତା'ଛଡ଼ା ଏମିତିବି ଅନେକ କଷ୍ଟମର୍ ଅଛନ୍ତି, ଯେଉଁମାନେ ପ୍ରଡକ୍ଟ ଭଲ ହୋଇଥିଲେ ସୁଦ୍ଧା ନିଜକୁ ପସନ୍ଦ ନ ଆସିଲେ ଅଯଥାରେ ନେଗେଟିଭ୍ କମେଣ୍ଟ ମଧ୍ୟ ଦେଇଥା'ନ୍ତି। ଏମିତିକି ଲୋ କିମ୍ବା ରେଟିଂ ଆଦୌ ଦେଇ ବି ନ ଥା'ନ୍ତି। ତେଣୁ କୌଣସି ଜଣଙ୍କ କମେଣ୍ଟ ପଢ଼ି ଏହା ଖରାପ ହୋଇଥିବ ନ ଭାବି ଅନ୍ୟ କମେଣ୍ଟ ପଢ଼ନ୍ତୁ ଏବଂ ନିଷ୍ପତ୍ତି ନିଅନ୍ତୁ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


ବୋର୍ଡେକ୍ସ ଚ୍ୟାଲେଞ୍ଜର

# ୟୁକି-ରବର୍ଟ ସେମିଫାଇନାଲରେ

**ନୂଆଦିଲ୍ଲୀ, ୧୭।୫ (ପି.ଟି.):** ଭାରତର ୟୁକି ଭାମ୍ବ୍ରୀ ଓ ତାଙ୍କ ଆମେରିକୀୟ ପାର୍ଟନର ରବର୍ଟ ଗ୍ୟାଲୋୱେ ଏଠାରେ ଚାଲିଥିବା ବୋର୍ଡେକ୍ସ ଚ୍ୟାଲେଞ୍ଜର ଟେନିସ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଏଠାରେ ଖେଳାଯାଇଥିବା ଏକ କ୍ୱାର୍ଟରଫାଇନାଲରେ ଏହି ଯୋଡ଼ି ଫ୍ରେଞ୍ଚ ଯୋଡ଼ି କ୍ୱେଣ୍ଟିନ ହାଲିସ ଓ ଅଲ୍‌ବାନୋ ଓଲିଭେଟିଙ୍କ ବିପକ୍ଷରେ ସିଧାସଳଖ ସେଟରେ ବିଜୟ ହାସଲ କରିଛନ୍ତି। ଦ୍ୱିତୀୟ ସିଡ୍ ଇଣ୍ଡୋ-ଆମେରିକାନ ଯୋଡ଼ି ସେମାନଙ୍କ ଅଣସିଡ୍ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ୭-୫, ୬-୩ ସେଟରେ ବିଜୟ ଲାଭ କରିଛନ୍ତି। ଏହି ମ୍ୟାଚ ୧ ଘଣ୍ଟା ୮ ମିନିଟ ଧରି ଚାଲିଥିଲା। ସେମାନେ ବର୍ତ୍ତମାନ ୩ୟ ସିଡ୍ ବ୍ରାଜିଲିଆନ ରାଫେଲ ମାଟସ ଓ ମାର୍ସିଲୋ ମେଲୋଙ୍କୁ ଭେଟିବେ। ଭାରତର ଅନ୍ୟ ପ୍ରତିଯୋଗୀମାନେ ସେମାନଙ୍କ ମ୍ୟାଚ ହାରି ପ୍ରତିଯୋଗିତାରୁ ବିଦାୟ ନେଇ ସାରିଛନ୍ତି।

# ୭ ବର୍ଷରୁ କମ୍ ରାଜ୍ୟ ଓପନ ଓ ମହିଳା ଚେସ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୭।୫ (ଅନାଦି କର)**

ଆଇକନିକ କଳିଙ୍ଗ ଷ୍ଟାଡିୟମର ସ୍କାଇୱାକ ସ୍ଥିତ କନ୍‌ଫରେନ୍ସ ହଲରେ ଓଡ଼ିଶା ରାଜ୍ୟ ୭ ବର୍ଷରୁ କମ୍ ଓପନ ଓ ମହିଳା ଚେସ ଚାମ୍ପିୟନଶିପ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଯୋଗଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ଏଓସିଏର ସମ୍ପାଦକ ଦେବବ୍ରତ ଭଞ୍ଜ, ଇଣ୍ଟରନ୍ୟାଶନାଲ ମାଷ୍ଟର୍ସ ସ୍ୱୟଂସୁ ସତ୍ୟପ୍ରଜ୍ଞ ଯୋଗଦେଇଥିଲେ। ଏଓସିଏର କାର୍ଯ୍ୟକାରୀ ପରିଷଦ ସଦସ୍ୟ ପଦ୍ମିନୀ ସିଂ, ଅଭିଷେକ ଆଚାର୍ଯ୍ୟ, ଏମ୍‌ସିଏଫ୍ ପ୍ରତିଷ୍ଠାତା ବିକ୍ରମ କେଶରୀ ବିଶ୍ୱାଳ, ଚେୟାରମ୍ୟାନ ସନ୍ତୋଷ କୁମାର ମହାପାତ୍ର ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ବିଜୟ କୁମାର ସ୍ୱାଇଁ ପ୍ରଥମ ରାଉଣ୍ଡ ଉଦ୍‌ଘାଟନ କରିଥିବା ବେଳେ ଦ୍ୱିତୀୟ ରାଉଣ୍ଡକୁ କ୍ରୀଡ଼ା ବିଭାଗର ଉପସଚିବ ପଦ୍ମ ଚରଣ ସାହୁ ଓ ତୃତୀୟ ରାଉଣ୍ଡକୁ ଓଏସ୍‌ଡି ସୋନାଲୀ ଚାନ୍ଦ ଉଦ୍‌ଘାଟନ କରିଥିଲେ। ଅଲ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଆନୁକୂଲ୍ୟରେ କ୍ରୀଡ଼ା ଓ ଯୁବସେବା ବିଭାଗର ସହଯୋଗରେ ମାଷ୍ଟର ଚେସ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୯ ଜିଲାରୁ ୬୬ ପ୍ରତିଯୋଗୀ ଭାଗ ନେଇଛନ୍ତି। ୮ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ତୃତୀୟ ରାଉଣ୍ଡ ଶେଷ ସୁଦ୍ଧା ୬ ଖେଳାଳି ୨ ପଏଣ୍ଟ ସହ ମିଳିତ ଭାବେ ଶୀର୍ଷରେ ରହିଛନ୍ତି। ବାଳିକା କାଟେଗୋରୀରେ ଅନନ୍ୟା ଅନନ୍ୱେଷା ମିଶ୍ର ଓ ସମିରା ସ୍ୱାଇଁ (ଖୋର୍ଦ୍ଧା) ୩ରୁ ୩ ପଏଣ୍ଟ ସହ ଆଗରେ ରହିଛନ୍ତି।


ADARSHA COLLEGE OF LAW, ANGUL
ଆଦର୍ଶ ଆଇନ ମହାବିଦ୍ୟାଳୟ
Approved by (Dept. of Higher Education, Odisha)
Affiliated to :- MADHUSUDAN LAW UNIVERSITY, CUTTACK
Recognised by :- BAR COUNCIL OF INDIA (BCI)
COURSES OFFERED :
ADMISSION OPEN
➤ 3 YEARS L.L.B
➤ 5 YEARS INTEGRATED LAW
➤ 2YEARS PROGRAMME L.L.M
ADARSHA VIHAR, NEAR RTO, ANGUL- 759122 (ODISHA)
MOB :- 78478 62612, 93480 43390, 88953 64599, 70081 47247
Email- adarshalawangul@gmail.com
Web- www.adarshalaw.com

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# Classified Everyday

**0674-2580101, 9692975378**



## MATRIMONIAL

### GROOM WANTED

Beautiful Khandayat Girl, 1998, 5'4", M.Sc., Serving Officer State Govt. "SUNASANSAR". 9937512659. D-76267



## REAL ESTATE

### SALE

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

Executive Corporate Office / Institute Furniture Setup for Immediate Sale. 8820512365. D-591

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-531

**Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452.** D-76452

Gharabari Plot- 25 Decimal available for sale near Kujanga, Paradeep, Dist.- Jagatsinghpur. 9438713093. D-535


## LEASE

ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା, Main road sideରେ ଏକ ନୂଆ Flyash ଇଟା ଫ୍ୟାକ୍ଟ୍ରି ସବୁ ସୁବିଧା ଥାଇ ଭଡା / ବିକ୍ରି ହେବ। ଯୋଗାଯୋଗ- 8895275212 D-76454



## CONSTRUCTION


Do you want to construct a building on your own plot please contact K.K. Construction. 7008268129, 9439143273. D-71397



## FOR RENT

**Hostel space with 170 bed available for rent behind Trident Engineering College, Infosys, Patia. Contact- 7008181478.** D-567

Plot for warehouse 10,000- 15,000sqft. on rent at Khurda NH-16 (near Collector Office Chhak). Call: 7008649641, 8018822307, 7978560206 for location and details. D-303



## Healthcare

Newly open health benefits SPA by expert therapist. Contact- 8280961126. D-76913

**Relax, Refresh your body, Mind at Saikrupa Spa with best therapies. 7848011468.** D-568

Newly open Jyoti SPA positively health benefits (Expert therapist). 8458067955. D-76914

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

I, Arzoo Gattani, W/o- Saswat Routray, R/o- Plot No.- 31/2073, Lane No.- 2A, Gangotri Nagar, Sisupalgarh, Bhubaneswar- 751002 declare vide affidavit No.- 44, dated- 13.05.2025 that I have changed my name from Arzoo Routray to ARZOO GATTANI for all purposes. D-593

By virtue of an affidavit sworn before Executive Magistrate, Bhubaneswar, dated- 07.03.2025, I, Kanakalata Bhola, Address: Village/ Town- Baliapal, P.O.- Jamkunda, Dist.- Baleswar, Odisha, PIN-756026 declare that I have changed my name from Kanakalata Pradhan to Kanakalata Bhola. Henceforth, I shall be known as Kanakalata Bhola for all purposes.
Kanakalata Bhola D-564

I, Nilakantha Barik, S/o- Chakradhar Samal, At-Magubereni, P.O.- Krushnachandrapur, P.S.- Balimi, Dhenkanal-759020 have changed my name to Chaitanya Samal, dtd. 07.05.2025, vide No.-1498/2025 before Executive Magistrate, Hindol. D-580

I, Sujata Samal, W/o- Chandra Subash Samal, At- Bedapada, P.S.-Rasol, Dhenkanal-759019 have changed my son's name from Sai Sorenes Samal to Sai Suren Samal, dtd. 15.05.2025, vide No.- 1547/2025 before Executive Magistrate, Hindol. D-581

I, KM RASHMI CHATURVEDI, W/o- Ashutosh Kumar Dubey, resident at- Flat No.- 203, Param Arvind Enclave, SRIT Colony, Budharaja, Sambalpur, Odisha- 768004, declare by this affidavit No.- 2738, date- 17.05.2025, that KM RASHMI CHATURVEDI & RASHMI DUBEY is one and same person. Now onwards I shall be known as RASHMI DUBEY for all purposes. D-594

By virtue of an affidavit sworn before the Executive Magistrate, Bhubaneswar, dated- 14.05.2025, I Nishamani Behera, At- Sujanagara Patana, P.O.- Kantapada, P.S.- Niali, Dist.- Cuttack, Odisha, PIN- 752103, Aadhaar No.- xxxx xxxx 5627 declare that I have changed my name from Nisha Dei to new name Nishamani Behera. Henceforth, I shall be known as Nishamani Behera for all purposes. D- 76456

By virtue of an affidavit before the Executive Magistrate, Thuamul Rampur, date15.05.2025, I, Shiba Naik (41years), S/o- Laiban Naik, R/o. At- Champachuan, P.O.- Badchhatrang, P.S.- Thuamul Rampur, Dist.- Kalahandi, Odisha affirm that I have changed my name from Shiba Harijan to Shiba Naik. Shiba Harijan and Shiba Naik is same and one person. Henceforth, I will be known as Shiba Naik for all purpose.
Shiba Naik. D-588

By virtue of an affidavit sworn before the Executive Magistrate, Balasore, No.- 6102, dt.14.05.2025, I, Bijaya Dalabehera, S/o- Gobinda Dalabehera of Mandar, Balipadar, Kodala, Ganjam-761117 declare that I have changed my name Bijoy Kumar Dalara to Bijaya Dalabehera. Bijoy Kumar Dalara and Bijaya Dalabehera is one and same person for all purpose. D-586

By virtue of an affidavit sworn before Executive Magistrate, Thuamul Rampur, dated 17.05.2025, I, Nageswar Naik, S/o- Late Kumar Naik, R/o. At- Poiguda, P.O./P.S.- Thuamul Rampur, Dist.- Kalahandi, Odisha- 766037 declare that I have changed my son's name from Dibyaranjan Naik to Dibyanshu Naik. Henceforth, he shall be known as Dibyanshu Naik for all purposes.
Nageswar Naik D-587

By virtue of an affidavit I, Saraswati Behera (52yrs), W/o-Late Dayanidhi Biswal, Vill- Koilekha, P.O.- Bhuinpur, P.S.- Dhusuri, Dist.- Bhadrak declare that my deceased husband have a LIC Policy bearing No.- 599067908. Where is wrongly mentioned my Fathers in Law's name is Guru Charan Biswal. But his actual name is Durga Charan Biswal as per my husbands Aadhaar Card. I further declare that Guru Charan Biswal and Durga Charan Biswal is same and one person. D-596

By virtue of an affidavit sworn before Executive Magistrate, Bhadrak, I, Debashis Das (20 yrs), S/o- Saranga Das, Vill– Pandado, P.O.- Adia, P.S.- Agarapada, Dist.- Bhadrak declare that I have changed my name in my LIC Policy bearing No.- 586238807 from Bailochan Das to Debashis Das and my father's name Sarangadhar Das to Saranga Das for all future purposes. D-597

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନ ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM BHARAT INTERFACE FOR MONEY | UPI UNIFIED PAYMENTS INTERFACE
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

## LEGAL NOTICE

IR No.- 661/ date- 02.05.2025

ମାନ୍ୟବର ଅତିରିକ୍ତ କମିସନର, (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ IAS)ଙ୍କ, ରିଭିଜନ କୋର୍ଟ ନଂ.- ୨, ଏଚ୍.ଓ.ଡି. ବିଲ୍ଡିଂ, ୟୁନିଟ୍-୫, ଭୁବନେଶ୍ୱର।

ଓ. ଏସ୍. ଏସ୍. କେସ୍ ନଂ.- ୯୦/୨୦୨୩

ରବିନ୍ଦ୍ର ନାୟକ, ପି- ଜଗତ ନାୟକ ...ବାଦୀ

ବନାମ

ଅଧିକାରୀ ନାୟକ ଏବଂ ଅନ୍ୟମାନେ .... ପ୍ରତିବାଦୀମାନେ

(ଇସ୍ତାହାର ତରଫ ଦରଖାସ୍ତକାରୀ ଆଦେଶ ନଂ.-୫ ନିୟମ-୨୦ ଉପନିୟମ ୧ (ଏ) ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ନିମ୍ନଲିଖିତ ପ୍ରତିବାଦୀ କିମ୍ବା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର ମନୋନୀତ ପ୍ରାର୍ଥୀ ମାନ୍ୟବର କୋର୍ଟଙ୍କର ଧାର୍ଯ୍ୟ ତାରିଖରେ ଉପସ୍ଥିତ ରହି ଉକ୍ତ ମୋକଦ୍ଦମାକୁ ସେମାନଙ୍କ ପକ୍ଷ ତରଫରୁ ପରିଚାଳନା କରିବା ପାଇଁ ଖବରକାଗଜ ଦ୍ୱାରା ବିଜ୍ଞପ୍ତି)

ପ୍ରତିବାଦୀ ନଂ. ୧-ଅଧିକାରୀ ନାଏକ, ପିତା-୰କମ୍ଭୁ ନାଏକ, ପ୍ରତିବାଦୀ ନଂ. ୨- ସାମ ନାଏକ, ପିତା ୰ବଳି ନାଏକ, ପ୍ରତିବାଦୀ ନଂ.୩- ବାମ ନାଏକ, ପିତା- ୰ବଳି ନାଏକ, ପ୍ରତିବାଦୀ ନଂ. ୪-ରାମ ନାଏକ, ପିତା-୰ବଳି ନାଏକ, ପ୍ରତିବାଦୀ ନଂ.୫- ଦଇତାରୀ ନାଏକ, ପିତା-୰ସମ୍ଭୁ ନାଏକ, ପ୍ରତିବାଦୀ ନଂ.୬-ଯୁଧିଷ୍ଠିର ସାମନ୍ତସିଂହାର, ପିତା- ବନମାଳୀ ସାମନ୍ତସିଂହାର

ଉପରଲିଖିତ ପ୍ରତିବାଦୀ ନଂ.୧ ଠାରୁ ୬ମାନଙ୍କ ଠିକଣା ସା/ପୋ-ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଆପଣଙ୍କ ଗୋଚରାର୍ଥେ ଜଣାଇଦିଆଯାଉଛି କି ମାନ୍ୟବର କୋର୍ଟରେ ତଫସିଲ ସମ୍ପତ୍ତି ଭୁବନେଶ୍ୱର ତହସିଲଦାରଙ୍କ ଅଧୀନସ୍ଥ ଅନ୍ଧାରୁଆ ମୌଜା ସାବକ ଖାତା ନଂ.- ୫୮୪, ପ୍ଲଟ୍ ନଂ.-୧୫୧୭, ରକବା- ଏ୦.୪୦୫ଡିସ୍ମଧରୁ ଏ୦. ୧୪୪ଡି., ଯାହାର ହାଲ୍ ଖାତା ନଂ.- ୨୨୬୨, ହାଲ୍ ପ୍ଲଟ୍ ନଂ.- ୨୭୮୨, ଏ୦.୧୭୦ଡି. ସ୍ମଧରୁ ରକବା- ଏ୦.୧୪୪ଡି.କୁ ଦରଖାସ୍ତକାରୀଙ୍କ ନାମରେ ରେକର୍ଡ ଦରଜ କରିବା ପାଇଁ ମାନ୍ୟବର କୋର୍ଟରେ ରିଭିଜନ ମୋକଦ୍ଦମା କରିଅଛନ୍ତି, ଯାହାର ଧାର୍ଯ୍ୟ ତାରିଖ ଆସନ୍ତା ତା୧୦।୦୬।୨୫ରିଖ ଦିବା ୧୧.୩୦ ଘଟିକାକୁ ସ୍ଥିରୀକୃତ ହୋଇଅଛି। ଏଣୁ ଅଦ୍ୟ ବିଜ୍ଞପ୍ତି ଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି କି ଉପରଲିଖିତ ଧାର୍ଯ୍ୟ ତାରିଖ ଦିନ ପ୍ରତିବାଦୀମାନଙ୍କର ଉତ୍ତରାଧିକାରୀ କିମ୍ବା ମନୋନୀତ ପ୍ରାର୍ଥୀ କିମ୍ବା ଅଧିବକ୍ତାଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଉକ୍ତ ମୋକଦ୍ଦମାରେ ତାଙ୍କ ପକ୍ଷ ରଖିବେ। ନଚେତ୍ ନିୟମ ଅନୁଯାୟୀ ମାନ୍ୟବର କୋର୍ଟ ବିଚାର କରିବେ।

ସ୍ଥାନ- ଭୁବନେଶ୍ୱର
ତାରିଖ- ୩୦।୦୪।୨୦୨୫ରିଖ

ମାନ୍ୟବର ଅତିରିକ୍ତ ରିଭିଜନ କୋର୍ଟଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୫୮୩

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ ଇଂ. ପ୍ରଭୁଦତ୍ତ ରଥ**

ଆବିର୍ଭାବ: ୧୫।୦୧।୧୯୮୯
ତିରୋଧାନ: ୩୦।୦୫।୨୦୧୩

ବାରଟି ବରଷ ହେଲାଣି ଶେଷ,
କଷ୍ଟ ଟପିଲାଣି ତାହାର ଶୀର୍ଷ ।।
ଧୀରସ୍ଥିର କଥା ମୃଦୁ ଜଂକାଳ,
ମନେ ପଡ଼ି କରେ ମନ ଚଞ୍ଚଳ ।।
କରି ପାରିଲୁନି ତୋ ପାଇଁ କିଛି,
ପ୍ରଭୁ ଦେଉଥାନ୍ତୁ ଅମାପ ଶାନ୍ତି ।।

ତୋର ହତଭାଗ୍ୟ ନନା, ବୋଉ, ଭାଇ ଓ ଆତ୍ମୀୟସ୍ୱଜନବୃନ୍ଦ
ଧ-୫୮୪

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




**ସ୍ୱର୍ଗତ ଜଗବନ୍ଧୁ ଜାଲି**

ଅବସରପ୍ରାପ୍ତ ଉପ ଶାସନ ସଚିବ (ଘରୋଇ ବିଭାଗ)
ସତ୍‌ସଙ୍ଗର ବରିଷ୍ଠ ସହ ପ୍ରତି ଋତ୍ୱିକ
ଆବିର୍ଭାବ- ୨୪।୧୦।୧୯୪୨
ତିରୋଧାନ- ୧୮।୦୫।୨୦୨୧

ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଶ୍ରୀ ଠାକୁରଙ୍କ ରାତୁଲ ଶ୍ରୀଚରଣ ତଳେ ପ୍ରଣାମ ଜଣାଉଛୁ।

ଶୋକସନ୍ତପ୍ତ- ସହଧର୍ମିଣୀ: ତିଲୋତ୍ତମା ଜାଲି, ବଡ଼ଜ୍ୱାଇଁ: ଶ୍ରୀ ହରେକୃଷ୍ଣ ତରାଇ, କ୍ଷେତ୍ରୀୟ ମୁଖ୍ୟ ପ୍ରବନ୍ଧକ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡ଼ ଝିଅ: ଗୀତାଞ୍ଜଳି ତରାଇ, ସାନଜ୍ୱାଇଁ: ଶ୍ରୀ ପ୍ରଫୁଲ୍ଲ କୁମାର ବେହେରା, ପରିସଂଖ୍ୟାନ ଅଧିକାରୀ। ସାନଝିଅ: ମନୋରମା ଜାଲି, ଡେପୁଟି କଲେକ୍ଟର, ଭଦ୍ରକ ଜିଲ୍ଲାପାଳ କାର୍ଯ୍ୟାଳୟ। ଅଜୟ, ଦୀପା, ଖୁଜୁଲ, ଫୁଲେନ୍ଦୁ, ଦୀପେନ୍ଦୁ ଓ ଦୀୟା।
ଧ-୫୬୭

### ୨୬ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**୰ହୃଦାନନ୍ଦ ମହାନ୍ତି**

ସର୍ବୋଦୟ ନଗର, ଗୁଣ୍ଡିଚା, ବିହାର
ହୃଦାନନ୍ଦ କଲୋନୀ, ପୁରୀ-୨
ଆବିର୍ଭାବ: ୦୯।୦୭।୧୯୨୭
ତିରୋଧାନ: ୦୬।୦୫।୧୯୯୯

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଆପଣଙ୍କ ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୫୮୯

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଶ୍ୟାମ ସୁନ୍ଦର ଭୋଇ**
ରେଢ଼ାଖୋଲ, ସମ୍ବଲପୁର

ଆବିର୍ଭାବ: ତା୧୧।୦୫।୧୯୪୩
ତିରୋଧାନ: ତା୧୮।୦୫।୨୦୨୧
(ତିଥି-ବୈଶାଖ ଶୁକ୍ଳପକ୍ଷ ସପ୍ତମୀ)

"ବାପା! ଆଜିକୁ ଚାରି ବର୍ଷ ବିତିଗଲା ତୁମେ ଚାଲିଗଲ ସିନା, ହେଲେ ଆମ ସ୍ମୃତି ପଟରେ ତୁମର ସ୍ନେହାଶିଷ, ତୁମ ଉପଦେଶ ଆମ ଜୀବନର ଚଲାପଥରେ ପ୍ରେରଣାର ଉତ୍ସ ହୋଇ ରହିଛି। ତୁମର ମହତ ଗୁଣାବଳୀ ସବୁଦିନ ଆମ ସମସ୍ତଙ୍କ ପାଥେୟ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ତୁମର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

ଆପଣଙ୍କ ପତ୍ନୀ, ପୁତ୍ର, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ବନ୍ଧୁ ପରିଜନ
ଧ-୫୯୮

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**


"M.B.K."
Great Eastern RETAIL
ଗ୍ରୀଷ୍ମ ଚାହେଁ ଏସି
ମନ କୁହେ ଗ୍ରେଟ୍ ଇଷ୍ଟର୍ଣ୍ଣ ରିଟେଲ
upto ₹7000 EXCHANGE VALUE*
upto ₹45000 CASH BACK*
0 DOWN PAYMENT* COST EMI*
5 YEARS COMPREHENSIVE WARRANTY*
FREE STANDARD INSTALLATION*
FREE EXPRESS DELIVERY*
Now at Tonk Pani Road | Near Sai Mandir, Bhubaneswar 7735435079
LLOYD upto 57% OFF
1.5 T 3* Inverter AC MRP ₹60990 EFFECTIVE PRICE ₹26190* ₹70/Day*
1.5 T 5* Inverter AC MRP ₹68990 EFFECTIVE PRICE ₹31890* ₹87/Day*
Godrej upto 49% OFF
1.5 T 3* Inverter AC MRP ₹45900 EFFECTIVE PRICE ₹23490* ₹61/Day*
1.5 T 5* Inverter AC MRP ₹54900 EFFECTIVE PRICE ₹27990* ₹73/Day*
VOLTAS upto 64% OFF
1.5 T 3* Inverter AC MRP ₹69490 EFFECTIVE PRICE ₹24890* ₹69/Day*
1.5 T 5* Inverter AC MRP ₹77790 EFFECTIVE PRICE ₹30990* ₹85/Day*
LG upto 64% OFF
1.5 T 3* Inverter AC MRP ₹78990 EFFECTIVE PRICE ₹28490* ₹76/Day*
1.5 T 5* Inverter AC MRP ₹85990 EFFECTIVE PRICE ₹36490* ₹96/Day*
HITACHI upto 59% OFF
1.5 T 3* Inverter AC MRP ₹64850 EFFECTIVE PRICE ₹26790* ₹74/Day*
1.5 T 5* Inverter AC MRP ₹75850 EFFECTIVE PRICE ₹34190* ₹94/Day*
DAIKIN upto 51% OFF
1.5 T 3* Inverter AC MRP ₹58400 EFFECTIVE PRICE ₹28590* ₹76/Day*
1.5 T 5* Inverter AC MRP ₹67200 EFFECTIVE PRICE ₹37190* ₹99/Day*
Panasonic upto 56% OFF
1.5 T 3* Inverter AC MRP ₹59900 EFFECTIVE PRICE ₹26290* ₹70/Day*
1.5 T 5* Inverter AC MRP ₹67900 EFFECTIVE PRICE ₹35790* ₹95/Day*
Whirlpool upto 65% OFF
1.5 T 3* Inverter AC MRP ₹62200 EFFECTIVE PRICE ₹21990* ₹59/Day*
1.5 T 5* Inverter AC MRP ₹74900 EFFECTIVE PRICE ₹25990* ₹69/Day*
GENERAL upto 25% OFF
1.5 T 3* Inverter AC MRP ₹55790 EFFECTIVE PRICE ₹41990* ₹108/Day*
1.5 T 5* Inverter AC MRP ₹70520 EFFECTIVE PRICE ₹53990* ₹141/Day*
upto 61% OFF
1.5 T 3* Inverter AC MRP ₹70490 EFFECTIVE PRICE ₹27490* ₹74/Day*
1.5 T 5* Inverter AC MRP ₹78990 EFFECTIVE PRICE ₹33490* ₹91/Day*
VOLTAS upto 36% OFF
1 T 3* Window AC MRP ₹35990 EFFECTIVE PRICE ₹22990* ₹58/Day*
LLOYD upto 44% OFF
1.5 T 3* Window AC MRP ₹47990 EFFECTIVE PRICE ₹26890* ₹67/Day*
Godrej upto 39% OFF
1.5 T 3* Window AC MRP ₹41900 EFFECTIVE PRICE ₹25490* ₹64/Day*
upto 35% OFF 184 L Single Door MRP ₹17260 EFFECTIVE PRICE ₹11190* ₹31/Day*
upto 35% OFF 235 L Double Door MRP ₹30690 EFFECTIVE PRICE ₹19790* ₹50/Day*
upto 48% OFF 596L Side By Side + 24L OTG MRP ₹101990 EFFECTIVE PRICE ₹52890* ₹99/Day*
upto 40% OFF HAVELLS Desert Cooler MRP ₹22390 EFFECTIVE PRICE ₹13490* ₹37/Day*
upto 36% OFF USHA Air Cooler MRP ₹13190 EFFECTIVE PRICE ₹8490* ₹24/Day*
upto 27% OFF 230L Deep Freezer MRP ₹32890 EFFECTIVE PRICE ₹23990* ₹67/Day*
upto 65% OFF 32 (81.28cm) HD TV MRP ₹22990 EFFECTIVE PRICE ₹7990* ₹22/Day*
upto 55% OFF 43 (109.7cm) Smart TV MRP ₹50490 EFFECTIVE PRICE ₹22490* ₹62/Day*
upto 49% OFF 55 (139.7cm) UHD TV MRP ₹66990 EFFECTIVE PRICE ₹34490* ₹103/Day*
upto 45% OFF 65 (165.1cm) Google TV MRP ₹101990 EFFECTIVE PRICE ₹55790* ₹162/Day*
upto 55% OFF 75 (190.5cm) UHD TV MRP ₹199900 EFFECTIVE PRICE ₹89990* ₹178/Day*
SAMSUNG LG Panasonic SONY LLOYD Haier Whirlpool Godrej IFB BOSCH VOLTAS DAIKIN HITACHI GENERAL BLUE STAR HAVELLS EUREKA FORBES Livpure KUTCHINA GLEN hindware FABER Sunflame USHA
UP TO ₹5,000 INSTANT DISCOUNT* SBI card
#Min. Trxn.: ₹30,000; Max. Discount: ₹5,000 per card; Also valid on EMI Trxns.; Validity: 17 May - 15 Jun 2025. T&C Apply.
SCAN FOR MORE OFFERS
Widest Range Of Products* | Extended Warranty*
Easy Finance Available HDB FINANCIAL SERVICES BAJAJ FINSERV EMI IDFC FIRST Bank
www.greateasternretail.com | Great Eastern Retail | HELPLINE 033 4037 2000
ଭୁବନେଶ୍ୱର ବାପୁଜୀ ନଗର 9853945074 | ଟଙ୍କପାଣି ରୋଡ୍ 7735435079
ସିଡିଏ 95836 47161 | କଟକ ଯୋବ୍ରା ରୋଡ 8908972713 | ପଟିଆ 9853933698
ODISHA | DELHI | HARYANA | WEST BENGAL | RAJASTHAN | UTTAR PRADESH | ANDHRA PRADESH | 90+ STORES
*Terms & conditions - Price includes cashback and exchange offer. Pictures are indicative. Offer applicable on selected models and brands. Exchange value applicable for working 1 to 2 years old Air Conditioner based on physical condition and submission of original invoice.




# ଆର୍‌ସିବି-କେକେଆର୍ ମ୍ୟାଚ୍ ବାତିଲ

## ପ୍ଲେଅଫ୍ ଦୌଡ଼ରୁ କୋଲକାତା ବାଦ୍

**ବେଙ୍ଗାଲୁରୁ,୧୭।୫:** ଦଶଦିନ ବ୍ୟବଧାନରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫେରିଛି। ହେଲେ ଶନିବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ଲଗାଣ ବର୍ଷା କାରଣରୁ ଧୋଇ ହୋଇଯାଇଛି। ଏପରିକି ମ୍ୟାଚ୍‌ରେ ଟସ୍ ମଧ୍ୟ ପଡ଼ିପାରି ନ ଥିଲା। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଏଥିଯୋଗୁ ଆର୍‌ସିବି ୧୨ ମ୍ୟାଚରେ ୧୭ ପଏଣ୍ଟ ସହ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନକୁ ଉଠିଛି। ଅନ୍ୟପକ୍ଷରେ କେକେଆର୍ ୧୩ଟି ମ୍ୟାଚ୍‌ରୁ ୧୨ ପଏଣ୍ଟ ସହ ପ୍ଲେଅଫ୍ ଦୌଡ଼ରୁ ବିଦାୟ ନେଇଛି। ରବିବାର ଦୁଇଟି ମ୍ୟାଚ୍ ଖେଳାଯିବାକୁ ଥିବାବେଳେ ଯଦି ଦିଲ୍ଲୀ କ୍ୟାପିଟାଲ୍ସ କିମ୍ବା ପଞ୍ଜାବ କିଙ୍ଗ୍ସ ସେମାନଙ୍କ ମ୍ୟାଚ୍‌ରେ ପରାଜିତ ହୁଅନ୍ତି, ତେବେ ଆର୍‌ସିବି ଆନୁଷ୍ଠାନିକ ଭାବେ ପ୍ଲେଅଫ୍‌ରେ ପ୍ରବେଶ କରିବ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ଗୁଜରାଟ ଟାଇଟନ୍ସ | ୧୧ | ୮ | ୩ | ୦ | ୧୬ | +୦.୭୯୩ |
| ପଞ୍ଜାବ କିଙ୍ଗ୍ସ | ୧୧ | ୭ | ୩ | ୧ | ୧୫ | +୦.୩୭୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୬ | ୪ | ୧ | ୧୩ | +୦.୩୬୨ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୬ | ୦ | ୧୦ | -୦.୪୬୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୩ | ୭ | ୧ | ୭ | -୧.୧୯୨ |
| ରାଜସ୍ଥାନ ରୟାଲ୍ସ | ୧୨ | ୩ | ୯ | ୦ | ୬ | -୦.୭୧୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୨ | ୩ | ୯ | ୦ | ୬ | -୦.୯୯୨ |

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ରାଜସ୍ଥାନ-ପଞ୍ଜାବ**
ସ୍ଥାନ: ଜୟପୁର
ସମୟ: ଅପରାହ୍ନ ୩ଟା

**ଦିଲ୍ଲୀ-ଗୁଜରାଟ**
ସ୍ଥାନ: ଦିଲ୍ଲୀ
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ରୋଷ୍ଟନ ଚେଜ୍‌ଙ୍କୁ ୱେଷ୍ଟଇଣ୍ଡିଜ ଟେଷ୍ଟ ଦଳର ନେତୃତ୍ୱ

**ଜାମାଇକା,୧୭।୫**

ରୋଷ୍ଟନ ଚେଜଙ୍କୁ ୱେଷ୍ଟଇଣ୍ଡିଜ ପୁରୁଷ ଟେଷ୍ଟ ଦଳର ନୂଆ ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି। ୨ ବର୍ଷ ପୂର୍ବେ ଅନ୍ତିମ ଟେଷ୍ଟ ଖେଳିଥିବା ୩୩ ବର୍ଷୀୟ ଚେଜ, କ୍ରେଗ ବ୍ରାଥୱେଟଙ୍କ ସ୍ଥାନ ନେବେ। ବ୍ରାଥୱେଟ ଗତ ମାର୍ଚ୍ଚରେ ନିଜ ପଦରୁ ଇସ୍ତଫା ଦେଇଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଟେଷ୍ଟ ସିରିଜ ସହିତ ଚେଜଙ୍କ ଅଧିନାୟକ କ୍ୟାରିୟର ଆରମ୍ଭ ହେବ। ଏହି ସିରିଜ୍ ସହିତ ଉଭୟ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ଦଳର ନୂଆ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଅଭିଯାନ ଆରମ୍ଭ ହେବ। ଜୋମେଲ ୱାରିକାନଙ୍କୁ ଉପ ଅଧିନାୟକ ନିଯୁକ୍ତ କରାଯାଇଛି। ଦଳର ନୂଆ ଅଧିନାୟକ ନିଯୁକ୍ତି ଲାଗି କ୍ରିକେଟ ୱେଷ୍ଟଇଣ୍ଡିଜ (ସିଡବ୍ଲ୍ୟୁଆଇ) ପକ୍ଷରୁ ଏକ ଇଣ୍ଟରଭ୍ୟୁ ପ୍ୟାନେଲ ଗଠନ କରାଯାଇଥିଲା।

ଭାରତ ଏ' ଦଳର ଇଂଲଣ୍ଡ ଟୁର

## କାନିଟକର ମୁଖ୍ୟ କୋଚ୍

**ମୁମ୍ବାଇ,୧୭।୫**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପୂର୍ବତନ ଅଲରାଉଣ୍ଡର ହୃଷୀକେଶ କାନିଟକରଙ୍କୁ ଭାରତ ଏ' ଦଳର ଆଗାମୀ ଇଂଲଣ୍ଡ ଟୁର ଲାଗି ମୁଖ୍ୟ କୋଚ୍ ନିଯୁକ୍ତ କରିଛି। ଏହି ଟୁର ମେ ୩୦ ତାରିଖରୁ ଆରମ୍ଭ ହେବାର ଅଛି। ଏହି ଟୁର ଲାଗି ରାଜୀବ ଦତ୍ତାଙ୍କୁ ବୋଲିଂ କୋଚ୍ ଓ ଜୟଦୀପ ଭଟ୍ଟାଚାର୍ଯ୍ୟଙ୍କୁ ଫିଲ୍ଡିଂ କୋଚ୍ ନିଯୁକ୍ତ କରାଯାଇଛି। ଅଭିମନ୍ୟୁ ଈଶ୍ୱରନଙ୍କ ନେତୃତ୍ୱାଧୀନ ଭାରତ ଏ' ଇଂଲଣ୍ଡ ଟୁରରେ ୩ ମ୍ୟାଚ୍ ଖେଳିବ। ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ପ୍ରଥମ ଦୁଇ ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍ ମେ ୩୦ରୁ ଜୁନ ୨ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ମ୍ୟାଚ୍ ଜୁନ ୬ରୁ ୯ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏହାପରେ ଜୁନ ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ଭାରତ ଏ' ଓ ସିନିୟର ଭାରତୀୟ ଦଳ ମଧ୍ୟରେ ମ୍ୟାଚ୍ ହେବ। ଭାରତୀୟ ଦଳର ମୁଖ୍ୟ କୋଚ ଗୌତମ ଗମ୍ଭୀର ପ୍ରଥମ ବ୍ୟାଚ୍‌ର ଖେଳାଳିଙ୍କ ସହିତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଟୁର କରିବେ। ସେ ଭାରତ ଏ'ର ଦ୍ୱିତୀୟ ମ୍ୟାଚ୍ ଦେଖିବେ। ଜୁନ ୨୦ ତାରିଖରେ ଇଂଲଣ୍ଡ ବିପକ୍ଷରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଆରମ୍ଭ ହେବାକୁ ଯାଉଥିବାରୁ ଭାରତ ଏ' ଦଳର ଏହି ଗସ୍ତ ଖୁବ୍ ଗୁରୁତ୍ୱ ରହିଛି। ସୂଚନାଯୋଗ୍ୟ ଯେ, କାନିଟକର ଭାରତ ପାଇଁ ୨ ଟେଷ୍ଟ ଓ ୩୪ ଦିନିକିଆ ମ୍ୟାଚ୍ ଖେଳିଥିଲେ। ସେ ୧୪୬ ଫାଷ୍ଟ-କ୍ଲାସ ମ୍ୟାଚ୍‌ରେ ୫୨.୨୬ ଆଭରେଜରେ ୧୦,୪୦୦ ରନ କରିଥିଲେ।

## ନିଧି ଭାରତୀୟ ଦଳର ଅଧିନାୟିକା

### ଚତୁଃରାଷ୍ଟ୍ରୀୟ ହକି

**ନୂଆଦିଲ୍ଲୀ,୧୭।୫ (ପି.ଟି.)**

ଆର୍ଜେଣ୍ଟିନାର ରୋସାରିଓଠାରେ ଖେଳାଯିବାକୁଥିବା ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଲାଗି ଶନିବାର ଏକ ୨୪ ଜଣିଆ ଦଳ ଘୋଷଣା କରାଯାଇଛି। ଗୋଲ୍‌କିପର ନିଧିଙ୍କୁ ଅଧିନାୟକତା ଓ ତାଙ୍କ ଡେପୁଟି ହୀନା ବାନୋଙ୍କୁ ତାଙ୍କ ଡେପୁଟି ଭାବେ ମନୋନୀତ କରାଯାଇଛି। ଆସନ୍ତା ମେ ୨୫ରୁ ଜୁନ୍ ୨ ପର୍ଯ୍ୟନ୍ତ ହେବାକୁଥିବା ଏହି ଟୁର୍ନାମେଣ୍ଟରେ ଚାରୋଟି ଦେଶ ଆର୍ଜେଣ୍ଟିନା, ଉରୁଗୁଏ, ଚିଲି ଓ ଭାରତ ଅଂଶଗ୍ରହଣ କରିବେ। ଡିସେମ୍ବରରେ ହେବାକୁଥିବା ଜୁନିୟର ବିଶ୍ୱକପ୍ ପାଇଁ ପ୍ରସ୍ତୁତିର ଏକ ଅଂଶବିଶେଷ ସ୍ୱରୂପ ଭାରତ ଅଂଶଗ୍ରହଣକାରୀ ପ୍ରତ୍ୟେକ ଦେଶ ବିପକ୍ଷରେ ଦୁଇଟି ଲେଖାଏ ମ୍ୟାଚ ଖେଳିବ। ଏଥିରେ ଦଳ ଏହାର ପ୍ରଦର୍ଶନ, ଟିମ୍ କମ୍ବିନେଶନ ଓ ରଣକୌଶଳକୁ ପରଖି ନେବ। ଦଳରେ ଦ୍ୱିତୀୟ ଗୋଲ୍‌କିପର ଭାବେ ଏଞ୍ଜିଲ ହର୍ଷ ରାନୀ ମିଞ୍ଜଙ୍କୁ ନିଆଯାଇଥିବା ବେଳେ ବିଦ୍ୟାଶ୍ରୀ ଭି'ଙ୍କୁ ଜଣେ ଷ୍ଟାଣ୍ଡବାଇ ଖେଳାଳି ଭାବେ ସାମିଲ କରାଯାଇଛି। ମମତା ଓରାମ, ଲାଲ୍‌ଥାଣ୍ଟଲୁଆଙ୍ଗି, ମନୀଷା, ପୂଜା ସାହୁ, ପାର୍ବତୀ ଟପ୍ପୋ, ନନ୍ଦିନୀ ଓ ସାକ୍ଷୀ ଶୁକ୍ଲାଙ୍କୁ ନେଇ ଭାରତର ଡିଫେନ୍ସ ୟୁନିଟ୍ ଗଠିତ। ମିଡ୍‌ଫିଲ୍ଡ ଲାଇନ୍‌ଅପ୍‌ରେ ପ୍ରିୟଙ୍କା ଯାଦବ, ଅନିଶା ସାହୁ, ରଜନୀ କେର୍‌କେଟା, ବିନିମା ଧନ୍, ଖାଇଦେମ ଶିଲିମା ଚାନୁ, ସଞ୍ଜନା ହୋରୋ, ସୁପ୍ରିୟା କୁଜୁର ଓ ପ୍ରିୟଙ୍କା ଡୋଗ୍ରା। ହୁଦା ଖାନ୍ ଓ ମୁନ୍‌ମୁନି ଦାସ ଷ୍ଟାଣ୍ଡବାଇ ମିଡ୍‌ଫିଲ୍ଡର ରହିଛନ୍ତି। ସେହିପରି ଫରୱାର୍ଡ ଲାଇନ୍‌ରେ ହୀନା ବାନୋ, ସୋନମ, ସୁଖବୀର କୌର, ଗୀତା ଯାଦବ, ଲାଲରିନ୍‌ପୁଇ, କନିକା ସିୱାଚ ଓ କରମନପ୍ରୀତ କୌର ପ୍ରମୁଖ ରହିଛନ୍ତି। ସେଲେଷ୍ଟିନା ହୋରୋ ଷ୍ଟାଣ୍ଡବାଇ ଫରୱାର୍ଡ ରହିଛନ୍ତି। ମେ ୨୫ରେ ଭାରତ ଏହାର ଓପନିଂ ମ୍ୟାଚ ଚିଲି ବିପକ୍ଷରେ ଖେଳିବ।


ଭାରତୀୟ ଜୁନିୟର ମହିଳା ହକି ଦଳ।

## ଆର୍ଯ୍ୟନ, ରଞ୍ଜିତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ଭୁବନେଶ୍ୱର,୧୭।୫(ଅନାଦି କର)**

ଓଡ଼ିଶାରେ ହ୍ୟାଣ୍ଡବଲ ପ୍ରଚାର ପ୍ରସାର ପଛରେ ପଡ଼ିଥିଲେ ମଧ୍ୟ ବ୍ୟକ୍ତିଗତ ପ୍ରଚେଷ୍ଟା ବଳରେ ଆର୍ଯ୍ୟନ ବ୍ରାହ୍ମିନ ଓ ରଞ୍ଜିତ ମହାନ୍ତି ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିପାରିଛନ୍ତି। ଗତ ୬ରୁ ୧୫ ତାରିଖ ପର୍ଯ୍ୟନ୍ତ ଓମାନର ମାସ୍କଟଠାରେ ଅନୁଷ୍ଠିତ ଏସୀୟ ପୁରୁଷ ବୀଚ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଥିବା ଭାରତୀୟ ଦଳରେ ଦୁହେଁ ସ୍ଥାନ ପାଇଥିଲେ। ସୂଚନାଯୋଗ୍ୟ ଯେ, ୨୦୨୨ରେ ଯୁବ ବିଚ୍ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଭାରତୀୟ ଦଳରେ ଏକମାତ୍ର ଓଡ଼ିଆ ଭାବେ ଆର୍ଯ୍ୟନ ସ୍ଥାନ ପାଇଥିଲେ। ଆର୍ଯ୍ୟନ ଓ ରଞ୍ଜିତ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ ଓଡ଼ିଶାର ହ୍ୟାଣ୍ଡବଲ ଦଳର ଖେଳାଳି ଓ ପ୍ରଶଂସକମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ।

## ପ୍ରଜ୍ଞାନନ୍ଦ ଜିତିଲେ ସୁପରବେଟ୍ କ୍ଲାସିକ୍

**ବୁଖାରେଷ୍ଟ (ରୋମାନିଆ), ୧୭।୫ (ପି.ଟି.)**

ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ ଫ୍ରାନ୍ସର ଭାଚିର ଲାଗ୍ରେଭ୍‌ଙ୍କୁ ପରାସ୍ତ କରି ଏଠାରେ ସୁପରବେଟ୍ କ୍ଲାସିକ୍ ଜିତିଛନ୍ତି। ଗ୍ରାଣ୍ଡ ଚେସ୍ ଟୁର୍‌ରେ ସେ ପ୍ରଥମ ଥର ଏକ ଟୁର୍ନାମେଣ୍ଟରେ ଟାଇଟଲ ବିଜୟୀ ହୋଇପାରିଛନ୍ତି। ଇଭେଣ୍ଟରେ ଆଧିପତ୍ୟ ବିସ୍ତାର କରି ଖେଳିଥିବା ଏହି ଭାରତୀୟ ଫାଇନାଲ ରାଉଣ୍ଡରେ ଆର୍ମେନିଆନ-ଆମେରିକାନ ଗ୍ରାଣ୍ଡମାଷ୍ଟର ଲେଭନ ଆରୋନିଆନଙ୍କ ସହ ତାଙ୍କ ଗେମ୍ ଡ୍ର ରଖିବା ପରେ ପ୍ରଥମ ସ୍ଥାନ ମୁକାବିଲା ପାଇଁ ସ୍ଥାନ ପକ୍କା କରିଥିଲେ। ଫାଇନାଲ ଟାଇ ପୂର୍ବରୁ ପ୍ରଜ୍ଞାନନ୍ଦଙ୍କୁ ଏକ କଠିନ ଟାଇବ୍ରେକ୍‌କୁ ଅତିକ୍ରମ କରିବାକୁ ପଡ଼ିଥିଲା। ମାକ୍ସିମି ଭାଚିର ଲାଗ୍ରେଭ୍ ଓ ଅଲିରେଜା ଫିରୋଜା ଓ ପ୍ରଜ୍ଞାନନ୍ଦ ପ୍ରତ୍ୟେକଙ୍କ ପଏଣ୍ଟ ସଂଖ୍ୟା ସମାନ ୫.୫ ପଏଣ୍ଟ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ୫ ମିନିଟ ବିଶିଷ୍ଟ ପ୍ରତିଟି ମୁଭ୍‌ରେ ଦୁଇ ସେକେଣ୍ଡ ଇନ୍‌କ୍ରିମେଣ୍ଟ ବ୍ୟବସ୍ଥା ଥିଲା। ପ୍ରଜ୍ଞାନନ୍ଦ ତାଙ୍କ ପ୍ରଥମ ଗେମ୍ କଳାଦାନରେ ଖେଳିଥିଲେ। ଫିରୋଜାଙ୍କ ବିପକ୍ଷ ଏହି ମ୍ୟାଚରେ ତାଙ୍କୁ ସାମାନ୍ୟ ସଂଘର୍ଷ କରିବାକୁ ପଡ଼ିଥିଲା। କିନ୍ତୁ ଶେଷରେ ସେ ଡ୍ର ରଖିବାରେ ସମର୍ଥ ହୋଇଥିଲେ। ଦ୍ୱିତୀୟ ଗେମ୍‌ରେ ଭାଚିର ଲାଗ୍ରେଭ୍‌ଙ୍କ ବିପକ୍ଷ ମ୍ୟାଚ୍‌କୁ ଫିରୋଜା ଡ୍ର ରଖିଥିଲେ। ଇଭେଣ୍ଟର ଅନ୍ତିମ ଗେମ୍‌ରେ ଭାଚିର-ଲାଗ୍ରେଭଙ୍କ ଡିଫେନ୍ସକୁ ଧ୍ୱସ୍ତ କରି ଟପ୍ ପ୍ରାଇଜ ଜିତିଥିଲେ। ବ୍ଲିଜ୍ ଗେମ୍ସରେ ଭାରତୀୟ ଖେଳାଳି ୧.୫ ପଏଣ୍ଟ ସ୍କୋର କରିଥିଲେ। ଏହାଦ୍ୱାରା ସେ ଫିରୋଜା ଏବଂ ଅନ୍ୟ ଫ୍ରେଞ୍ଚ ଗ୍ରାଣ୍ଡମାଷ୍ଟରଙ୍କଠାରୁ ଗୋଟିଏ ପଏଣ୍ଟ ଆଗରେ ରହିଥିଲେ। ସୂଚନାଯୋଗ୍ୟ, ପ୍ରଜ୍ଞାନନ୍ଦ ଗତବର୍ଷ ଏହି ଇଭେଣ୍ଟରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ଲେଅଫ୍‌ରେ ସମସ୍ତ ଗେମ୍ ହାରିଯାଇଥିଲେ। ଏଥର ସେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ପ୍ରଜ୍ଞାନନ୍ଦ କହିଛନ୍ତି, ଗତଥର ସେ ଭଲ କରି ନ ଥିଲେ। ଏଥର ଟାଇବ୍ରେକ୍ ପୂର୍ବରୁ ସେ କିଛି ଘଣ୍ଟା ବିଶ୍ରାମ ନେଇଥିଲେ। ଏହା ତାଙ୍କୁ ବେଶ୍ ସହାୟକ ହୋଇଥିଲା।



ଅତିଥିଙ୍କଠାରୁ ଟ୍ରଫି ଓ ପୁରସ୍କାର ରାଶି ଗ୍ରହଣ କରୁଛନ୍ତି ଆର୍. ପ୍ରଜ୍ଞାନନ୍ଦ(ମଝି)।

